କଟକ
ରବିବାର ୨୪ ମେ, ୨୦୨୬
ପ୍ରାତଃ ସଂସ୍କରଣ

May 24, 2026 Cuttack
Vol - XXIV, Issue - 52
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

**PRATIDIN Odia Daily**
ସବୁବେଳେ ଆପଣଙ୍କ ସାଥିରେ





# ବେଦାନ୍ତର ବଡ଼ ସଂକଳ୍ପ
# ନୂଆ ରୂପ ପାଇଲା ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର




ରାୟଗଡ଼ା,୨୩।୫(ନିପ୍ର): ବେଦାନ୍ତ ଆଲୁମିନିୟମ ତାହାର ସିଜିମାଳି ବକ୍ସାଇଟ ଖଣିର ସିଏସଆର୍ ପଦକ୍ଷେପ ଅଧୀନରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦକ୍ଷ ଚିକିତ୍ସା କର୍ମଚାରୀ ଓ ସ୍ୱାସ୍ଥ୍ୟ ସହାୟତା ମାଧ୍ୟମରେ ଚିକିତ୍ସା ସେବାକୁ ସୁଦୃଢ଼ କରିଛି। ଯାହା ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ କଭରେଜକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ବଢ଼ାଇଛି। ରାୟଗଡା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସହଯୋଗରେ କରାଯାଇଥିବା ଏହି ପଦକ୍ଷେପ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଦୀର୍ଘଦିନର ମାନବ ସମ୍ବଳ ଅଭାବକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ପିଏଚ୍‌ସି ପ୍ରାୟ ୨୦,୦୦୦ ଜନସଂଖ୍ୟାକୁ ସେବା ପ୍ରଦାନ କରୁଛି। ବେଦାନ୍ତ ଆଲୁମିନିୟମ ପିଏଚସିର ସମସ୍ତ ୧୧ଟି ପଦବୀରେ ଏମବିବିଏସ୍ ଡାକ୍ତର, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ନର୍ସିଂ କର୍ମଚାରୀ ସହ ଆମ୍ବୁଲାନ୍ସ ସୁବିଧା ପାଇଁ ସହାୟତା ପ୍ରଦାନ କରିଛି।ସ୍ଥାନୀୟ ଲୋକଙ୍କ ସ୍ଥାୟୀ ଡାକ୍ତର ଏବଂ ନର୍ସିଂ କର୍ମଚାରୀ ନିଯୁକ୍ତି ଦାବି ସ୍ୱରୂପ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ମର୍ଚ୍ଚୁଆରୀ ଭ୍ୟାନ୍‌କୁ ବ୍ୟାପକ ସ୍ୱାସ୍ଥ୍ୟ ସୁଦୃଢ଼ୀକରଣ ପ୍ରୟାସର ଅଂଶ ଭାବେ ପ୍ରସ୍ତାବିତ କରାଯାଇଛି, କିନ୍ତୁ ଏହା ଏପର୍ଯ୍ୟନ୍ତ ନିୟୋଜିତ ହୋଇନାହିଁ। ମେ ୨୨ରେ ଏହି ବିସ୍ତୃତ ସ୍ୱାସ୍ଥ୍ୟ ସହାୟତାର ଔପଚାରିକ ଉଦ୍ଘାଟନ କରାଯାଇଥିଲା। ଏହା ସହିତ ମୋବାଇଲ ହେଲ୍ଥ ୟୁନିଟ୍ ଦ୍ୱାରା ଦୂରବର୍ତ୍ତୀ ଗ୍ରାମଗୁଡିକରେ ପ୍ରାଥମିକ ଚିକିତ୍ସା, ସ୍କ୍ରିନିଂ, ରେଫରାଲ ସହାୟତା ଓ ସ୍ୱାସ୍ଥ୍ୟ ସଚେତନତା ସେବା ଦ୍ୱାରମୁହଁରେ ପହଞ୍ଚାଯାଉଛି। ଉଦ୍ଘାଟନ ସମାରୋହରେ କାଶୀପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷା କୁନି କୁମାରୀ ନାୟକଙ୍କ ସ୍ୱାମୀ ଗୋବିନ୍ଦ ଚନ୍ଦ୍ର ନାୟକ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ଜାତୀୟ ସ୍ୱାସ୍ଥ୍ୟ ମିଶନ ) ସୁନୀଲ କୁମାର ରାୟ, ଏଏନ୍‌ଏମ୍ ଦମୟନ୍ତୀ ସାହୁ, ପ୍ରଧାନଶିକ୍ଷକ ଗୌରବ ମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଜଗାର ମେଳାରେ
# ୪୦ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ




ସମ୍ବଲପୁର,୨୩।୫(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଭିଡିଓ କନଫରେନ୍ସିଂ ଜରିଆରେ ୧୯ତମ ଜାତୀୟ ରୋଜଗାର ମେଳାରେ ଦେଶବ୍ୟାପୀ ୫୧ ହଜାରରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଦେଶର ୪୭ଟି ସ୍ଥାନରେ ଆୟୋଜିତ ଏହି ରୋଜଗାର ମେଳା ନିଯୁକ୍ତି ସୃଷ୍ଟି ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପୁଣି ଥରେ ପ୍ରତିଫଳିତ କରିଛି। ସେହି କ୍ରମରେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ଆୟୋଜିତ ଆଞ୍ଚଳିକ ରୋଜଗାର ମେଳାରେ ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ନିଯୁକ୍ତ ହେବାକୁ ଥିବା ୪୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ, ଡିପିଏସ୍‌ଏସ୍ କେ ଠାକରେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏପର୍ଯ୍ୟନ୍ତ ଆୟୋଜିତ ୧୯ ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି।

# ଓରାମପଡ଼ା ଓ ନାରୁପଡ଼ାରେ ଟେଲରିଂ ତାଲିମ୍



ରେଙ୍ଗାଲି /ଲପଙ୍ଗା, ୨୩।୫(ନିପ୍ର) ଗ୍ରାମାଞ୍ଚଳର ମହିଳା ମାନଙ୍କୁ ଦକ୍ଷ କରିବା ସହ ସ୍ୱରୋଜଗାର କ୍ଷେତ୍ରରେ ସୁଯୋଗ ସୃଷ୍ଟି ଲକ୍ଷ୍ୟ ରେ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ସିଏସ୍‌ଆର ବିଭାଗ ପକ୍ଷରୁ ବୋମାଲୋଇ ପଞ୍ଚାୟତର ଓରାମପଡ଼ା ଓ ଘିଚାମୁରା ପଞ୍ଚାୟତର ନାରୁପଡ଼ା (ଡେରବା) ଗ୍ରାମରେ ଟେଲରିଂ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓରାମପଡ଼ା ରେ ଆୟୋଜିତ ଉଦ୍‌ଘାଟନୀ ସଭା ରେ ଆଦିତ୍ୟ ଆଲୁମିନିୟମ କାରଖାନାର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ଓ ନଡ଼ିଆ ପିଟି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସର ରେ ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ସମିତି ସଭ୍ୟା ଅଞ୍ଜଳି କିସାନ, ସିଏସ୍‌ଆର ହେଡ୍ ରବି ନିବାସ, ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରାଙ୍କ ସମେତ ସିଏସ୍‌ଆର ଟିମ୍‌ର ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ରେ ୫୦ରୁ ଅଧିକ ମହିଳା ତାଲିମ୍ ପାଇଁ ନାମ ଲେଖାଇଥିବା ଜଣାପଡ଼ିଛି।ସେହିପରି ନାରୁପଡ଼ା (ଡେରବା) ଗ୍ରାମ ରେ ମଧ୍ୟ ଟେଲରିଂ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିବା ବେଳେ ସେଠା ରେ ପ୍ରାୟ ୫୦ ଜଣ ମହିଳା ଯୋଗ ଦେଇଥିଲେ। ଉଭୟ କେନ୍ଦ୍ର ରେ ଦୁଇଜଣ ମାଷ୍ଟର ଟ୍ରେନର ନିୟୋଜିତ ହୋଇ ଥିବା ବେଳେ ସେମାନେ ମହିଳାମାନଙ୍କୁ ଟେଲରିଂ କୌଶଳ, ପୋଷାକ ପ୍ରସ୍ତୁତି ଓ ଆଧୁନିକ ଡିଜାଇନ୍ ସମ୍ପର୍କ ରେ ପ୍ରଶିକ୍ଷଣ ପ୍ରଦାନ କରିବେ।ଏହି ଅବସର ରେ ଶ୍ରୀ ନାୟକ କହିଥିଲେ, ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପରବର୍ତ୍ତୀ ସମୟ ରେ ଭୁବନେଶ୍ୱର ରେ ଉନ୍ନତ ଟେଲରିଂ ଓ ଡିଜାଇନିଂ ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏହାସହ ସେମାନଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ନିମନ୍ତେ କମ୍ପାନୀ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଆଦିତ୍ୟ ଆଲୁମିନିୟମର ଏହି ପଦକ୍ଷେପ ସ୍ଥାନୀୟ ମହିଳାଙ୍କ ଦକ୍ଷତା ବିକାଶ ଓ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ କମ୍ପାନୀର ସାମାଜିକ ଦାୟିତ୍ୱବୋଧକୁ ପ୍ରଶଂସା କରିଛନ୍ତି

# ଜେକେ ପେପର ମିଲ ପକ୍ଷରୁ
# ମଲ୍ଟି ସ୍ପେଷାଲିଟି ସ୍ୱାସ୍ଥ୍ୟ ଶିବିର



ରାୟଗଡ଼ା,୨୩।୫(ନିପ୍ର): ରାୟଗଡ଼ା ଜିଲ୍ଲା ଜେକେପୁରସ୍ଥିତ ଜେକେ କାଗଜ କଳର ସିଏସ୍‌ଆର ବିଭାଗ ପକ୍ଷରୁ ମେଡିକଭର ହସ୍ପିଟାଲ, ବିଜୟନଗରମର ସହଯୋଗରେ ନିକଟସ୍ଥ ଗ୍ରାମଗୁଡ଼ିକର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ **ମଲ୍ଟି ସ୍ପେଷାଲିଟି** (ବହୁ–ବିଶେଷଜ୍ଞ) ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଜେକେ କାଗଜ କଳର ମହାପ୍ରବନ୍ଧକ (ଏଚ୍‌ଆର୍)ସନ୍ଦୀପ ପାଣ୍ଡେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କେଭିଆର ରାଓ ଓ ଲୋକସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଉପସ୍ଥିତ ଥିଲେ। ବିଜୟନଗରମର ଅସ୍ଥିରୋଗ ବିଶେଷଜ୍ଞ ଡା. ଜିନାଗମ୍ ଏମ୍ ପ୍ରବୀଣ କୁମାର, ଶିଶୁରୋଗ ବିଶେଷଜ୍ଞ ଡା. ଚମ୍ପା ଭବାନୀ ଶଙ୍କର, ସାଧାରଣ ଚିକିତ୍ସକ ଡା. ରାଜେଶ ପଲ୍ଲାମାରାଜୁ ବୋଲ୍ଲାପ୍ରଗଡା, ହୃଦରୋଗ ବିଶେଷଜ୍ଞ ଡା. ଉମା ଦେବୀ ୟୁ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ପି. ପୂଜିତା ଚିକିତ୍ସା କରିଥିଲେ। ରକ୍ତଚାପ, ଡାୟାବେଟିସ୍ ପରୀକ୍ଷା, ଇସିଜି ଓ ବିଏମ୍‌ଆଇ ପରୀକ୍ଷା ମଧ୍ୟ କରାଯାଇଥିଲା। ନିକଟସ୍ଥ ୧୧ ଖଣ୍ଡ ଗ୍ରାମରୁ ୩୩୫ ଜଣ ରୋଗୀ ନିଶୁଳ୍କ ଚିକିତ୍ସା ସୁବିଧା ଓ ପରାମର୍ଶ ଲାଭ କରିଥିଲେ। ରୋଗୀମାନଙ୍କୁ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ସ୍ଥାନୀୟ ଲୋକମାନେ ବହୁତ ପ୍ରଶଂସା କରିଥିଲେ।

# ରକ୍ତ କର୍କଟ ଆଉ ଦୁରାରୋଗ୍ୟ ନୁହେଁ,
# ଏହାକୁ ପରାସ୍ତ କରିହେବ: କୁଳପତି




ଭୁବନେଶ୍ୱର,୨୩।୫(ନିପ୍ର): ରକ୍ତ କର୍କଟ ଆଉ ଦୁରାରୋଗ୍ୟ ହୋଇ ରହିନାହିଁ ଏହାର ଚିକିତ୍ସାସମ୍ଭବ ଓ ଏହାକୁ ପରାସ୍ତ କରିବା ସହ ରୋଗୀ ସୁସ୍ଥ ଜୀବନ ଶୈଳୀରେ ବଞ୍ଚିପାରିବ ବୋଲି କହିଛନ୍ତି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡା.) ମାନସ ରଞ୍ଜନ ସାହୁ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ଲିନିକାଲ୍ ହେମାଟୋଲୋଜି, ହେମାଟୋଅଙ୍କୋଲୋଜି ଓ ଷ୍ଟେମ୍ ସେଲ ଟ୍ରାନ୍ସପ୍ଲାଂଟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ସାହୁ ସମ ହସ୍ପିଟାଲ୍‌ର ସ୍ୱତନ୍ତ୍ର ବିଭାଗ ପକ୍ଷରୁ ରକ୍ତ କର୍କଟ ରୋଗୀଙ୍କ ଚିକିତ୍ସାକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କ୍ଲିନିକାଲ୍ ହେମାଟୋଲୋଜି ବିଭାଗ ପକ୍ଷରୁ ୧୦୦ ରୁ ଅଧିକ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ସମ୍ପନ୍ନ କରାଯିବାରୁ ବିଭାଗକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତ କର୍କଟରେ ରୋଗୀଙ୍କ ସେବା ଓ ଯତ୍ନ ନିହାତି ଜରୁରୀ। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଂଟ ନେଇ ସଫଳ ପଦକ୍ଷେପ ନିଆଯାଉଥିବା ପ୍ରଫେସଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ–୧ର ଡିନ୍ ପ୍ରଫେସର (ଡା.)ସଂଘମିତ୍ରା ମିଶ୍ର ଅନୁପସ୍ଥିତ ଥିବାରୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ –୨ର ଡିନ୍ ପ୍ରଫେସର ଡା. ଅରକ୍ଷିତ ସ୍ୱାଇଁ ଏବଂ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ରାଜେଶ କୁମାର ଲେଙ୍କା ରକ୍ତ କର୍କଟର ସମସ୍ୟା ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ। ସମ ହସ୍ପିଟାଲ୍ କ୍ୟାମ୍ପସ–୧ର ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାର କହିଥିଲେ, ପ୍ରଥମେ ଭାରତରେ ୩ଟି କାର–ଟି ଥେରାପି ଆରମ୍ଭ କରାଯାଇଥିଲା ସେତେବେଳେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଅନ୍ୟତମ ଥିଲା। ଏବେ ଏହାର ସଂଖ୍ୟା ୪ରେ ପହଂଚିଛି। ଓଡ଼ିଶାରେ ପ୍ରଥମ ହାପ୍‌ଲୋ। ଆଇଡିଂଟିକାଲ୍ ଆଲୋଜେନିକ୍ ଷ୍ଟେମ୍‌ସେଲ ଟ୍ରାନ୍ସପ୍ଲାଂଟ ସୁବିଧା ରହିଛି। ଏପର୍ଯ୍ୟନ୍ତ ୧୪ଟି ଆଲୋଜେନିକ୍ ଟ୍ରାନ୍ସପ୍ଲାଂଟ କରାଯାଇଥିବା ପ୍ରଫେସର ସାମନ୍ତସିଂହାର କହିଛନ୍ତି। କ୍ଲିନିକାଲ୍ ହେମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରିୟଙ୍କା ସାମଲ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ ସୂର୍ଯ୍ୟଘର ଯୋଜନାର ସୁଫଳ
# ୭ଶହ ଉପଭୋକ୍ତାଙ୍କ ଶୂନ୍ୟ ୟୁନିଟ୍ ବିଲିଂ
## ୧୮୭୫ ଟଙ୍କାରେ ସ୍ଥାପନ ହେଉଛି ସୋଲାର ପ୍ୟାନେଲ



କେନ୍ଦୁଝର,୨୩।୫ (ନିପ୍ର): ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତାମାନେ ବିଜୁଳି ବିଲ୍‌ରେ ଆଶାତୀତ ହ୍ରାସ କରିପାରିଛନ୍ତି। ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲକୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି। ବିଗତ ମାସରେ କେନ୍ଦୁଝର ଜିଲ୍ଲାର ୭୦୦ରୁ ଅଧିକ ଉପଭୋକ୍ତାଙ୍କ ଘରେ ବିଜୁଳି ବିଲ୍ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ହୋଇଛି। ମେ' ମାସକୁ 'ସୌର ମାସ' ଭାବେ ପାଳନ କରିବା ଅବସରରେ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ସହିତ ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ଅଧିକ ତ୍ୱରାନ୍ୱିତ କରିଛି। ସଂସ୍ଥା ପକ୍ଷରୁ ୧–କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ୧୮୭୫ ଟଙ୍କାରେ ଉଚ୍ଚ ଗୁଣମାନ ବିଶିଷ୍ଟ ସୌର ପ୍ୟାନେଲ ସ୍ଥାପନା କରାଯାଉଛି। ଏହା ସହ ମିଟର ଦେୟ ବାବଦକୁ ସମାନ ମାସିକ କିସ୍ତି(ଇଏମଆଇ) ବ୍ୟବସ୍ଥା ମଧ୍ୟ ରହିଛି। ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଏଯାବତ କେନ୍ଦୁଝର ଜିଲ୍ଲାରେ ୩,୪୦୦ରୁ ଅଧିକ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନା କରିଛନ୍ତି। କେନ୍ଦୁଝର ଡିଭିଜନରେ ୯୮୭, ଯୋଡ଼ାରେ ୪୯୮ ଓ ଆନନ୍ଦପୁର ଡିଭିଜନରେ ୧୯୨୦ ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ଯୋଜନାରେ ସାମିଲ୍ ହୋଇଛନ୍ତି। ଏ ନେଇ ହରିଚନ୍ଦନପୁର ଅଞ୍ଚଳର ବିଜୟ କୁମାର ସାହୁ କହନ୍ତି ଯେ, ସେ ୧–କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି। କିଛି ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ମଧ୍ୟ ହୋଇଛି। ୩କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା ଘଟଗାଁର ସବିତା ପଲେଇ କହିଛନ୍ତି, ଆଗରୁ ମାସିକ ବିଜୁଳି ବିଲ୍ ୧୫୦୦/୧୬୦୦ଟଙ୍କା ଆସୁଥିଲା। ସୋଲାର ବ୍ୟବସ୍ଥା କରିବା ପରେ ମାସିକ ବିଲ୍ ବହୁତ୍ କମିବା ସହ କିଛି ମାସରେ ଶହେ ଟଙ୍କାରୁ କମ୍ ଆସିଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଉପଭୋକ୍ତାମାନେ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦–୩୪୫୬–୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ସାନ୍ତାଳି ଲିପି କାର୍ଯ୍ୟକ୍ରମ ଅଲ୍ ଇତୁନ୍
# ଆଶ୍ରାର ନୂତନ ଶାଖା ପ୍ରତିଷ୍ଠା




ରାଇରଙ୍ଗପୁର,୨୩/୫(ନିପ୍ର) ରାଇରଙ୍ଗପୁର ଉପଖଣ୍ଡର ସହିଦ ନୁନୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ, ରାଇରଙ୍ଗପୁର ବ୍ଲକର ଚମ୍ପାଉଦା ତରଫରୁ ମୁଖ୍ୟଟ୍ରଷ୍ଟୀ ମନରଂଜନ ହାଁସଦାଃଙ୍କ ସହାୟତାରେ ଅଲ୍‌ଚିକି ଲିପିର ପ୍ରସାର ଉଦ୍ଦେଶ୍ୟରେ ପୁରୁଣାପାଣି ପଞ୍ଚାୟତର ପାଟେପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶାଖା ପ୍ରତିଷ୍ଠା କରାଯାଇଛି । ଏହି ଶିକ୍ଷା କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ସମ୍ପାଦକ ମୋଚିରାମ ମାଝୀ, ସମ୍ମାନନୀୟ ଅତିଥିଭାବେ ଅଲଚିକି ଶିକ୍ଷକ ବାଲାଇ ଟୁଡୁ ଓ ଲକ୍ଷ୍ମୀପ୍ରିୟା ମାଝୀ ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ । ସେଓ୍ୱାସ୍ତମ୍ବର ସଭାପତି ରବିନ୍ଦ୍ର କୁମାର ମୁଖି, ସୁଭଦ୍ରା ମାର୍ଣ୍ଡି, ଦୁଷ୍ମନ୍ତ କୁମାର ମୁଖି ପ୍ରମୁଖ ଯୋଗଦେଇ ମଞ୍ଚକୁ ଗୌରବାନ୍ୱୀତ କରିଥିଲେ । ଅଲଚିକି ଲିପି ଶିଖିବା ପାଇଁ ପ୍ରଥମ ଦିନରେ ପାଟେପାଣି ଗ୍ରାମର ୪୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଶିକ୍ଷକଙ୍କ ଠାରୁ ଶିକ୍ଷାଗ୍ରହଣ କରିଥିଲେ । ପାଟେପାଣି ଅଲ୍ ଇତୁନ ଆଶ୍ରାର ପିଲାଙ୍କୁ ଦେଖି ଖୁବ୍ ଖୁସି ଅନୁଭବ ହେଉଛି। ସହିଦ୍ ନୁନୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କରାଯାଇ ଥିବା ପ୍ରୟାସ ସଫଳ ହୋଇଛି ।ସଭାପତିଙ୍କ ଅନୁରୋଧକ୍ରମେ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁଭଦ୍ରା ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ପ୍ରାନ୍ତୀୟ
# ସମ୍ପାଦକ ହେଲେ ସୁନାକର ବେହେରା



କୁଜଙ୍ଗ,୨୩।୫(ନିପ୍ର): ଜଗତସିଂହପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡ. ସୁନାକର ବେହେରାଙ୍କୁ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ରାଜ୍ୟ ପୂର୍ବ ପ୍ରାନ୍ତୀୟ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ଡ.ବେହେରା ପୂର୍ବରୁ ଓଡିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଭାବେ ୯ ବର୍ଷ କାର୍ଯ୍ୟ କରିଛନ୍ତି। ଭୁବନେଶ୍ୱର ସ୍ଥିତ ସତ୍ୟନଗରର ପୂର୍ତ୍ତ ଡାକବଙ୍ଗଳାରେ ଓଜେୟୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତି କ୍ରମେ ଡ. ବେହେରାଙ୍କୁ ପୂର୍ବ ପ୍ରାନ୍ତୀୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକାରିଣୀ ବୈଠକ ଆରମ୍ଭରେ ଗଞ୍ଜାମ ଜିଲ୍ଲାର ପୂର୍ବତନ ସଭାପତି ରବୀନ୍ଦ୍ର ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଓଜେୟୁ ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜ, ରାଜ୍ୟ ସାଧାରଣ ସମ୍ପାଦକ ଦର୍ଯ୍ୟୋଧନ ମହାରଣା, ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ମାନସ ଓଝା, ଉପସଭାପତି ରମଣୀ ରଞ୍ଜନ ଦାସ, ଜଗତସିଂହପୁର ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକଙ୍କ ସମୀକ୍ଷା

ଜୟପୁର, ୨୪।୫(ନି ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଓ ରୋଗୀସେବାର ମାତ୍ରା ନେଇ ବିଧାୟକ ତାରା ପ୍ରସାଦ ବାହିନୀପତି ଶନିବାର ଦିନ ସମୀକ୍ଷା କରିଛନ୍ତି । ଚିକିତ୍ସାଳୟର ବିଭିନ୍ନ ୱାର୍ଡ, ଆପାତକାଳୀନ ବିଭାଗ, ପରୀକ୍ଷାଗାର ଓ ଔଷଧ ବଣ୍ଟନ କେନ୍ଦ୍ର ପରିଦର୍ଶନ ସମୟରେ ଅସଂଖ୍ୟ ଅଭିଘାତଜନକ ବିଷୟ ସମାଲୋଚନା ଦେଖିବାକୁ ମିଳିଥିଲା ଡାକ୍ତର, ଅପରେସନ୍ ଥିଏଟର ସହାୟକ ଓ ଫାର୍ମାସିଷ୍ଟଙ୍କ ପଦ ଖାଲି ରହିଛି, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାର ସରମ ଅଭାବ,ତିନି ଫେଜ୍? ବିଦ୍ୟୁତ ସୋଷଣ ନ ଥିବାରୁ ଲିଫ୍ଟ ଅଚଳସିଟି ସ୍କାନ୍ ଓ ଅଲଟ୍ରାସାଉଣ୍ଡ ସେବାରେ



ଅନିୟମିତତା, ଶୌଚାଳୟର ଦୟନୀୟ ଅବସ୍ଥା ଓ ପାନୀୟଜଳର ଅଭାବ ଦେଖି ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଉପରେ ବିଧାୟକ ବିଗିଡ଼ିଥିଲେ। ଚିକିତ୍ସାଳୟର ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା, ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ,ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଦୃଢ଼ ଉପସ୍ଥିତି ଚିକିତ୍ସକୀୟ ସାମଗ୍ରୀର ସୁନିୟମିତ ଯୋଗାଣ, ରୋଗୀଙ୍କ ସମୟୋପଯୋଗୀ ଓ ସ୍ୱଚ୍ଛ ସେବା ସମସ୍ତ ସେବାରେ ପରିଚ୍ଛନ୍ନତା ସୁରକ୍ଷା କର୍ମଚାରୀ ଓ ସଫା–ସୁତୁରାଙ୍କ ଇପିଏଫ୍ ଓ ଇଏସଆଇ ସୁବିଧା,ଚିକିତ୍ସାଳୟରେ ରୋଗୀ ଓ ତାଙ୍କ ପରିବାରବର୍ଗ ଯେକୌଣସି ଅସୁବିଧା ଅନୁଭବ କରିବେ ନାହିଁ, ଏଥିପାଇଁ ତତ୍କାଳ ଏବଂ ଫଳାଫଳମୁଖୀ ପଦକ୍ଷେପ ଅବଶ୍ୟ ଗ୍ରହଣ କରିବାକୁ ହେବ ଏବଂ ରୋଗୀ ଙ୍କୁ ସେବା ଦେବାରେ ମଧ୍ୟ ଶାଳିନତା ରଖିବାକୁ ପଡିବ ବୋଲି ବିଧାୟକ କହିଥିଲେ। ଆଜିର ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏ.କେ. ରଥ, ସମ୍ପୂର୍ଣ୍ଣ ଡାକ୍ତର ମଣ୍ଡଳୀ, ସ୍ୱାସ୍ଥ୍ୟ ଅଧିକାରୀ ଓ ଚିକିତ୍ସାଳୟର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳ ସେବା ନିବୃତ୍ତ ସେନାନି ସଂଘ ପକ୍ଷରୁ ଜଳ ସେବା




ଯାଜପୁର ୨୩।୫(ନିପ୍ର): ଉତ୍କଳ ସେବା ନିବୃତ୍ତ ସେନାନି ସଂଘ ଯାଜପୁର ପକ୍ଷରୁ ଜଳ ସେବା କାର୍ଯ୍ୟକ୍ରମ ସଭାପତି ରବୀନ୍ଦ୍ରନାଥ ଜେନାଙ୍କ ଅଧ୍ୟକ୍ଷତା ଓ ସଂପାଦକ ଆଦିତ୍ୟ କୁମାର ବଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଆଡଭୋକେଟ କୁଳମଣି ନାୟକ (ପବ୍ଲିକ ପ୍ରସିକ୍ୟୁଟର) ଏହାକୁ ଉଦ୍‌ଘାଟନ କରି ଏଭଳି ମହତ କାର୍ଯ୍ୟ ନିମନ୍ତେ ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ। ପ୍ରାୟ ୧୦୦୦ରୁ ଅଧିକ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର, ସଂପାଦକ ଅଭିମନ୍ୟୁ ମିଶ୍ର, ଯାଜପୁର ବିକାଶ ମଞ୍ଚ ସଂପାଦକ ଗିରିଶ ବିହାରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଉତ୍କଳ ସେବା ନିବୃତ୍ତ ସେନାନି ସଂଘର ଉପଦେଷ୍ଟା ଚନ୍ଦ୍ରଶେଖର ସାମଲ, ରାଜ୍ୟ ସଂଘ ଉପଦେଷ୍ଟା ଶୀତେଶ କୁମାର ପଣ୍ଡା, ପ୍ରାକ୍ତନ ସଭାପତି ରବୀନ୍ଦ୍ର ନାଥ ସାହୁ, ଅକ୍ଷୟ କୁମାର ନାୟକ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଷ୍ଣୁ ଚରଣ ନାଥ, ସୁବାଷ ଚନ୍ଦ୍ର ତ୍ରିପାଠୀ, ସ୍ମୃତିରଞ୍ଜନ ଓଝା, ବିଶ୍ୱମ୍ବର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଥସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଯାଜପୁର ,୨୩।୫(ନିପ୍ର)– ଚଳିତ ବର୍ଷ ଯାଜପୁର ଜିଲ୍ଲା ସ୍ଥିତ ନାଥସାହି ଆଂଚଳିକ ମହାବିଦ୍ୟାଳୟର ୨ କଳା ଓ ବାଣିଜ୍ୟର ଛାତ୍ର ଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ।କଳା ବିଭାଗର ୨୫୪ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ ଶ୍ରେଣୀ ,୭୩ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୨୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ମୋନାଲିସା ସାହୁ , ସର୍ବାଧିକ ୫୩୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଇତିଶ୍ରୀ ସାହୁ ୫୧୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ରୂପଶ୍ରୀ ବେହେରା ୫୦୩ ଓ ଚିନ୍ମୟ ବେହେରା ୫୦୧ ନମ୍ବର ରଖି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟ ବିଭାଗ ରେ ୧୨ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୨ ଜଣ ପ୍ରଥମ ଶ୍ରେଣୀ , ୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬ ଜଣ ତୃତୀୟ ଶ୍ରେଣୀ ଅଧିକାର କରିଛନ୍ତି। ପରୀକ୍ଷାରେ ହୁବେଦା ୪୬୯ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ଦିଗରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଭିଭାବକ ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ଉଲ୍ଲାସ ର ବାତାବରଣ ସୃଷ୍ଟି ହୋଇଛି।

# ଜମି ମାଲିକଙ୍କ ଅଗୋଚରରେ
# ମାଟି ତାଡି ନେଲେ ମାଫିଆ



କୁଜଙ୍ଗ,୨୩।୫(ନିପ୍ର): କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ କଙ୍କରଦିଆ ବିଦ୍ୟାଳୟ ନିକଟରେ ଥିବା ଏକ ଜମିରୁ ରାତି ଅଧିଆ ମାଟି ଖୋଳାଯାଇ ବିକ୍ରି କରିଦିଆଯାଇଥିବା ଜମି ମାଲି ଅଭିଯୋଗ କରିଛନ୍ତି। କୁଜଙ୍ଗ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କୁଜଙ୍ଗ ବ୍ଲକ କୋଠୀ ପଞ୍ଚାୟତ ସିଙ୍ଗୁ ଗ୍ରାମର ସୁଧୀର ନାୟକଙ୍କର କଙ୍କରଦିଆ ବିଦ୍ୟାଳୟ ନିକଟରେ ୧ଏକର ୩୬ ଡିସିମିଲ ଜମି ରହିଛି। ସିଙ୍ଗୁ ଗ୍ରାମରୁ କଙ୍କରଦିଆ ପ୍ରାୟ ୧୩ କିମି ଦୂର। ଏହା ସୁଯୋଗରେ କଙ୍କରଦିଆ ଗ୍ରାମର ଜଣେ ବ୍ୟକ୍ତି ରାତି ଅଧରେ ଜମିରୁ ମେସିନ୍ ସାହାଯ୍ୟରେ ତାଡ଼ି ଟ୍ରାକ୍ଟରରେ ୨୫୦ ଟ୍ରିପ୍ ମାଟି ବିକି କରିଦେଇଛନ୍ତି। ସୁଧୀରଙ୍କ ଅଭିଯୋଗ ଆଧାରରେ କୁଜଙ୍ଗ ପୋଲିସ ତଦନ୍ତ ଜାରି ରଖିଛି। ମାଟି ବିକ୍ରି କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଶ୍ରୀ ନାୟକ ଦାବି କରିଛନ୍ତି।

# ଠାକୁରମୁଣ୍ଡା ହାଇସ୍କୁଲ ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ



ଠାକୁରମୁଣ୍ଡା,୨୩।୫(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସର୍ବପୁରାତନ ହାଇସ୍କୁଲ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଗତ ଡିସେମ୍ବର ୨୬ ତାରିଖ ଠାରୁ ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳନ ହୋଇଥିଲାବେଳେ ଚଳିତ ମେ ୨୨ ତାରିଖ ଶୁକ୍ରବାର ଦିନ ସ୍ମରଣିକା ଶାଲ୍ମଳୀ ଉନ୍ମୋଚନ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ପୁରାତନ ଛାତ୍ର ତଥା କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ର ସହକାରୀ ପ୍ରାଧ୍ୟାପକ ଡ଼ଃ. ସୁମନ୍ତ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ମରଣିକା ଶାଲ୍ମଳୀ କୁ ଉପସ୍ଥିତ ଅତିଥି ମାନେ ଉନ୍ମୋଚନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଠାକୁରମୁଣ୍ଡା ଥାନାଧିକାରୀଣୀ ସାବିତ୍ରୀ ଦଳେଇ ଯୋଗ ଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ।କାର୍ଯ୍ୟବ୍ୟସ୍ତତା ଯୋଗୁ ମୁଖ୍ୟ ଅତିଥି କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବୁରୁ କିଛି ସମୟ ବିଳମ୍ବରେ ପହଞ୍ଚି ହୀରକ ଜୟନ୍ତୀର ଫଟୋ ଆଲବମ ଉନ୍ମୋଚନ କରିଥିଲେ।

# ମୁନି ସମାଜର ନୂତନ ଗୃହ ଉଦ୍‌ଘାଟନ କଲେ ବିଧାୟକ



ଠାକୁରମୁଣ୍ଡା,୨୩।୫(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ଗ୍ରାମ ବେହେରା ସାହିରେ ନୂତନଭାବେ ତିଆରି ହୋଇଥିବା ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣୀ ମୁନି ସମାଜର ଆଶ୍ରମ ଗୃହକୁ ୨୩ ତାରିଖ ଶନିବାର ଦିନ ଫିତା କାଟି ଉଦଘାଟନ କରିଛନ୍ତି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ଯୋଗଗୁରୁ ମୁନି ଚୈତନ୍ୟ ମହାନ୍ତ ସତ୍ୟ ପତାକା ଉତ୍ତୋଳନ କରିବା ପରେ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ନୂତନ ଗୃହର ଉଦଘାଟନ କରି ନିୟମିତ ଯୋଗ ପ୍ରାଣାୟାମ କଲେ ଶରୀର ସୁସ୍ଥ ଏଂ ନିରୋଗ ରହିବ ବୋଲି ବିଧାୟକ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଗୀତିକାର ପଦ୍ମ ଲୋଚନ ନନ୍ଦ ଯୋଗଦେଇ ଯୋଗର ଉପକାରିତା ସଂପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ। ମୁନି ଧୁରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁନି ଚାରୁଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ବିଭିନ୍ନ ଅଞ୍ଚଳରୁ ଅନେକ ମୁନି, ମୁନିମତି, ମୁନି କୁମାରୀ ଯୋଗ ଦେଇଥିଲେ।

୨୪ ମେ, ୨୦୨୬

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ପୁଣି ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର



**ନୂଆଦିଲ୍ଲୀ,୨୩।୫(ନି.ପ୍ର):** ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପୁଣି ବୃଦ୍ଧି ହୋଇଛି। ତୈଳ କମ୍ପାନୀଗୁଡ଼ିକ ଆଜି ପେଟ୍ରୋଲ ଲିଟର ପିଛା ୮୭ ପଇସା ଓ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି କରିଛନ୍ତି। ପଶ୍ଚିମ ଏସିଆ ସଙ୍କଟ ଯୋଗୁ ୧୦ ଦିନରେ ୩ଥର ବୃଦ୍ଧି ହୋଇଛି ପେଟ୍ରୋଲ ଓ ଡିଜେଲ ଦର।

# ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା

## ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୫(ନି.ପ୍ର):** ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମୀକ୍ଷା ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ପୋଲିସ ଡିଜି ୱାଇ ବି ଖୁରାନିଆ ଓ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।



ରାଜ୍ୟରେ ନୂଆ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ, ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ। ପୋଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହିତ କାର୍ଯ୍ୟ କରିବା ଉଚିତ।

ସମୀକ୍ଷା ବୈଠକରେ ସଂଘଠିତ ମାଫିଆ, ଜମି ମାଫିଆ ଓ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ରୋକିବାକୁ ଗୋଇନ୍ଦା ସୂଚନା ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଛନ୍ତି। କହିଛନ୍ତି, ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲରାନ୍ସ ନୀତି ଜାରି ରହିବ। କୌଣସି ରାଜନୈତିକ ହସ୍ତକ୍ଷେପ ସହିତ ପଦକ୍ଷେପରେ ଅବହେଳାକୁ ବରଦାସ୍ତ କରାଯିବନାହିଁ। ପୋଲିସ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଭରସା ବୃଦ୍ଧି ପାଇବା ଆବଶ୍ୟକ। ପୋଲିସ ବାହିନୀର ମଧ୍ୟ ବୃତ୍ତିଗତ ମନୋଭାବ ବୃଦ୍ଧି ପାଇବା ଉଚିତ। ଅଧିକାରୀମାନଙ୍କର କୌଣସି ଶିଥିଳତା ଗ୍ରହଣ ଯୋଗ୍ୟ ନୁହେଁ।

ଜନସାଧାରଣଙ୍କ ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭିଡ଼ ଜମୁଥିବା ସ୍ଥାନରେ ନିୟମିତ ପାଟ୍ରୋଲିଂ ହେଲେ ପୋଲିସର ଉପସ୍ଥିତି ଜାହିର ହୋଇପାରିବ ବୋଲି କହିଛନ୍ତି।

# ଆକାଶରୁ ଅଗ୍ନିବର୍ଷା, ଜଳୁଛି ଓଡ଼ିଶା

**ଭୁବନେଶ୍ୱର,୨୩।୫(ନି.ପ୍ର):** ଆକାଶରୁ ଅଗ୍ନିବର୍ଷା ଜାରି ରହିଛି। ଲଗାତାର ବଢ଼ିଚାଲିଛି ତାପମାତ୍ରା। ଓଡ଼ିଶା ଜଳୁଛି, ପଶ୍ଚିମରୁ ପୂର୍ବ ଓ ଉତ୍ତରରୁ ଦକ୍ଷିଣ। ଘରୁ ବାହାରିବା ଅସମ୍ଭବ ହୋଇପଡୁଛି। ପଶ୍ଚିମ ଓଡ଼ିଶାରେ ସର୍ବାଧିକ। ଶନିବାର ମଧ୍ୟ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ହୋଇଛି ଝାରସୁଗୁଡ଼ା। ଝାରସୁଗୁଡ଼ାରେ ଦିନର ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ଼ କରାଯାଇଛି।




୪୫ ଡିଗ୍ରୀରେ ଶନିବାର ସିଝିଥିଲା ପଶ୍ଚିମ ଓଡ଼ିଶାର ୫ ସହର। ଝାରସୁଗୁଡ଼ା ପରେ ସମ୍ବଲପୁର, ହୀରାକୁଦ, ଟିଟିଲାଗଡ଼ ଓ ବୌଦ୍ଧରେ ୪୫ ଡିଗ୍ରୀ ରହିଥିଲା ତାପମାତ୍ରା। ରାଜ୍ୟରେ ୪୨ ଡିଗ୍ରୀ ଉପରେ ରହିଥିଲା ୧୧ ସହର। ସୋନପୁରର ତାପମାତ୍ରା ୪୪.୭, ବଲାଙ୍ଗୀରରେ ୪୪.୫, ଭବାନୀପାଟଣାରେ ୪୪.୫, ନୂଆପଡ଼ାରେ ୪୩.୫, ବରଗଡ଼ରେ ୪୨.୮ ଓ ସୁନ୍ଦରଗଡ଼ରେ ୪୨.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ପାରଦ ବଢ଼ୁଥିବାବେଳେ ଉପକୂଳରେ ଗରମ ଓ ଗୁଳୁଗୁଳି ଆକ୍ରାମାକ୍ରା କରୁଛି।

୨୮ ପରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ପାଇପାରେ, କିନ୍ତୁ ଆସନ୍ତା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସ୍ଥିତି ଏହି ଭଳି ରହିପାରେ। ଏହି ସମୟରେ ତାତିରୁ ସତର୍କ ରହିବା ପାଇଁ ଗାଇଡ ଲାଇନ ଜାରି ହୋଇଛି। ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି ଯେ, ଅତ୍ୟନ୍ତ ଜରୁରୀ କାମ ନଥିଲେ ଘରୁ ବାହରନ୍ତୁ ନାହିଁ। ଯଦି କୌଣସି କାର୍ଯ୍ୟରେ ଘରୁ ବାହାରିଛନ୍ତି ତେବେ ସାଙ୍ଗରେ ପାଣି ବୋତଲ, ଛତା, ଜୋତା ନେଇ ବାହାରନ୍ତୁ। ରାଜ୍ୟର ସମସ୍ତ ଏନ୍ଏସି ଏବଂ ମ୍ୟୁନିସିପାଲିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ପିଇବା ପାଣି ବ୍ୟସ୍ଥା କରାଯାଇଛି । ଏଭଳି ସ୍ଥିତି ରାଜ୍ୟରେ ଜୁନ୍ ୨ତାରିଖ ପର୍ଯ୍ୟନ୍ତ ଜାରି ରହିପାରେ। ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ରାତିରେ ମଧ୍ୟ ଉଷ୍ମତା ଅନୁଭୂତ ହେବାର ସମ୍ଭାବନା ରହିଛି। ଏହାସହିତ ବାଲେଶ୍ୱର, ଯାଜପୁର, ଜଗତସିଂହପୁର, କେନ୍ଦୁଝର, କଟକ, ଦେବଗଡ, ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଅର୍ଥାତ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଚୀନରେ କୋଇଲା ଖଣିରେ ବଡ ବିସ୍ଫୋରଣ, ୯୦ ମୃତ

**ବେଜିଂ,୨୩।୫(ଏଜେନ୍ସି):** ଉତ୍ତର ଚୀନର ଶାଂସି ପ୍ରଦେଶରେ ଏକ କୋଇଲା ଖଣିରେ ବଡ ଧରଣର ବିସ୍ଫୋରଣ ଘଟି ୯୦ ଜଣଙ୍କର ମୃତ୍ୟୁ ହୋଇଛି। ବିସ୍ଫୋରଣ ସମୟରେ ପ୍ରାୟ ୨୫୦ ଶ୍ରମିକ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ। କେତେଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନେକ ମଧ୍ୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ଜଣ ନିଖୋଜ ଥିବା ଜଣାଯାଇଛି। ଚାଙ୍ଗଝି ସହରର କିନୟୁଆନ କାଉଣ୍ଟିରେ ଥିବା ଲିଉସେନୟୁ କୋଇଲା ଖଣିରେ ହୋଇଛି ଏହି ବିସ୍ଫୋରଣ। ଚୀନର ସରକାରୀ ଗଣମାଧ୍ୟମ ଏବଂ ଜରୁରୀକାଳୀନ ପରିଚାଳନା ବ୍ୟୁରୋରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ଅନେକ ଶ୍ରମିକ ସେଠାରୁ ଆସିପାରିନଥିଲେ। ତେବେ ଉଦ୍ଧାରକାରୀ ଦଳଗୁଡ଼ିକ ତୁରନ୍ତ ଉଦ୍ଧାର କାର୍ଯ୍ୟ ଜାରି ରଖିବା ଫଳରେ ଅନେକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଥିଲା। ରାଷ୍ଟ୍ରପତି ସି ଜିନପିଙ୍ଗ ଏହି ବଡ଼ ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିବାସହ ଆହତଙ୍କ ଚିକିତ୍ସା ଏବଂ ନିଖୋଜଙ୍କୁ ଉଦ୍ଧାର କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର କାରଣ ଖୋଜିବାକୁ ଏବଂ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

## ଯୁକ୍ତ ୨ ନାମଲେଖା ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୨୩।୫(ନି.ପ୍ର):** ଯୁକ୍ତ ୨ ନାମଲେଖା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ଆସନ୍ତା ୨୬ ତାରିଖରୁ ଜୁନ୍ ୩୦ ଯାଏ ଛାତ୍ରୀ ଛାତ୍ର ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଜୁଲାଇ ୮ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ଚୟନ ଛାତ୍ର ଛାତ୍ରୀ ଜୁଲାଇ ୯ରୁ ୧୫ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଜୁଲାଇ ୨୩ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଜୁଲାଇ ୨୪ ତାରିଖରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଅଗଷ୍ଟ ୧୨ ସୁଦ୍ଧା ସମସ୍ତ ପର୍ଯ୍ୟାୟ ନାମଲେଖା ଶେଷ ହେବ। ସ୍ପଟ୍ ନାମଲେଖା ପାଇଁ ଜୁଲାଇ ୩୦ରୁ ଅଗଷ୍ଟ ୨ ମଧ୍ୟରେ ପିଲାମାନେ ଚଏସ୍ ଲକିଂ କରିବେ। ୬ ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇବା ପରେ ୭ରୁ ୧୨ ତାରିଖ ମଧ୍ୟରେ ସେମାନେ ନାମଲେଖାଇ ପାରିବେ। ଜୁଲାଇ ୨୩ରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଲକ୍ଷ୍ୟ ରଖିଛି। ସାଧାରଣ ବର୍ଗ, ଏସ୍ଇବିସି, ଓବିସି ବର୍ଗର ଛାତ୍ର ଛାତ୍ରୀ ଆବେଦନ ଫି ୨୦୦ ଟଙ୍କା ଦାଖଲ କରିବେ। ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ର ଛାତ୍ରୀଙ୍କ ପାଇଁ ୧୦୦ ଟଙ୍କା ଆବେଦନ ଫି ରହିଛି। ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି ଛାଡ଼ କରାଯାଇଛି । ଏନେଇ ସମସ୍ତ ସୂଚନା ସାମ୍ସ ୱେବ୍‌ସାଇଟ୍ https://hss.samsodisha.gov.in/newHSS/index.aspxରେ ଉପଲବ୍ଧ ରହିଛି।

## ଆଗେଇଲା ମୌସୁମୀ ବାୟୁ

**ଭୁବନେଶ୍ୱର,୨୩।୫(ନି.ପ୍ର):** ଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବହୁ ପ୍ରତୀକ୍ଷିତ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢୁଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ମୌସୁମୀ ବାୟୁର ସକ୍ରିୟତା ବୃଦ୍ଧି ପାଇବା ସହ ଏହା ତା'ର ନିର୍ଦ୍ଧାରିତ ପଥରେ ଅଗ୍ରସର ହେଉଛି। ସାମୁଦ୍ରିକ ସ୍ଥିତି ଏବଂ ବାୟୁମଣ୍ଡଳୀୟ ଚାପ ଅନୁକୂଳ ରହିଥିବାରୁ ମୌସୁମୀ ବାୟୁ ଭାରତର ଦକ୍ଷିଣ ଏବଂ ପୂର୍ବ ସାମୁଦ୍ରିକ ସୀମାକୁ ସ୍ପର୍ଶ କରିସାରିଲାଣି। ପାଣିପାଗ ବିଜ୍ଞାନୀଙ୍କ ସୂଚନା ଅନୁସାରେ, ମୌସୁମୀ ବାୟୁ ଆରବ ସାଗରରେ ଅଗ୍ରଗତି କରୁଛି। ଆରବ ସାଗରର ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ଭାଗର କେତେକ ପ୍ରମୁଖ ଅଞ୍ଚଳକୁ ଏହା ଅତିକ୍ରମ କରି ଆଗକୁ ବଢୁଛି। ଏହା ସହିତ ବଙ୍ଗୋପସାଗରର ଏକ ବଡ଼ ଅଞ୍ଚଳରେ ପ୍ରବେଶ କରିଛି ମୌସୁମୀ ବାୟୁ । ବିଶେଷକରି ଦକ୍ଷିଣ ପଶ୍ଚିମ, ଦକ୍ଷିଣ ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରର ଅଧିକାଂଶ ଭାଗକୁ ଏହା ଘେରି ସାରିଛି। ଯଦି ବାୟୁମଣ୍ଡଳର ସ୍ଥିତି ଏହିଭଳି ଅନୁକୂଳ ରହେ, ତେବେ ଆଗାମୀ କିଛି ଦିନ ମଧ୍ୟରେ ଏହା କେରଳ ଉପକୂଳ ଛୁଇଁବ।

## ବଢ଼ିଛି ବିଦ୍ୟୁତ ଚାହିଦା

### କର୍ମଚାରୀଙ୍କ ଛୁଟି ବାତିଲ କଲା ଓପିଟିସିଏଲ୍

**ଭୁବନେଶ୍ୱର,୨୩।୫(ନି.ପ୍ର):** ଗ୍ରୀଷ୍ମରେ ରାଜ୍ୟରେ ବିଦ୍ୟୁତର ଚାହିଦା ବଢ଼ିଚାଲିଛି। ବିଗତବର୍ଷଗୁଡ଼ିକ ତୁଳନାରେ ଏବେ ଏହା ୮.୨% ବୃଦ୍ଧି ପାଇଛି। ୬୦୦୦ ମେଗାୱାଟାରୁ ଅଧିକ ରହୁଛି ଚାହିଦା। ଗ୍ରୀଡ ଉପରେ ବିଚାପ ପଡୁଛି। ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବାକୁ ଦୃଷ୍ଟିରେ ରଖି ଆସନ୍ତା ୬ ମାସ ଯାଏ ବିଦ୍ୟୁତ ବିପଣନ କମ୍ପାନୀଗୁଡ଼ିକର ଆନ୍ଦୋଳନ ଉପରେ କଟକଣା ଜାରି କରିଛନ୍ତି ସରକାର। ଏସ୍ମା ଲାଗୁ କରାଯାଇଛି। ବିଦ୍ୟୁତ ବିପଣନ କମ୍ପାନୀ ଓପିଟିସିଏଲ୍ ତା'ର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନୁମତି ବିନା କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସମସ୍ତ ପ୍ରକାର ଅନୁମୋଦିତ ଛୁଟି ବାତିଲ କରିଦିଆଯାଇଛି। ରାଜ୍ୟରେ ପ୍ରବଳ ଗରମ ସାଙ୍ଗକୁ ବିଭିନ୍ନ ସ୍ଥାନରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ତାପଜ, ଜଳ ବିଦ୍ୟୁତ ଓ ଅକ୍ଷୟ ଶକ୍ତି ଜରିଆରେ ରାଜ୍ୟରେ ବିଦ୍ୟୁତ ଚାହିଦା ପୂରଣ ହେଉଛି।

## ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ପଳାଇଗଲେ ପାକ୍ ଆତଙ୍କୀ

**ଶ୍ରୀନଗର,୨୩।୫(ଏଜେନ୍ସି):** ଜାମ୍ମୁ-କାଶ୍ମୀରର ରାଜୌରୀ ଜିଲ୍ଲାରେ ଭାରତୀୟ ସୁରକ୍ଷା ବାହିନୀ ଏବଂ ପାକିସ୍ତାନରେ ଲାଳିତପାଳିତ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ମୁଘଲାନ ଅଞ୍ଚଳରେ ପ୍ରବଳ ସଶସ୍ତ୍ର ପାକିସ୍ତାନୀ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଗୁପ୍ତ ସୂଚନା ମିଳିବା ପରେ ଏହି ଗୁଳି ବିନିମୟ ହୋଇଛି। ସୁରକ୍ଷା ବାହିନୀର ଗୁଳିମାଡ଼ରେ ପାକ୍ ଆତଙ୍କୀ ପଳାଇ ଯାଇଛନ୍ତି। ସେମାନେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଭାରତୀୟ ସେନା, ଜମ୍ମୁ-କାଶ୍ମୀର ପୋଲିସ ଏବଂ ସିଆରପିଏଫ ମିଳିତ ଭାବେ ଏହି ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି।

# ଭାରତ-ଆମେରିକା ସମ୍ପର୍କ ଆହୁରି ମଜଭୁତ ହେବ

**ମୋଦୀଙ୍କୁ ଭେଟିଲେ ଆମେରିକାର ବିଦେଶ ମନ୍ତ୍ରୀ**

**ଆମେରିକା ଗସ୍ତ ପାଇଁ ଟ୍ରମ୍ପଙ୍କ ପକ୍ଷରୁ ନିମନ୍ତ୍ରଣ**

**ନୂଆଦିଲ୍ଲୀ,୨୩।୫(ରଜନିକାନ୍ତ ବଶିଷ୍ଠ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶନିବାର ସାକ୍ଷାତ କରିଛନ୍ତି ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ। ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା, ରଣନୀତିକ ପ୍ରଯୁକ୍ତି, ବ୍ୟବସାୟ ଓ ନିବେଶ, ଉର୍ଜା ସୁରକ୍ଷା, ଯୋଗାଯୋଗ, ଶିକ୍ଷା ଓ ନାଗରିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ନିରନ୍ତର ପ୍ରଗତି ବିଷୟରେ ସୂଚନା ଦେଇଛନ୍ତି। ପଶ୍ଚିମ ଏସିଆ ସ୍ଥିତି ସମେତ ବିଭିନ୍ନ କ୍ଷେତ୍ରୀୟ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଆମେରିକାର ଦୃଷ୍ଟିକୋଣ ବ୍ୟକ୍ତ କରିଛନ୍ତି। ରୁବିଓ ମଧ୍ୟ ଆମେରିକା ଗସ୍ତରେ ଯିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ଶାନ୍ତି ପ୍ରୟାସ ଲାଗି ଭାରତର ନିରନ୍ତର ସମର୍ଥନକୁ ଦୋହରାଇଛନ୍ତି। ପାରସ୍ପରିକ ଆଲୋଚନା ଓ କୂଟନୀତି ଜରିଆର ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ପୁଣିଥରେ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ଲାଗି ରୁବିଓଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଅନୁରୋଧ କରିଛନ୍ତି ଏବଂ କହିଛନ୍ତି ଯେ, ସେମାନଙ୍କ ମଧ୍ୟରେ ନିୟମିତ ଆଲୋଚନା ଜାରି ରହିବ।

କ୍ୱାର୍ଡ଼ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅବସରରେ ମାର୍କୋ ରୁବିଓ ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦୀର୍ଘ ଏକ ଘଣ୍ଟା ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ବୈଠକ ପରେଭାରତ ଗସ୍ତରେ ଆସିଥିବାରୁ ଖୁସିବ୍ୟକ୍ତ କରିଛନ୍ତି ରୁବିଓ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଖୁବ୍ ଭଲ ଆଲୋଚନା ହୋଇଛି। ଭାରତ-ଆମେରିକା ସମ୍ପର୍କ ଆହୁରି ମଜଭୁତ ହେବ। ଏହି ସମ୍ପର୍କ ମଜଭୁତ କରିବାସହ ଦୁଇ ରାଷ୍ଟ୍ର ମଧ୍ୟରେ ସହଯୋଗ ଆହୁରି ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା, ବାଣିଜ୍ୟ, ଟେକ୍ନୋଲୋଜି ଆଦି ଉପରେ ହୋଇଛି ଆଲୋଚନା। ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ସୁସମ୍ପର୍କ ରହିଛି। ୨୦୩୦ ସୁଦ୍ଧା ଭାରତ-ଆମେରିକା ବାଣିଜ୍ୟ କାରବାର ଦୁଇଗୁଣ କରିବାକୁ ଲକ୍ଷ୍ୟ ରହିଛି। ଭାରତକୁ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ଉଲ୍ଲେଖ କରିଛନ୍ତି ରୁବିଓ।

# ଇବୋଲାକୁ ନେଇ ଆଗୁଆ ପ୍ରସ୍ତୁତି

**ଭୁବନେଶ୍ୱର,୨୩।୫(ନି.ପ୍ର):** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଇବୋଲା ଭାଇରସ୍‌ର ସମ୍ଭାବ୍ୟ ସଂକ୍ରମଣ, ପ୍ରତିରୋଧ ଓ ପ୍ରସ୍ତୁତିକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ, ହସ୍ପିଟାଲରେ ୱାର୍ଡ ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଭାବେ ଗୁରୁତ୍ୱ ଦେଇଛନ୍ତି।



ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଦାନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଲୋକମାନଙ୍କୁ ଅଯଥା ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କରିବାସହ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ସମ୍ଭାବ୍ୟ ଜରୁରୀ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଏନ୍ଏଚ୍ଏମ୍ ଏମ୍‌ଡି ଡ. ବୃନ୍ଦା ଡ଼ି, ସ୍ୱତନ୍ତ୍ର ସଚିବ ଡ.ବିଜୟ ମହାପାତ୍ର , ସ୍ୱତନ୍ତ୍ର ସଚିବ ଡ. ନୀଳକଣ୍ଠ ମିଶ୍ର , ଭୁବନେଶ୍ୱର ଏୟାରପୋର୍ଟର ଡ଼ିଜିଏମ ଅପରେସନ ଉମାକାନ୍ତ ପଟେଲ ଏବଂ ବରିଷ୍ଠ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

## ଲେଡ଼ି ଗ୍ୟାଙ୍ଗ ନିକଟରୁ ୨ କୋଟିର ବ୍ରାଉନସୁଗାର ଜବତ,୮ ଗିରଫ

**ରାଉରକେଲା,୨୩।୫(ନି.ପ୍ର):** ଷ୍ଟିଲ ସିଟି ରାଉରକେଲାରେ ପ୍ଲାଣ୍ଟ ସାଇଡ୍ ଥାନା ଅଞ୍ଚଳରେ ମହିଳା ଡ୍ରଗ୍ସ ସ୍ମଗଲରଙ୍କ ଉପରେ ପୋଲିସ ବଡ଼ ଧରଣର ଚଢ଼ାଉ କରିଛି। ୬ ମହିଳାଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ଅନୁଯାୟୀ, ଗିରଫ ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୨୨୦ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହାସହ ନଗଦ ୨ ଲକ୍ଷ ୭୦ ହଜାର ୨୪୦ ଟଙ୍କା ଏବଂ ୩ଟି ମୋବାଇଲ ଫୋନ ଜବତ ହୋଇଛି। ପ୍ଲାଣ୍ଟ ସାଇଡ ଏରିଆରୁ ସମ୍ପୂର୍ଣ୍ଣ ରାଉରକେଲାକୁ ବ୍ରାଉନସୁଗର ସପ୍ଲାଇ ଏହି ଲେଡି ଗ୍ୟାଙ୍ଗ କରୁଥିଲେ। ତେବେ ଏହି ବେଆଇନ ନିଶା କାରବାରର ମୁଖ୍ୟ ଚେର କେଉଁଆଡେ ଲମ୍ବିଛି ଏବଂ ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି ଏନେଇ ପୋଲିସ ଖୋଳତାଡ଼ କରୁଛି।

# ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ

## ୨ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳିଗଲା

## ବିଦ୍ୟୁତ ଉତ୍ପାଦନ ସାମୟିକ ବନ୍ଦ

**କୋରାପୁଟ,୨୩।୫(ନି.ପ୍ର):** ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ୨ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳିଯାଇଛି। ନଷ୍ଟ ହୋଇଯାଇଛି ଦୁଇଟି କାର୍ବାଇନ। ଏହାର ମରାମତି ପାଇଁ ସମୟ ଲାଗିବ। ସାମୟିକ ଭାବେ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଛି। ଫଳରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୧୦-୧୧ ଗାଁ ମଧ୍ୟ ଅନ୍ଧକାରରେ ରହିଛି।

ଶର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ବରିଷ୍ଠ ଅଧିକାରୀ କହିଛନ୍ତି। ଲମତାପୁଟ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ୪ଜଣ କର୍ମଚାରୀଙ୍କୁ ସେମାନଙ୍କ ସହାୟତାରେ ଉଦ୍ଧାର କରାଯାଇଛି। ଦୀର୍ଘ ଦୁଇ ଘଣ୍ଟା ଧରି ଅଗ୍ନିଶମ ବାହିନୀର ପ୍ରୟାସ ଫଳରେ ନିଆଁ ଆୟତ୍ତ ହୋଇଛି। ପୂର୍ବରୁ ୨୦୦୭ରେ ମଧ୍ୟ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟିଥିଲା। ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଦୈନିକ ୧୨୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ପ୍ରକଳ୍ପରେ ପ୍ରାୟ ୨୦୦ ରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ପ୍ରକଳ୍ପର ବହୁ ଉପକରଣ ପୁରୁଣା ହୋଇଯିବାରୁ ଶର୍ଟସର୍କିଟ ହୋଇଥିବା ସନ୍ଦେହ କରାଯାଉଛି।



## ଓଡ଼ିଶା ସୀମାରେ ଆନ୍ଧ୍ରର ପୋଲିସ ଚେକ୍ ପୋଷ୍ଟ

**କୋରାପୁଟ,୨୩।୫(ନି.ପ୍ର):** ବାରମ୍ବାର ତଡ଼ା ଖାଇବା ପରେ ମଧ୍ୟ ଅମାନିଆ ଆନ୍ଧ୍ରପ୍ରଦେଶର ଅନୁପ୍ରବେଶ ଉଦ୍ୟମ ଜାରି ରହିଛି। ଏହି ସପ୍ତାହ ମଧ୍ୟରେ ତିନିଥର ଅନୁପ୍ରେବେଶ କରିଥିବା ବେଳେ ବର୍ତ୍ତମାନ ଏକ ନୂଆ ବିବାଦ ଦେଖିବାକୁ ମିଳିଛି। ଉପରସେମ୍ଭି ଗ୍ରାମରେ ଆନ୍ଧ୍ର ପୋଲିସ ପକ୍ଷରୁ ଏକ ଅସ୍ଥାୟୀ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଆନ୍ଧ୍ର ପୋଲିସର କିଛି କର୍ମଚାରୀ ନିୟୋଜିତ ହୋଇ ଚେକ୍ ପୋଷ୍ଟ ପ୍ରତିଷ୍ଠା କରାଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆରେ ଏକ ଥାନା ନିର୍ମାଣ କରାଯିବା ସହିତ ସେଠାରେ ପୋଲିସ ନିୟୋଜିତ ଅଛନ୍ତି। ଥାନା ସମ୍ମୁଖରେ କୋଟିଆ ପୋଲିସ ପକ୍ଷରୁ ଏକ ଚେକ୍ ପୋଷ୍ଟ ଖୋଲାଯାଇ ଯିବା ଆସିବା ଯାନବାହାନକୁ ଯାଞ୍ଚ କରାଯାଉଛି। କିନ୍ତୁ ବର୍ତ୍ତମାନ କୋଟିଆ ଥାନାରୁ ମାତ୍ର ୫ କିଲୋମିଟର ପରେ ଉପରସେମ୍ଭି ଗ୍ରାମରେ ଆନ୍ଧ୍ରର ଅସ୍ଥାୟୀ ଚେକ୍ ପୋଷ୍ଟ ସ୍ଥାପନ ବିବାଦ ସୃଷ୍ଟି କରିଛି। ନିକଟରେ ମଧ୍ୟ ଆନ୍ଧ୍ରର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଭ୍ରାମ୍ୟମାଣ ଭ୍ୟାନ୍‌ରେ କୋଟିଆରେ ପହଞ୍ଚି ସ୍ୱାସ୍ଥ୍ୟ ମେଳା କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ପଟାଙ୍ଗୀ ତହସିଲଦାର ଓ ବିଡ଼ିଓ ଏହାର ବିରୋଧ କରି ସ୍ଥାନ ଛାଡ଼ି ଚାଲିଯିବାକୁ ଆନ୍ଧ୍ର ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ଟିମ୍ ମଧ୍ୟ ସେଠାରୁ ପଳାଇ ଯାଇଥିଲା।

**ଅନୁଚିନ୍ତା**

ସେବା ଭାବ ଏକ ଦିବ୍ୟ ଗୁଣ । ମୁଁ ଏ ସଂସାରରେ ନିମିତ୍ତ ମାତ୍ର- ଏହା ଯେ ବୁଝିଛି ସେ ହିଁ ଦିବ୍ୟ ଗୁଣର ଅଧିକାରୀ ।

## ସମ୍ପାଦକୀୟ

# ସୀମାରେ ତାରବାଡ଼

ଭାରତ ଓ ବାଂଲାଦେଶ ମଧ୍ୟରେ ରହିଥିବା ଅନ୍ତର୍ଜାତୀୟ ସୀମାରେ ତାରବାଡ଼ ଲାଗିବା ଅତ୍ୟନ୍ତ ଜରୁରୀ । ଏହି ସୀମାରେ ରାଜ୍ୟ ଭାବେ ପଶ୍ଚିମ ବଙ୍ଗର ଭାଗିଦାରୀ ରହିଛି । କିନ୍ତୁ ଦୀର୍ଘ ବର୍ଷ ଧରି ତାରବାଡ଼ ଲାଗିପାରିନାହିଁ । ଏଥିପାଇଁ ତତ୍‌କାଳୀନ ପଶ୍ଚିମ ବଙ୍ଗ ସରକାରଙ୍କର ଇଚ୍ଛା ଶକ୍ତି ମଧ୍ୟ ନଥିଲା। ଫଳରେ ଏହାର ସୁଯୋଗ ନେଉଥିଲେ ଅନୁପ୍ରବେଶକାରୀ। ଏବେ ପଶ୍ଚିମ ବଙ୍ଗରେ ବିଜେପି ସରକାର ଆସିବା ପରେ ସ୍ଥିତି ବଦଳିଯିବା ଭଳି ଲାଗୁଛି । ରାଜ୍ୟର ନୂତନ ସରକାର ମେ ୨୦ ତାରିଖ ଏହି ଇଣ୍ଟରନ୍ୟାସନାଲ ବର୍ଡ଼ରର ସୁରକ୍ଷା ପାଇଁ ସୀମା ଦାୟିତ୍ୱରେ ଥିବା ବର୍ଡ଼ର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍)କୁ ୭୫ ଏକର ଜମି ହସ୍ତାନ୍ତର କରିଛନ୍ତି। ଏହା ଫଳରେ ୨୭ କିମି ସୀମାରେ ତାରବାଡ଼ ଲାଗିପାରିବ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ପୂର୍ବରୁ ଘୋଷଣା କରିଥିଲେ ଯେ, ବିଜେପି ଶାସନ କ୍ଷମତାକୁ ଆସିଲେ ଏହି ସୀମାର ସୁରକ୍ଷା ପାଇଁ ଜମି ହସ୍ତାନ୍ତର କରାଯିବ । ହସ୍ତାନ୍ତର କରାଯାଇଥିବା ୭୫ ଏକର ଜମିରୁ ୪୩ ଏକର କ୍ରୟ କରାଯାଇଛି। ବାଂଲାଦେଶ ସହ ଭାରତର ସୀମା ପ୍ରାୟ ୪୦୦୦ କିମି ଲମ୍ବିଥିବାବେଳେ ଏଥିରୁ ୨୨୦୦ କିମିରେ ପଶ୍ଚିମ ବଙ୍ଗର ଭାଗିଦାରୀ ରହିଛି। ପ୍ରାୟ ୧୬୦୦ କିମିରେ ତାରବାଡ଼ ଲଗାଯାଇଥିବାବେଳେ ପ୍ରାୟ ୬୦୦ କିମିରେ ତାରବାଡ଼ ଲଗାଯାଇ ପାରିନାହିଁ ।

**ବାଂଲାଦେଶ ସହ ଭାରତର ରହିଥିବା ଇଣ୍ଟରନ୍ୟାସନାଲ ବର୍ଡ଼ରର ସୁରକ୍ଷା ପାଇଁ ସୀମା ଦାୟିତ୍ୱରେ ଥିବା ବର୍ଡ଼ର ସିକ୍ୟୁରିଟି ଫୋର୍ସକୁ ୭୫ ଏକର ଜମି ହସ୍ତାନ୍ତର କରିଛନ୍ତି ପଶ୍ଚିମ ବଙ୍ଗ ସରକାର । ଏହା ଫଳରେ ୨୭ କିମି ସୀମାରେ ତାରବାଡ଼ ଲାଗିପାରିବ ।**




ଭାରତର ସୀମା ୧୫,୦୦୦ କିମିରୁ ଅଧିକ ଯାଏ ଲମ୍ବିଛି । ପାକିସ୍ତାନ ସମେତ ସାତଟି ପଡ଼ୋଶୀ ଦେଶକୁ ଛୁଇଁଛି ଏହି ସୀମା । ସୀମା ସୁରକ୍ଷା ବଳ (ବିଏସ୍ଏଫ୍), ଭାରତ ତିବ୍ବତ ସୀମା ପୋଲିସ (ଆଇଟିବିପି), ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି), କେନ୍ଦ୍ରୀୟ ସୁରକ୍ଷା ବଳ (ସିଆଇଏସ୍ଏଫ୍) ସମେତ ଅନ୍ୟ ଅର୍ଦ୍ଧସାମରିକ ବାହିନୀ (ପାରା-ମିଲିଟାରୀ ଫୋର୍ସ) ଦେଶର ସୀମା ସହିତ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସ୍ଥାନର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ୧୯୯୯ରେ କାର୍‌ଗିଲ ଯୁଦ୍ଧ ପରେ ଦେଶର ବିଭିନ୍ନ ସୀମା ସୁରକ୍ଷା ବଳଗୁଡ଼ିକର ଭୂମିକାର ପୁନର୍ଗଠନ କରାଯାଇଥିଲା । ବିଏସ୍ଏଫ୍ ପାକିସ୍ତାନ ଓ ବାଂଲାଦେଶ ସହ ଅନ୍ତଃରାଷ୍ଟ୍ରୀୟ ସୀମାର ସୁରକ୍ଷା କରୁଛି । ଜାମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟରେ ବିସ୍ତୃତ ପ୍ରାୟ ୩୩୨୩ କିମି ଭାରତ-ପାକିସ୍ତାନ ସୀମାରେ ମୁତୟନ ହୋଇଛି ବିଏସ୍ଏଫ୍ । ଅନୁପ୍ରବେଶ, ଅବୈଧ ପ୍ରବାସ, ଚୋରା କାରବାର, ମାନବ ଚାଲାଣ ଭଳି ଅପରାଧକୁ ମଧ୍ୟ ରୋକୁଛି ବିଏସ୍ଏଫ୍। ଯୁଦ୍ଧ ସମୟରେ ଭାରତୀୟ ସେନା ସହ ସମନ୍ୱୟ ରକ୍ଷା କରି ବିଏସ୍ଏଫ୍ କାର୍ଯ୍ୟ କରିଥାଏ । ଭାରତ-ଚୀନ ସୀମାର ସୁରକ୍ଷା କରିଥାଏ ଆଇଟିବିପି। ଏସ୍ଏସ୍‌ବି ନେପାଳ ଓ ଭୂଟାନ ସହ ରହିଥିବା ସୀମାର ସୁରକ୍ଷା କରିଥାଏ। ଆସାମ ରାଇଫଲ୍ସ ପ୍ରଶାସନିକ ଦୃଷ୍ଟିରୁ ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଥିବାବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରିଥାଏ। ଭାରତ-ମିଆଁମାର ସୀମା ଜଗିଛି ଆସାମ ରାଇଫଲ୍ସ । ସୀମାରେ ସକ୍ରିୟ ଥିବା ଅନ୍ୟ ଅର୍ଦ୍ଧସାମରିକ ବଳର ବିପରୀତ ସିଆଇଏସ୍ଏଫ୍ ଏକ ସ୍ପେଶାଲ ଫୋର୍ସ । ବିମାନବନ୍ଦର, ମେଟ୍ରୋ ସିଷ୍ଟମ, ପରମାଣୁ, ବିଦ୍ୟୁତ ପ୍ରକଳ୍ପ, ଅନ୍ତରୀକ୍ଷ ଅନୁସନ୍ଧାନ କେନ୍ଦ୍ର, ଖଣି, ରିଫାଇନେରୀ, ଇସ୍ପାତ ଶିଳ୍ପ, ରଣନୀତିକ ସରକାରୀ ଭବନ ଆଦି ରାଷ୍ଟ୍ରୀୟ ସମ୍ପତ୍ତିର ସୁରକ୍ଷା କରିଥାଏ ସିଆଇଏସ୍ଏଫ୍। ଭାରତର ବିବିଧତା ଦୃଷ୍ଟିରୁ ସମସ୍ତ ଅର୍ଦ୍ଧସାମରିକ ବାହିନୀ ମିଲିଟାରୀ ଟ୍ରେନିଂ ସହ ଜଳବାୟୁ, ପାଣିପାଗ ଓ ଭୂ-ରାଜନୀତିକ ସ୍ଥିତି ଅନୁଯାୟୀ ପ୍ରଶିକ୍ଷିତ ଓ ସୁସଜ୍ଜିତ । ଉଦାହରଣ ସ୍ୱରୂପ ଆଇଟିବିପିକୁ ଅଧିକ ଉଚ୍ଚତାରେ ହିମାଳୟ ଇଲାକାରେ ମୁତୟନ କରାଯାଉଥିବାବେଳେ ବିଏସ୍ଏଫ୍‌କୁ ମଧ୍ୟ ମରୁଭୂମି, ନଦୀ ଓ ସମତଳ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପଡ଼ିଥାଏ।

# ସଫଳ ସାହିତ୍ୟ ସ୍ରଷ୍ଟା ଓ ସମାଜ



ଡ. ଚନ୍ଦ୍ରକଳା ନାୟକ

ସତ୍ୟର ଜିଜ୍ଞାସୁ ହିଁ ସତ୍ୟବାଦୀ। ଜୀବନକୁ ଅନାବୃତ୍ତ କରି ଦେଖିବାର ସାହସ ନଥିଲେ ମଣିଷ କେବେ ବି ସତ୍ୟବାଦୀ ହୋଇ ପାରିବ ନାହିଁ। ଯାହା ଅଛି, ଯେତିକି ଅଛି ଓ ଯେଉଁଭଳି ରହିଛି, ସେତିକିକୁ ଦେଖିବା କଦାପି ସତ୍ୟକୁ ଦେଖିବାର ସମତୁଲ ହୋଇ ପାରିବ ନାହିଁ। ତଥାପି ଏକଥା ସତ୍ୟ ସେତିକି ଦେଖିବାକୁ ମଧ୍ୟ ଅନେକ ଲୋକ ସାହସ କରିପାରନ୍ତି ନାହିଁ। ଏ ସୃଷ୍ଟିରେ ସାରସତ୍ତ୍ୱ ସାଧକଟିଏ ସାହସର ସହ ସମାଜର ବାସ୍ତବ ଚିତ୍ରକୁ ତା ସୃଷ୍ଟିରେ ପ୍ରକାଶ କରିଥାଏ। ସାହିତ୍ୟରେ ଅଙ୍ଗିକାରବଦ୍ଧତା ରହିଲେ, ତାହା ଯାବତୀୟ ସଂଶୟ ଏବଂ ଯାବତୀୟ ବାଡ ଠାରୁ ଅଧିକ ବୃହତ୍ତ କୌଣସି ଅମୂଲ୍ୟ ସମ୍ପଦ ସମାଜକୁ ଭେଟି ଦେଇ ପାରିବ। ଅଙ୍ଗିକାରବଦ୍ଧ ମଣିଷ ହିଁ, ଜଣେ ସଫଳ ସ୍ରଷ୍ଟା।

ସୃଷ୍ଟି ପାଇଁ ଆନନ୍ଦ ଦାୟକ ଏହି ଯେ, ଆଜି ସାରସତ୍ତ୍ୱ ସ୍ରଷ୍ଟାଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ଘଟିଛି। ଆମ ସମାଜ ତଥା ଭାଷା ସାହିତ୍ୟ ପାଇଁ ଏହା ଅତ୍ୟନ୍ତ ସୁଖ ଦାୟକ ବିଷୟ ଅଟେ। ତେବେ କାଳଜୟୀ ସୃଷ୍ଟି କେତେ, ତାହା କେବଳ ସମୟ ହିଁ ସ୍ଥିର କରିପାରିବ। ଅନେକ ଦିନ ଏହି ବ୍ୟବସ୍ଥାର ଗତିଶୀଳତା ଯେମିତି ଦିଗହରା ପରି ମନେ ହେଉଛି। ପୁରାତନ ସମୟର ଲେଖକ ଓ ଆଜିର ଲେଖକଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ଆଜିକାର ଲେଖକ ମାନଙ୍କ ପାଇଁ ସବୁ ସୁବିଧା ଉପଲବ୍ଧ। ଲିଖନ ସାମଗ୍ରୀ ଠାରୁ ଆରମ୍ଭ କରି ସୂଚନା ପାଇବାର ସୁଯୋଗ ପର୍ଯ୍ୟନ୍ତ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରର୍ଯ୍ୟାପ୍ତ କାଗଜ, କଲମ, ବୈଦ୍ୟୁତିକ ଯନ୍ତ୍ର ଉପଲବ୍ଧ ରହିଥିଲେ ବି, ଆମ୍ଭେମାନେ ମାତ୍ର କେତେ ପୃଷ୍ଠା ଲେଖିବାରେ କ୍ଳାନ୍ତ ହୋଇ ପଡୁଛେ। ଆମର ପୂର୍ବ ସୂରୀମାନେ ତାଳପତ୍ର, ଭୂର୍ଜପତ୍ର ଓ ଧାତୁପତ୍ରର ଲେଖନୀ ସାହାର୍ଯ୍ୟରେ ଦିନରାତି ଅବିରତ ବସିରହି କେତେ କଷ୍ଟରେ ଲେଖାମାନ ପ୍ରସ୍ତୁତ କରୁଥିଲେ। ଜଣେ ସାରସ୍ୱତ ସ୍ରଷ୍ଟାକୁ ସମାଜ କାହିଁକି ଏତେ ସମ୍ମାନ ଅଜାଡି ଦିଏ ? ସତ୍ୟ ତ ଏଇଆ ନା - ତାଙ୍କ ସାଧନା ଓ ସୃଷ୍ଟିରେ ସମାଜ ଗଠନ, ନିୟନ୍ତ୍ରଣ, ସମାଜ ପରିବର୍ତ୍ତନ ଓ କୁସଂସ୍କାର ବିରୋଧୀ ତଥା ସଂସ୍କାରର ବାର୍ତ୍ତା ଦିଆଯାଇ ଥାଏ। ସେହି ସାଧକ ମାନେ, କିଏ ଶୁଣିଲା ନ ଶୁଣିଲା, କିଏ ନିନ୍ଦା କଲା କିଏ ପ୍ରଶଂସା କଲା, କିମ୍ବା ବାହା ବାହା ନେବାକୁ ଆଦୌ ଅପେକ୍ଷା କରୁ ନଥିଲେ। ଏସବୁ ଦିଗ ପ୍ରତି ସେମାନଙ୍କ ନିଘା ହିଁ ନଥିଲା। ନିରନ୍ତର ଲେଖି ଚାଲିବା ହିଁ ସେମାନଙ୍କର ଲକ୍ଷ ଥିଲା। ପାଠକ ଜଣେ ହେଉ ବା ଲକ୍ଷେ, ସବୁ ଋତୁରେ ନିରନ୍ତର ଭାବେ ସେମାନଙ୍କ ଲେଖନୀ ଅବିଚଳିତ ନହୋଇ ଦୃଢ ହେଉଥିଲା।

ଆଜି ଏକବିଂଶ ଶତାବ୍ଦୀରେ ଏପରି ମନୋଭାବର ଦ୍ରୁତ ପରିବର୍ତ୍ତନ ଘଟିଛି। ସାଧକଟିଏ ତାର ଲକ୍ଷ ପଥରୁ ବିଚ୍ୟୁତ ହୋଇଛି। ସାହିତ୍ୟ ସାଧକ ଯଦି ତାର ଲକ୍ଷ ଭୁଲିଯାଏ, ତେବେ ଜୀବନ ନିରର୍ଥକ ହୋଇ ଉଠେ। ଏହି ତତ୍ତ୍ୱଟିକୁ ଗ୍ରହଣ କରିବା ଆଜିର ସ୍ରଷ୍ଟା ମାନଙ୍କ ପାଇଁ କାଠିକର ପାଠ। ଧନ, ଜନ, ଯୌବନ, କ୍ଷମତା ଓ ପ୍ରତିପତ୍ତିକୁ ନେଇ ମଣିଷ ଗର୍ବରେ ଫାଟି ପଡୁଛି। ଆମର ପୂର୍ବ ସୂରୀମାନେ ଯେଉଁ କାବ୍ୟ, କବିତା, ଗଳ୍ପ ଓ ନାଟକ ଆଦି ଭେଟି ଦେଇଛନ୍ତି, ଯାହା କାଳଜୟୀ ହୋଇ ପାରିଛି। ଅଳ୍ପ ଶିକ୍ଷିତ ତଥା ଆଦୌ ପାଠ ପଢି ନଥିବା ଭୀମଭୋଇଙ୍କ ଠାରୁ ଗଙ୍ଗାଧରଙ୍କ ପର୍ଯ୍ୟନ୍ତ, ଇତିହାସ ପୃଷ୍ଠାରେ ଆଜି ବି ଅମର ହୋଇ ରହିଛନ୍ତି। ବିକାଶର ଶୀର୍ଷକୁ ଛୁଇଁ ଆମେ ଅହଂକାରର ବଶବର୍ତ୍ତି ହୋଇଥିବା ବେଳେ, ଆଜି ଆମର ଗତି କେଉଁ ଦିଗକୁ? ଶସ୍ତା ଲେଖା ହିଁ ଆଜି ସମାଜକୁ ପୁସ୍ତକ ବିମୁଖ କରାଇଛି। ସାହିତ୍ୟରେ ଶସ୍ତା ଲେଖା ଗୁଡିକ ସମୟ ଗର୍ଭରେ ଦିନେ ବିଲୀନ ହେବା କେବେ ବି ତାହା କାଳଜୟୀ ହୋଇ ପାରିବ ନାହିଁ। ବ୍ୟାସକବି ଫକୀର ମୋହନ ମାତ୍ର କୋଡିଏଟି ଗଳ୍ପରେ ସାରା ଉତ୍କଳ ଭୁଖଣ୍ଡରେ ସାହିତ୍ୟ ଜଗତକୁ ଚକିତ କରିଥିଲେ। ବିଗତ କିଛି ବର୍ଷ ହେଲା ହଜାର ହଜାର ଲେଖକ ଲେଖୁଛନ୍ତି ସତ୍ୟ, ହେଲେ ସେଥିରେ ସେହି ଭାବ ଓ ସମାଜ ପରିବର୍ତ୍ତନର ଅଙ୍ଗୀକାରବଦ୍ଧତା ରହୁନାହିଁ। ସ୍ୱଳ୍ପ କେତୋଟି ହାତଗଣତି ପୁସ୍ତକକୁ ବାଦଦେଲେ, ପ୍ରାୟ ଶସ୍ତା ଲେଖା ଗୁଡିକ ଲୋକଲୋଚନରୁ ଦୂରେଇ ଯାଉଛି। ଲେଖକଟିଏ କେବଳ ନିଜର ନାମକୁ ପ୍ରତିଷ୍ଠିତ କରିବାର ପ୍ରୟାସରେ ସର୍ବଦା ବ୍ୟସ୍ତ ରହୁଛି। ସାହିତ୍ୟରେ ଏବେ ଚାଟୁକାରିତା ଅଧିକ ବଢି ଚାଲିଛି। କଳୁଷିତ ରାଜନୈତିକ ବ୍ୟବସ୍ଥା ପରି ସାହିତ୍ୟରେ ମଧ୍ୟ ଖୋସାମଦିଆଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ଯେଉଁଠି ଗୋପୀନାଥ ମହାନ୍ତିଙ୍କ ପରି ଲେଖକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ, ସେଠାରେ ବିଗତ ଦିନ ମାନଙ୍କରେ ଅତ୍ୟନ୍ତ ଦୟନୀୟ ଭାବେ ରାଜନୈତିକ ଚାପରେ ଏହି ପୁରସ୍କାରକୁ ହାତେଇବାରେ କେତେକ ସଫଳ ହୋଇଛନ୍ତି। ଗୋଟିଏ ବି କାଳଜୟୀ ପୁସ୍ତକ ଲେଖି ନଥିବା ବ୍ୟକ୍ତି ସାହିତ୍ୟରେ ବିଭିନ୍ନ ବିଭାଗର ସର୍ବୋଚ୍ଚ ଶିଖରରେ ପଦ ମଣ୍ଡନ କରିଛନ୍ତି। ସେଥିପାଇଁ ସାହିତ୍ୟରେ ପ୍ରକୃତି ସ୍ରଷ୍ଟା ମାନେ ସମ୍ମାନୀତ ନହେବା, ନିକୃଷ୍ଟ ସାହିତ୍ୟ ସୃଷ୍ଟି ହେବା ଭଳି ଅଘଟଣ ଘଟି ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟ ଜନକ ବିଷୟ ହେଉଛି, ସାହିତ୍ୟର ଏହି ଧାରାରେ କେତେକ ଗୋଷ୍ଠୀ ମଧ୍ୟ ସୃଷ୍ଟି ହୋଇଛନ୍ତି। ସାହିତ୍ୟ ଭଳି ଗୋଟିଏ ସରଳ ବିଷୟକୁ ଗୋଷ୍ଠୀବଦ୍ଧ କରିବା କେତେ ଯୁକ୍ତିଯୁକ୍ତ ତାହା ଆପଣ ମାନେ ବିଚାର କରିବେ। ସେଥିପାଇଁ ସାହିତ୍ୟିକ ବର୍ଣ୍ଣନା କରିଛନ୍ତି - 'କବି ଯା କରେ ମୁର୍ଖକୁ ସ୍ତୁତି, ତହିଁରୁ ବଡ ନାହିଁ ବିପତ୍ତି, ଏଥିକି ପ୍ରତି ଛାତିରେ କାତି, ମାରିବା ଭଲ ଯୋ'ଶସ୍ତା ଲୋକପ୍ରୀୟତା, ଚାଟୁକରିତା, ଖୋସାମତି, ଗୋଷ୍ଠୀ ଗଠନ ଏସବୁ ଜଣେ ସାରସତ୍ତ୍ୱ ସାଧକ ନିକଟରେ ଆଦୌ ଗ୍ରହଣୀୟ ନୁହେଁ। ଆମ ସାହିତ୍ୟିକ ମାନଙ୍କ ମଧ୍ୟରୁ ଯେଉଁମାନେ ଗହଣା ଉପରେ ଗହଣା ଲଦି ଦେଇ ସାହିତ୍ୟର ଅସଲ ଆତ୍ମା ଓ ସ୍ପନ୍ଦନକୁ ପୋତି ପକାଇବାକୁ ଚେଷ୍ଟା କରୁଛନ୍ତି, ସେମାନେ ସାହିତ୍ୟର ଅସଲ ତତ୍ତ୍ୱକୁ ବୁଝି ନିଜକୁ ସଜାଡି ନେବା ଆବଶ୍ୟକ।

ବିଗତ ଦିନର କରୋନା ମହାମାରୀ ଯେଉଁ ଅଭାବନୀୟ ଦୃଶ୍ୟ ସାରା ବିଶ୍ୱକୁ ଦେଖାଇଲା, ସେଥିରୁ ମାନବ ସମାଜ କିଛି ବି ଶିଖିଲା ନାହିଁ। କିନ୍ତୁ ସ୍ରଷ୍ଟାଟିଏ ତାର ଜୀବନ କାଳ ଭିତରେ ଏପରି କାମ କରିବା ଉଚିତ, ଯାହା ତାର ନିଜ ଅନ୍ତଚେତନାକୁ ଉଜ୍ଜୀବିତ କରିବା ଆବଶ୍ୟକ। କେବଳ କର୍ମ ହିଁ ସ୍ରଷ୍ଟାର ଯଥେଷ୍ଟ ପରିଚୟ। ଏ ଜଗତର ମଙ୍ଗଳ କାମନା ପାଇଁ ସାହିତ୍ୟିକର ସୃଷ୍ଟି । ସମାଜକୁ ପରିବର୍ତ୍ତନ କରି ମାନବିକତାର ରଜ୍ଜୁରେ ସମସ୍ତ ଜଗତକୁ ବାନ୍ଧି ରଖିବା ହିଁ ଏକମାତ୍ର ଲକ୍ଷ। ସାରସତ୍ତ୍ୱ ସାଧକଟିଏ ତାର ଚାରିକାନ୍ଥ ଭିତରୁ ଦେଖେ ଅସରନ୍ତି ଜୀବନର ବୈଚିତ୍ର୍ୟ। ତା ପାଇଁ ସାହିତ୍ୟ ଓ ସଂସାର ଛଡା କୌଣସି ଆକର୍ଷଣ ନଥାଏ। ସାହିତ୍ୟିକ ଯଦି ଯଥେଚ୍ଛାଚାର କରନ୍ତି, ତେବେ ତାର ଅଧିକାର ଭଙ୍ଗ ହୁଏ। ଲେଖକଟିଏ ଭାବିବା ଉଚିତ, ତାର ଲେଖାର ମୂଲ୍ୟ ଅଛି ଏବଂ ସମାଜର ପାଖରେ ତାର ଦାୟବଦ୍ଧତା ରହିଛି। ସାହିତ୍ୟିକର କାମ ହେଉଛି, ଉତ୍ତରଣର ବାଟ ଦେଖାଇବା। ଅସଲରେ ସାହିତ୍ୟିକର କାମ ହେଉଛି, ନିଜକୁ ପ୍ରକାଶ କରିବା। ପ୍ରତିକାରର ଚିନ୍ତା ସାହିତ୍ୟିକର ଆଦୌ ନଥାଏ। ସେ କାମ କେବଳ ସମାଜ ସଂସ୍କାରକ ମାନଙ୍କର। ସାହିତ୍ୟିକ ନିଜକୁ ଠିକ ଭାବେ ପ୍ରକାଶ ନକଲେ, ବାସ୍ତବରେ ସେ ଯନ୍ତ୍ରଣା ପାଏ। ସୃଷ୍ଟି ପାଇଁ ନିଜ ପାଖରେ ସେ ନିଜକୁ ଜବାବ ଦେବାକୁ ପଡେ।



**ସ୍ରଷ୍ଟାଟିଏ ତାଙ୍କ ଜୀବନ କାଳ ଭିତରେ ଏପରି କାମ କରିବା ଉଚିତ, ଯାହା ତାଙ୍କ ନିଜ ଅନ୍ତଃଚେତନାକୁ ଉଜ୍ଜୀବିତ କରିବା ଆବଶ୍ୟକ। କେବଳ କର୍ମ ହିଁ ସ୍ରଷ୍ଟାଙ୍କର ଯଥେଷ୍ଟ ପରିଚୟ। ଏ ଜଗତର ମଙ୍ଗଳ କାମନା ପାଇଁ ସାହିତ୍ୟିକର ସୃଷ୍ଟି । ସମାଜର ପରିବର୍ତ୍ତନ କରି ମାନବିକତାର ରଜ୍ଜୁରେ ସମସ୍ତ ଜଗତକୁ ବାନ୍ଧି ରଖିବା ହିଁ ଏକମାତ୍ର ଲକ୍ଷ୍ୟ ।**

ସମୟର ଧାରାରେ ଅନେକ ପରିବର୍ତ୍ତନ ହୋଇଛି। ସାହିତ୍ୟିକ ସ୍ରଷ୍ଟାଟିଏ କିନ୍ତୁ ସମାଜ ପାଇଁ ନିଜର ନିରନ୍ତର ଅଙ୍ଗୀକାରବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ। ଶହେଟି ପୁସ୍ତକ ଲେଖିବା ଅପେକ୍ଷା ଖଣ୍ଡିଏ କାଳଜୟୀ ସୃଷ୍ଟି ହେଉଛି ଶ୍ରେୟସ୍କର। ଔପନାସିକ ଉପେନ୍ଦ୍ର କିଶୋର ଦାସଙ୍କ ଏକମାତ୍ର ଉପନ୍ୟାସ 'ମଲାଜହ୍ନ' ଆଜି ବି ଚିର ଉଜ୍ଜ୍ୱଳମୟ ହୋଇ ସାହିତ୍ୟ ଆକାଶରେ ବିରାଜମାନ କରିଛି। ସେହିପରି ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାରେ ଚନ୍ଦ୍ର' ପୁସ୍ତକ ଆଜି ପାଠକଙ୍କ ପ୍ରୀୟ ହୋଇ ରହିଛି। ଏପରି ଅନେକ ଉଦାହରଣ ଓଡିଆ ସାହିତ୍ୟରେ ରହିଅଛି। ଜୀବନର ପ୍ରକୃତ ଉଦ୍ଦେଶ୍ୟ ସେତେବେଳେ ପୂରଣ ହେବ, ଯେତେବେଳେ ସାହିତ୍ୟିକଟିଏ ଶସ୍ତା ଲୋକପ୍ରୀୟତା ଠାରୁ ନିଜକୁ ଦୂରେଇ ରଖିବ। ଖୋସାମତିକୁ ପରିହାର କରି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିଲେ, ସମାଜରେ ଉପଯୁକ୍ତ ସମ୍ମାନ ଲାଭ କରିପାରିବ। ସାହିତ୍ୟକୁ ସବୁରି ଉର୍ଦ୍ଧ୍ୱରେ ରଖି ସ୍ରଷ୍ଟାଟିଏ ନିଜକୁ ସମର୍ପଣ କଲେ ତାହା ତାକୁ ସଦାସର୍ବଦା ଅମର କରି ରଖିବ। ଅଯଥା ସମ୍ବର୍ଦ୍ଧନା, ମାନପତ୍ର ପଛରେ ନଧଉଡି ନିଜର ନୀରବଚ୍ଛିନ୍ନ ସାହିତ୍ୟ ସର୍ଜନାରେ ମନୋନିବେଶ କଲେ ନିଶ୍ଚୟ ଆତ୍ମତୃପ୍ତି ଲାଭ ହେବ। ନାଟକ, ପ୍ରବନ୍ଧ, କବିତା, ଗଳ୍ପ ପରି ମାଧ୍ୟମରେ ସାହିତ୍ୟିକଟିଏ ଉଭୟ ବ୍ୟକ୍ତି ଓ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବାର ସଫଳ ପ୍ରୟାସ କରିଥାଏ। ଏହି ସକାରାତ୍ମକ ପ୍ରଭାବ କେବଳ ଶାନ୍ତି, ମୈତ୍ରୀ, ପ୍ରେମ, ପାରସ୍ପରିକ ସଦଭାବ, ଭାଇଚାରା ପରି ମାନବିକତାର ମନ୍ତ୍ରର ପ୍ରସାର କରିଥାଏ। ଯୁଗେ ଯୁଗେ ସମାଜ ପାଇଁ ସଫଳ ସାହିତ୍ୟ ସ୍ରଷ୍ଟା ଅତ୍ୟାବଶୀକ। ସଫଳ ସାହିତ୍ୟ ସୃଷ୍ଟିଟିଏ ସ୍ରଷ୍ଟାକୁ ଯୁଗ ଯୁଗ ଧରି ସ୍ମରଣୀୟ ଓ ଗୌରବାନ୍ୱିତ କରି ରଖିବ।

ମୋ: ୯୪୩୭୯୫୭୬୧୭

# ନବଜାଗରଣ ଚେତନାର ଆଲୋକବର୍ତ୍ତିକା ରାଜା ରାମମୋହନ



ଅସିତ ମହାନ୍ତି

ରାଜା ରାମମୋହନ ରାୟ (୨୨ ମଇ ୧୭୭୨- ୨୭ ସେପ୍ଟେମ୍ବର ୧୮୩୩)ଙ୍କୁ ଆଧୁନିକ ଭାରତର ପିତା ଏବଂ ଭାରତୀୟ ନବଜାଗରଣର ପ୍ରବର୍ତ୍ତକ ଭାବରେ ସମ୍ମାନିତ କରାଯାଏ। ସେ ୧୮୨୮ ମସିହାରେ ବ୍ରହ୍ମ ସମାଜ ପ୍ରତିଷ୍ଠା କରି ସତୀ ପ୍ରଥାକୁ ବିରୋଧ କରି ଏବଂ ଏକେଶ୍ୱରବାଦକୁ ପ୍ରୋତ୍ସାହିତ କରି ସାମାଜିକ ଏବଂ ଧାର୍ମିକ ସଂସ୍କାରର ନେତୃତ୍ୱ ନେଇଥିଲେ। ଜଣେ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତକ, ସେ ଭାରତୀୟ ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷଣ କରି ଶିକ୍ଷା, ମହିଳା ଅଧିକାର ଏବଂ ପାଶ୍ଚାତ୍ୟ ଯୁକ୍ତିବାଦ ଗ୍ରହଣ ପାଇଁ ସମର୍ଥନ କରିଥିଲେ। ତାଙ୍କ ପ୍ରୟାସ ଭାରତର ଆଧୁନିକ ବୌଦ୍ଧିକ ଏବଂ ସଂସ୍କାରବାଦୀ ଆନ୍ଦୋଳନର ମୂଳଦୁଆ ପକାଇଥିଲା।

ଭାରତରେ ନବଜାଗରଣ ଚେତନା ହଠାତ୍ ଆର୍ବିଭାବ ହୋଇନଥିଲା, ବରଂ ଏହା ଏକ ଦୀର୍ଘ ଐତିହାସିକ ପ୍ରକ୍ରିୟାର ଫଳାଫଳ ଥିଲା। ୧୮ ଏବଂ ୧୯ ଶତାବ୍ଦୀରେ, ଯେତେବେଳେ ୟୁରୋପୀୟ ଶକ୍ତିମାନେ ବାଣିଜ୍ୟ ଏବଂ ଶାସନ ମାଧ୍ୟମରେ ଭାରତରେ ପ୍ରବେଶ କଲେ, ପାଶ୍ଚାତ୍ୟ ଶିକ୍ଷା, ବିଜ୍ଞାନ ଏବଂ ଆଧୁନିକ ଚିନ୍ତାଧାରାର ପ୍ରଭାବ ଧୀରେ ଧୀରେ ଭାରତୀୟ ସମାଜରେ ବ୍ୟାପିଗଲା। ନବଜାଗରଣ ଚେତନା ପ୍ରଥମେ ବଙ୍ଗଳାରେ ପହଞ୍ଚିଲା, ଯାହାକୁ ବଙ୍ଗଳା ନବଜାଗରଣ କୁହାଯାଏ। ଇଂରାଜୀ ଶିକ୍ଷା ଏବଂ ମୁଦ୍ରଣ ପ୍ରେସର ଆଗମନ ଚିନ୍ତାଧାରାର ପ୍ରସାରକୁ ତ୍ୱରାନ୍ୱିତ କରିଥିଲା। ରାଜା ରାମମୋହନ ରାୟଙ୍କୁ ଏହି ନବଜାଗରଣର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରବର୍ତ୍ତକ ଭାବରେ ବିବେଚନା କରାଯାଏ। ସେ ପାଶ୍ଚାତ୍ୟ ବିଜ୍ଞାନ ଏବଂ ଯୁକ୍ତିଯୁକ୍ତତାକୁ ଭାରତୀୟ ଆଧ୍ୟାତ୍ମିକ ପରମ୍ପରା ସହିତ ମିଶ୍ରଣ କରିଥିଲେ। ତାଙ୍କ ପ୍ରୟାସ ସମାଜକୁ ଏହା ସ୍ୱୀକାର କରିବାକୁ ବାଧ କରିଥିଲା ଯେ ପ୍ରକୃତ ପ୍ରଗତି କେବଳ ଅନ୍ଧବିଶ୍ୱାସ ଏବଂ ଧର୍ମାନ୍ଧତାରୁ ମୁକ୍ତ ହୋଇ ସମ୍ଭବ। ରାମମୋହନ ରାୟ ସତୀ ପ୍ରଥା ବିରୁଦ୍ଧରେ ଲଢ଼ିଥିଲେ, ମହିଳା ଶିକ୍ଷାକୁ ସମର୍ଥନ କରିଥିଲେ ଏବଂ ଯୁକ୍ତି ଏବଂ ମାନବତା ମାଧ୍ୟମରେ ଧର୍ମକୁ ବୁଝିବାକୁ ଚେଷ୍ଟା କରିଥିଲେ। ତାଙ୍କ ପରେ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବିଧବା ପୁନଃବିବାହ ଏବଂ ମହିଳା ଶିକ୍ଷା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସମାନ ଭାବରେ, ସ୍ୱାମୀ ବିବେକାନନ୍ଦ ଧର୍ମକୁ ମାନବତାର ସେବା ସହିତ ଯୋଡିଥିଲେ। ଏହିପରି, ଭାରତରେ ନବଜାଗରଣର ଚେତନା ପ୍ରଥମେ ବଙ୍ଗଳାରେ ଆରମ୍ଭ ହୋଇଥିଲା ଏବଂ ଧୀରେ ଧୀରେ ସାରା ଦେଶରେ ବ୍ୟାପିଥିଲା। କିନ୍ତୁ ରାଜା ରାମମୋହନ ରାୟ ଏହାର ମୂଳଦୁଆ ସ୍ଥାପନ କରିଥିବା ପ୍ରଥମ ମହାନ ନେତା ଥିଲେ। ସେ ଭାରତୀୟ ସମାଜକୁ ଦେଖାଇଥିଲେ ଯେ ଆଧୁନିକତା ଏବଂ ପରମ୍ପରାକୁ ସନ୍ତୁଳିତ କରି ଆମେ ଏକ ନୂତନ ଯୁଗ ଆଡକୁ ଅଗ୍ରସର ହୋଇପାରିବା।

ଆଜି, ଯେତେବେଳେ ସମାଜ ପୁଣି ସଂକୀର୍ଣ୍ଣତା ଏବଂ ଧର୍ମାନ୍ଧତା ଆଡକୁ ଢଳିବାରେ ଲାଗିଛି, ସେତେବେଳେ ଭାରତରେ ନବଜାଗରଣ ଆରମ୍ଭ ହୋଇଥିବା ସାହସ ଏବଂ ଜ୍ଞାନକୁ ମନେ ରଖିବା ଅତ୍ୟନ୍ତ ଜରୁରୀ। ରାମମୋହନ ରାୟଙ୍କ ସେହି ଚେତନା ଏବେ ବି ଆମକୁ ମାର୍ଗଦର୍ଶନ କରିପାରିବ। ଭାରତରେ ବର୍ତ୍ତମାନର ସାମାଜିକ ଦୃଶ୍ୟପଟକୁ ବିଚାର କଲେ, ଏହା ସ୍ପଷ୍ଟ ହୋଇଯାଏ ଯେ ସଂକୀର୍ଣ୍ଣତା, ଧର୍ମାନ୍ଧତା ଏବଂ ବିଭାଜନକାରୀ ଚିନ୍ତାଧାରା ଆମ ଚେତନାରେ ନବଜାଗରଣର ସ୍ଥାନ ନେଇଛି। ଜାତିବାଦ, ଭେଦଭାବ ଏବଂ ଧର୍ମ ଏବଂ ସାମ୍ପ୍ରଦାୟିକତା ନାମରେ ହିଂସା ସମାଜକୁ କବଳିତ କରିଛି। ଭିଡ ହିଂସା ଏବଂ ଦଙ୍ଗା ଆଉ ଅସାଧାରଣ ନୁହେଁ। ଏପରି ସମୟରେ, ରାଜା ରାମମୋହନ ରାୟଙ୍କ ବିଚାରଧାରାକୁ ମନେ ପକାଇବା କେବଳ ଏକ ଐତିହାସିକ ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ସମସାମୟିକ ସମାଜକୁ ଦିଗଦର୍ଶନ ଦେବାର ଏକ ପ୍ରୟାସ। ତାଙ୍କ ଜନ୍ମଦିନରେ, ଆମକୁ ବୁଝିବାକୁ ପଡିବ ଯେ ତାଙ୍କ ଚେତନା ଆଜି ମଧ୍ୟ ଦୁଇଶହ ବର୍ଷ ପୂର୍ବେ ଯେପରି ପ୍ରାସଙ୍ଗିକ ଥିଲା।

ସାମାଜିକ ସଂସ୍କାର ପାଇଁ ସାହସ: ରାମମୋହନ ରାୟ ଏକ ଯୁଗରେ ସ୍ୱର ଉଠାଇଥିଲେ ଯେତେବେଳେ ସମାଜ ରୀତିବାଦୀ ଧାରଣା ଏବଂ ଅନ୍ଧବିଶ୍ୱାସରେ ଫସି ରହିଥିଲା। ସେ ସତୀ ପ୍ରଥା ବିରୁଦ୍ଧରେ ଲଢ଼ିଥିଲେ ଏବଂ ମହିଳାଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ଆଇନ ପ୍ରଣୟନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଆଜି, ଯେତେବେଳେ ମହିଳାଙ୍କ ପ୍ରତି ହିଂସା, ଭେଦଭାବ ଏବଂ ଅସମାନତା ଏବେ ବି ରହିଛି, ତାଙ୍କ ଚିନ୍ତାଧାରା ଆମକୁ କହେ ଯେ ସାମାଜିକ ମୁକ୍ତି କେବଳ ମହିଳାଙ୍କ ସ୍ୱାଧୀନତା ଏବଂ ସମ୍ମାନ ଦ୍ୱାରା ସମ୍ଭବ।

ଧାର୍ମିକ ସହିଷ୍ଣୁତା ଏବଂ ଜ୍ଞାନ: ରାମମୋହନ ରାୟ ଧର୍ମକୁ ଧର୍ମାନ୍ଧତାରୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ। ସେ ବେଦାନ୍ତ ଏବଂ ଉପନିଷଦର ବ୍ୟାଖ୍ୟା କରିବା ସମୟରେ ଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ପାଇଁ, ଧର୍ମର ସାର ମାନବତା ଥିଲା, ସଂକୀର୍ଣ୍ଣତା ନୁହେଁ। ଆଜି, ଯେତେବେଳେ ଧର୍ମ ନାମରେ ବିଭାଜନ ଏବଂ ହିଂସା ଘଟୁଛି, ତାଙ୍କ ବିଚାରଧାରା ଆମକୁ ମନେ ପକାଇ ଦିଏ ଯେ ଧର୍ମର ଉଦ୍ଦେଶ୍ୟ ମଣିଷକୁ ଏକତ୍ର କରିବା, ସେମାନଙ୍କୁ ବିଭାଜିତ କରିବା ନୁହେଁ।

ଜାତି ଏବଂ ଭେଦଭାବ ବିରୁଦ୍ଧରେ ସଚେତନ ହୋଇ, ସେ ଜାତି ବ୍ୟବସ୍ଥାର କଠୋରତାକୁ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ପାଇଁ, ଜଣେ ବ୍ୟକ୍ତିଙ୍କ ମୂଲ୍ୟ ତାଙ୍କ ଜାତି ଦ୍ୱାରା ନୁହେଁ, ବରଂ ତାଙ୍କ ନୈତିକତା ଏବଂ କାର୍ଯ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏ। ବର୍ତ୍ତମାନର ଭାରତରେ, ଯେତେବେଳେ ଜାତିଗତ ଭେଦଭାବ ଏବଂ ହିଂସା ଏବେ ବି ସମାଜକୁ ଖଣ୍ଡ ଖଣ୍ଡ କରୁଛି, ତାଙ୍କ ଚିନ୍ତାଧାରା ଆମକୁ କହେ ଯେ ସମାନତା ହେଉଛି ପ୍ରକୃତ ସ୍ୱାଧୀନତା। ରାମମୋହନ ରାୟଙ୍କ ଶିକ୍ଷା ଏବଂ ଆଧୁନିକତା ପ୍ରତି ଜିଦ୍ ଶିକ୍ଷାକୁ ସାମାଜିକ ସଂସ୍କାରର ସର୍ବୋତ୍ତମ ମାଧ୍ୟମ ବୋଲି ମନେ ପକାଇଥିଲା। ସେ ଇଂରାଜୀ ଶିକ୍ଷାକୁ ସମର୍ଥନ କରିଥିଲେ ଯାହା ଦ୍ୱାରା ଭାରତୀୟ ସମାଜ ଆଧୁନିକ ବିଜ୍ଞାନ ଏବଂ ଚିନ୍ତାଧାରା ସହିତ ଯୋଡ଼ି ହୋଇପାରିବ। ଆଜି ଯେତେବେଳେ ଶିକ୍ଷାର ଉଦ୍ଦେଶ୍ୟ କେବଳ ନିଯୁକ୍ତି ପର୍ଯ୍ୟନ୍ତ ସୀମିତ ହେଉଛି, ତାଙ୍କର ଦୃଷ୍ଟିକୋଣ ଆମକୁ ମନେ ପକାଇ ଦେଉଥିଲା ଯେ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଚେତନା ବିସ୍ତାର କରିବା ଏବଂ ବିବେକକୁ ବିକଶିତ କରିବା।

ସାମ୍ପ୍ରଦାୟିକତା ବିରୁଦ୍ଧରେ ତାଙ୍କର ବାର୍ତ୍ତା: ରାମମୋହନ ରାୟ ସର୍ବଦା ଆଲୋଚନା ଏବଂ ସହିଷ୍ଣୁତାକୁ ମୂଲ୍ୟ ଦେଇଥିଲେ। ସେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଇସଲାମିକ ଚିନ୍ତାଧାରାର ଅଧ୍ୟୟନ କରିଥିଲେ। ତାଙ୍କ ପାଇଁ, ସତ୍ୟ କୌଣସି ଗୋଟିଏ ଧର୍ମର ସ୍ୱତନ୍ତ୍ର ସଂରକ୍ଷଣ ନଥିଲା। ଆଜି, ଯେତେବେଳେ ସାମ୍ପ୍ରଦାୟିକତା ସମାଜକୁ ଖଣ୍ଡ ଖଣ୍ଡ କରୁଛି, ତାଙ୍କର ଦୃଷ୍ଟିକୋଣ ଆମକୁ କୁହେ ଯେ ଭାରତର ଶକ୍ତି ବିବିଧତାରେ ରହିଛି। ବର୍ତ୍ତମାନର ପରିପ୍ରେକ୍ଷୀରେ ପ୍ରାସଙ୍ଗିକତା: ଭାରତ ଯେଉଁ ସମୟ ଦେଇ ଗତି କରୁଛି, ସେହି ସମୟରେ ରାମମୋହନ ରାୟଙ୍କ ବିଚାରଧାରା ଆମକୁ ଚେତାବନୀ ଦିଏ ଯେ ଯଦି ଆମେ ବିବେକ, ସମାନତା ଏବଂ ସହିଷ୍ଣୁତାକୁ ପରିତ୍ୟାଗ କରୁ, ତେବେ ସମାଜ ହିଂସା ଏବଂ ଅନ୍ଧକାରରେ ବୁଡ଼ିଯିବ। ତାଙ୍କ ଚିନ୍ତାଧାରା ଆମକୁ ଶିଖାଏ ଯେ ଆଧୁନିକତା କେବଳ ପ୍ରଯୁକ୍ତିବିଦ୍ୟାରୁ ନୁହେଁ, ବରଂ ମାନବିକ ମୂଲ୍ୟବୋଧରୁ ଆସେ। ପୁନର୍ଜାଗରଣର ଆହ୍ୱାନ- ରାମମୋହନ ରାୟଙ୍କ ଜୀବନ ଆମକୁ ଶିଖାଏ ଯେ ସାମାଜିକ ମୁକ୍ତି କେବଳ ଆଇନ କିମ୍ବା ଶକ୍ତି ମାଧ୍ୟମରେ ନୁହେଁ, ବରଂ ଚେତନାର ପରିବର୍ତ୍ତନ ମାଧ୍ୟମରେ ହାସଲ କରାଯାଏ। ଯେପର୍ଯ୍ୟନ୍ତ ଆମେ ନିଜ ଭିତରୁ ସଂକୀର୍ଣ୍ଣତା ଏବଂ ଧର୍ମାନ୍ଧତାକୁ ଦୂର କରିନାହୁଁ, ସେପର୍ଯ୍ୟନ୍ତ ପ୍ରକୃତ ନବଜାଗରଣ ଅସମ୍ଭବ।

ରାମମୋହନ ରାୟଙ୍କ ଜନ୍ମଦିନ ଆମକୁ କେବଳ ଇତିହାସ ପୁସ୍ତକରେ ତାଙ୍କ ଚିନ୍ତାଧାରା ଦେଖିବା ପାଇଁ ନୁହେଁ, ବରଂ ଆମ ବର୍ତ୍ତମାନର ସମାଜର ଦିଗକୁ ଗଢ଼ିବା ପାଇଁ ସେଗୁଡ଼ିକୁ ବ୍ୟବହାର କରିବାର ସୁଯୋଗ ପ୍ରଦାନ କରେ। ଆଜି, ଯେତେବେଳେ ଭାରତ ସାମ୍ପ୍ରଦାୟିକତା, ଜାତିବାଦ ଏବଂ ଧର୍ମାନ୍ଧତାର ସଙ୍କଟ ସମ୍ମୁଖୀନ ହେଉଛି, ତାଙ୍କର ଚେତନା ଆମକୁ କହେ ଯେ ମୁକ୍ତିର ପଥ ଯୁକ୍ତି, ସମାନତା ଏବଂ ମାନବତା ମାଧ୍ୟମରେ ନିହିତ। ଯଦି ଆମେ ତାଙ୍କ ଚିନ୍ତାଧାରା ଗ୍ରହଣ କରୁ, ତେବେ ଆମେ ସମାଜକୁ ହିଂସା ଏବଂ ବିଭାଜନରୁ ଦୂରେଇ ଏକ ନୂତନ ନବଜାଗରଣ ଆଡକୁ ନେଇପାରିବା।

ମୋ: ୯୪୩୭୨୮୮୦୨୮



# ଜୀବନ ଓ ମୃତ୍ୟୁ

ଜଣେ ସାର୍ଟ ଓ କମିଜ୍ ସିଲାଇବାଲା ଥିଲା। ସେ ଖୁବ୍ ଭଲ ସାର୍ଟ ଓ କମିଜ, କୋର୍ଟ ତିଆରି କରିପାରୁଥିଲା। ସେ କେବେ କେଉଁଠୁ ଏହି କଳା ଶିଖିଥିଲା କେହି କହି ପାରୁନଥିଲେ। ତାକୁ ସମସ୍ତେ ମାଷ୍ଟରଜୀ ଡାକୁଥିଲେ। ତା'ର କେବଳ ଗୋଟିଏ ବଦଭ୍ୟାସ ଥିଲା। ସେ ଦେଶୀ ଦାରୁ ପିଉଥିଲା। ପିଇବା ସମୟରେ ସେ କିଛି ଇଆଡୁ ସିଆଡୁ ବକୁଥିଲା, କିନ୍ତୁ ତାହା ଅସ୍ପଷ୍ଟ ଥିଲା। ତା' ଗାଁର ଜଣେ ପିଲା ତାକୁ କାମରେ ସାହାଯ୍ୟ କରୁଥିଲା। ଦିନେ ତା' ଦୋକାନକୁ ଜଣେ ମୋଟା ଲୋକ ଢ଼ଳି ଢ଼ଳି ଆସିଲେ। ତାକୁ ତଳ ଉପର ଧଳାର ସୁଟ୍ ତିଆରି କରିବାକୁ କହିଲେ ଓ କିଛି ଅଗ୍ରୀମ ଦେଇ ସେଠାରୁ ଚାଲିଗଲେ। ଗଲାବେଳେ ପଛରୁ ବୁଲିପଡ଼ି କହିଲେ ଓ ମାଷ୍ଟରଜୀ ଯଦି କାମ ଖରାପ କର ତେବେ କନାର ଟଙ୍କା ଓ ଅଗ୍ରୀମର ଦୁଇଗୁଣା ଅସୁଲ କରିବି। ମାଷ୍ଟରଜୀ ସେତେବେଳକୁ ଟିକେ ପକାଇଦେଇଥିଲା। ଗାଁର ପିଲାଟି କହିଲା- ଦାଦା କାଲି ତା'ର କନା କାଟିବ, ଆଜି ଚାଲ ଦୋକାନ ବନ୍ଦ କରି ଶୋଇବାକୁ ଯିବା। ମାଷ୍ଟରଜୀ କହିଲା- କାଲି କାହିଁକି ଆଜି ହିଁ କାଟିବି, ଜବରଦସ୍ତି କଲାରୁ ପିଲାଟି ସେ ଦେଇଥିବା ପୁରୁଣା ସୁଟ୍‌ର ମାପ ଓ ନୂଆ କପଡ଼ା ମାଷ୍ଟରଜୀ ହାତକୁ ବଢ଼ାଇଦେଲା, ହେଲେ ଏ କ'ଣ ମାଷ୍ଟରଜୀ ମାପ ପାଇଁ ଥିବା ସୁଟ୍‌ଟିକୁ ଫୋପାଡ଼ି ଧଳା ସୁଟ୍‌ଟିକୁ ଏମିତି କାଟିଲେ କେମିତି ତାହା ସୁଟ ନୁହେଁ ଘୋଡ଼େଇ ହେବା ଚଦରଟିଏ ହେବ। ପିଲାଟି ଭାବିଲା କାଲି ସେ ଲୋକଟିର ପ୍ରକୋପ ଦାଦା ସହିପାରିଲେ ହେଲା। ମାଷ୍ଟରଜୀ ଖାଲି ବିଡ଼ବିଡ଼ାଉ ଥିଲା- ଜୀବନ ଓ ମୃତ୍ୟୁ ଭିତରେ କେତେ ଅନ୍ତର କିଏ ଦେଖିଛି। ଆଗାମୀ କାଲି ସକାଳେ ଯେ ମୋତେ ଏଇ ଅର୍ଡର ଆସିବ, ତେବେ ଆଜିଠୁଁ ମୁଁ କାହିଁକି କରିବିନି! ମଣିଷ ହିଁ କେବଳ ଭୂଲିଯାଏ ଜୀବନ ଓ ମୃତ୍ୟୁ ମଧ୍ୟରେ ଅନ୍ତର। ସକାଳୁ ଗୋଟିଏ ଗାଡ଼ି ଅଟକିଲା। ସ୍ତ୍ରୀ ଲୋକଟିଏ କହିଲା, କାଲି ରାତିରେ ସୁଟ୍ ବରାଦ ଦେଇଥିବା ଲୋକ ମୋ' ସ୍ୱାମୀ ଥିଲେ, ସେ ଗତ ରାତିରେ ହିଁ ଚାଲିଯାଇଛନ୍ତି। ହୋଇପାରିବ ଯଦି ତାଙ୍କୁ ଘୋଡ଼େଇବା ଭଳି ଚାଦରଟିଏ କରିପାରିଲେ ଭଲ ହୁଅନ୍ତା।

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ନକଲି ପାନୀୟ ଜଳ, ବାଜିରେ ଲୋକଙ୍କ ଜୀବନ

ଖୋର୍ଦ୍ଧା, ୨୩।୫ (ନି.ପ୍ର): ଜାରୀ ରହିଛି ଅସହ୍ୟ ଗରମକୁ ଗୁଳୁଗୁଳି । ଫଳରେ ବଢୁଛି ଥଣ୍ଡା ପାନୀୟ ଜଳର ଚାହିଦା । ଆଉ ଏହାର ଫାଇଦ ନେଇ ଖୋର୍ଦ୍ଧା ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଗଢି ଉଠିଛି ବେଆଇନ ପାଣି କାରଖାନା । ଖୋର୍ଦ୍ଧାରେ ଏହା ଏବେ ପ୍ରାୟ କୁଟୀର ଶିଳ୍ପ ରେ ପରିଣତ ହେଲାଣି ଘରୋଇ ବିଦ୍ୟୁତ ସଂଯୋଗରେ ଚାଲିଛି ବହୁ ବାଣିଜ୍ୟିକ କାରଖାନା । ଆଉ ବେଆଇନ ଭାବେ ପ୍ରତି ଜାର୍ ରେ ଥଣ୍ଡା ପାଣି ଭର୍ତି କରି ଗାଡି ଯୋଗେ ସହରର ପ୍ରତି ଘର ଓ ବ୍ୟବସାୟିକ ଅନୁଷ୍ଠାନରେ ପହଁଚାଇ ମାସକୁ ଲକ୍ଷ ଲକ୍ଷ ଟଙ୍କାର ମୁନାଫା କମାଉଛନ୍ତି । କେବଳ ଏତିକି ନୁହେଁ ବରଂ ବିଭାଘର, ବ୍ରତଘର, ସୁଧଘର ହେଲେ ଏମାନଙ୍କର ପୁଷମାସ । କିନ୍ତୁ ଏହି ପାଣି ଉପଯୁକ୍ତ ମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ଯେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ କରିବ, ତାହାକୁ ଏଡାଇ ଦିଆଯାଇନପାରେ । ଫଳରେ ଜଣ୍ଡିସ ଭଳି ବିଭିନ୍ନ ମାରାତ୍ମକ ରୋଗର ବାହକ ହେବା ଦିନ ତମାମ ବଜାରରେ ଏଭଳି ବେଆଇନ ପାଣି ଧରି ଗୋଟେ ପରେ ଗୋଟେ ଗାଡି ବୁଲୁଥିଲେ ମଧ୍ୟ ପ୍ରଶାସନ ସବୁଜାଣି ନଜାଣିବାର ଅଭିନୟ କରୁଛି । ସୂଚନା ଯୋଗ୍ୟ, ମିନେରାଲ୍ ୱାଟର ତିଆରି ପାଇଁ କେତେକ ପରୀକ୍ଷାନିରୀକ୍ଷା କରାଯାଏ । ପାଣିକୁ ପ୍ରଥମେ ଭଲ ଭାବେ ବିଶୋଧନ ଓ ଜୀବାଣୁମୁକ୍ତ କରାଯାଏ । ୟୁଭି(ଅଲଟ୍ରା ଭାଓଲେଟ୍), ଓଜୋନ୍ ଏବଂ ଆରଓ(ରିଜର୍ଭ ଓମୋସିସ୍) ପ୍ରକ୍ରିୟା କରାଯାଏ । ପାଣି ବଜାରକୁ ଛଡ଼ାଯିବା ପୂର୍ବରୁ ଏହାକୁ ଭଲ ଭାବେ ପରୀକ୍ଷା କରାଯାଏ । ଏଥିସହିତ ପାଣି ଉତ୍ପାଦନ କମ୍ପାନି ଆଇଏସ୍ଆଇ ମାର୍କ ପାଇବା ସହ ଭାରତୀୟ ଖାଦ୍ୟ ନିରାପତା ଓ ମାନ କର୍ତ୍ତୃପକ୍ଷ (ଫୁଡ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ) ସମେତ ସ୍ଥାନୀୟ ପ୍ରଶାସନର ଅନୁମତି ନେବା ବାଧ୍ୟତାମୂଳକ ରହିଛି । ପ୍ରସ୍ତୁତ ପାଣି ବୋତଲ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯୋଗାଯାଉଥିବା ପାଣି କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ମାତ୍ର ବିଭିନ୍ନ ଘରେ ବା ବ୍ୟବସାୟିକ ଅନୁଷ୍ଠାନରେ ଯୋଗା ଯାଉଥିବା ଜାର୍ ପାଣି ଉପରେ ଉତ୍ପାଦନ ତାରିଖ କି ଅବଧି ଶେଷର ତାରିଖ ଲେଖା ହେଉନି । ଏପରିକି କେଉଁ ତାରିଖରେ ତାହା ଭର୍ତ୍ତି ହୋଇ କେତେଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏଥି ସହିତ ବାସିପାଣି ମଧ୍ୟ ଯୋଗାଯାଉଥିବା କେତେକ ଗ୍ରାହକ ଅଭିଯୋଗ ଆଣିଛନ୍ତି । ଅନ୍ୟପକ୍ଷରେ ନିମ୍ନମାନର ପାନୀୟ ଜଳ ଅନେକ ପେଟ ରୋଗ ସହ ମାରାତ୍ମକ ରୋଗର କାରଣ ହୋଇପାରେ । ଯାହା ସ୍ୱାସ୍ଥ୍ୟାବସ୍ଥା ବିଗାଡ଼ି ଦେଇପାରେ । ଏଭଳି ପାନୀୟଠାରୁ ସବୁବେଳେ ଦୂରରେ ରହିବା ଦରକାର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି । ମାତ୍ର ସ୍ୱାସ୍ଥ୍ୟ ବିଭାଗ କି ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ । ତେଣୁ ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଇ ସହରରେ ଚାଲିଥିବା ସମସ୍ତ ପାଣି କାରଖାନା ଗୁଡିକ ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ୱାର୍ଡ-୫ରେ ପାନୀୟ ଜଳ ଯୋଗାଣ ଠପ୍ , ପ୍ରତିକାର ଦାବି

ବୁଗୁଡ଼ା, ୨୩।୫ (ନି.ପ୍ର): ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଗୁଡ଼ା ଏନଏସିର ୱାର୍ଡ-୫ ଅନ୍ତର୍ଗତ ସିମାଞ୍ଚଳନଗର, ନୃସିଂହ ମନ୍ଦିର ସାହି, ମହାରଣାସାହିରେ ଦୁଇ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି ତିନି ସାହିର ପ୍ରାୟ ଚାରି ଶହ ପରିବାର ପିଇବାକୁ ପାଣି ନପାଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଲୋକଙ୍କୁ ବାଧ୍ୟ ହୋଇ ଆଖପାଖରୁ ବହୁ କଷ୍ଟରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ପଡୁଛି । ଏ ନେଇ ସ୍ଥାନୀୟ ପିଏଚଡି ଅଧିକାରୀଙ୍କୁ ଲୋକେ ଯୋଗାଯୋଗ କରିବାରେ ବିଫଳ ହୋଇ ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହା ଫଳରେ ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ପ୍ରତି ଜଳକଷ୍ଟ ଭୋଗୁଥିବା ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦୃଢ ଦାବି ହେଉଛି ।

# ଠାକୁରାଣୀ ଯାତ୍ରାରେ ଶୋଭା ପାଉଛି କଳାକୁଞ୍ଜ ମେଢ଼



ଛତ୍ରପୁର, ୨୩।୫ (ନି.ପ୍ର): ଛତ୍ରପୁର ସହରରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ମା' ରାମାୟଣାମ୍ମାଙ୍କ ଐତିହାସିକ ଠାକୁରାଣୀ ଯାତ୍ରା ଉତ୍ସବ ମୁଖର ହୋଇ ଉଠିଛି । ମେଳଣ, ପଟୁଆର ଶୋଭାଯାତ୍ରାରେ ଦୁର୍ଲ୍ଲଭ ବେଶରେ ଦେବୀଙ୍କ ଘଟଯାତ୍ରା ଦୁଲକି ଉଠିଛି । କଳାକୁଞ୍ଜ ମେଢ଼ ଦର୍ଶକଙ୍କୁ ବେଶ ଆକର୍ଷିତ କରିଛି । ଶନିବାର ସନ୍ଧ୍ୟାରେ ବାହାରିଥିବା ଅଷ୍ଟାଦଶତମ ଦେବୀଙ୍କ ଘଟଯାତ୍ରା ରିକାପଲ୍ଲୀ ଅଭିମୁଖେ ଆଗମନ ହୋଇଛି । ବଦାନ୍ୟ ବ୍ୟକ୍ତି ସ୍ବର୍ଗତ ଆଦିନାରାୟଣ ରାଓ ବାବୁଙ୍କ ଅନ୍ତେ ତାଙ୍କ ପୁତ୍ର ପୌତ୍ର ଗଣ ଚଳିତ ବର୍ଷ ମଧ୍ୟ ଆଜି ଦିନର ଯାତ୍ରା ପୃଷ୍ଠପୋଷକତା ବହନ କରିଛନ୍ତି । ତେଣୁ ଶନିବାର ସନ୍ଧ୍ୟାରେ ସାଜନ୍ ବେଣୁ ଗୋପାଳ ରାଓଙ୍କ ବାସଭବନ କୁ ଯାଇ ଠାକୁରାଣୀ ନିଜର ନଅ ଜଣ ସାଥୀ ସହଚରୀଙ୍କ ସହ ମିଶି ଘଟଯାତ୍ରାରେ ବାହାରିଛନ୍ତି । ରିକାପଲ୍ଲୀ ଛକ, ମେଦିରି ସାହି, ବିନୋଦବିହାର ଠାରୁ ଶାଭରାୟା ଦୋକନ, ନାଇଡୁ ବଙ୍ଗଳା ପର୍ଯ୍ୟନ୍ତ ଦେବୀଙ୍କ ଆଗମନ ହୋଇଛି । ପରେ ଦେବୀ ବିଭିନ୍ନ ଦ୍ୱାର ଦେଶ ଯାଇ ବିଳମ୍ବିତ ରାତ୍ରିରେ ଦେବୀ ଅସ୍ଥାୟୀ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି । ସୂଚନା ଥାଉକି, ଠାକୁରାଣୀ ଯାତ୍ରାରେ ଶୋଭା ପାଉଛି, କଳାକୁଞ୍ଜ ମେଢ଼ । ଏହି ମେଢ଼ ମଣ୍ଡପ ଗୁଡ଼ିକ ଶୁକ୍ରବାର ସନ୍ଧ୍ୟାରୁ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ଠାକୁରାଣୀ ଯାତ୍ରାରେ ଅନ୍ୟାନ୍ୟ ବିବିଧ ପ୍ରଦର୍ଶନ ସହ ଜଡ଼ିତ ହୋଇଥିବା କଳାକୁଞ୍ଜ ମେଢ଼ ଦୃଶ୍ୟ ଅଗଣିତ ଦର୍ଶକଙ୍କୁ ବିମୋହିତ କରିଛି । ଏବେ ଠାକୁରାଣୀ ଯାତ୍ରା ଉତ୍ସବ ମୁଖର ହୋଇ ଉଠିଛି । ଛତ୍ରପୁର ମ୍ୟୁନିସିପାଲଟି ଅଞ୍ଚଳରେ ଥିବା ମିନି ଷ୍ଟାଡିୟମ୍ ରେ ମୀନା ବଜାର, ରାମ ଦୋଳି ଆଦି ପସରା ମେଲାଇ ଥିବା ମନୋରଞ୍ଜନ ଭରା ପ୍ରଦର୍ଶନୀରେ ହଜାର ହଜାର ସଂଖ୍ୟାରେ ଦର୍ଶକ ବେଶ ମଉଜ କରୁଛନ୍ତି । ଏହି ଠାକୁରାଣୀ ଯାତ୍ରା ଚଳିତ ଜୁନ୍ ମାସ ୫ ତାରିଖରେ ଉଦଯାପିତ ହେବ ବୋଲି ନିଷ୍ପତ୍ତି ଯାତ୍ରା କମିଟି ପକ୍ଷରୁ ନିଆଯାଇଛି ।

# ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରୋଇନ ଜବତ, ୮ ଗିରଫ



ରାଉରକେଲା, ୨୩।୫ (ନି.ପ୍ର): ଜିଲ୍ଲା ପୋଲିସ୍ ପକ୍ଷରୁ ନଶା ମୁକ୍ତ ଅଭିଯାନ ଅଧୀନରେ ଆଜି ସକାଳେ ପ୍ଲାଣ୍ଟସାଇଟ୍ ପୋଲିସ୍ ୨୨୦ ଗ୍ରାମ୍ ହେରୋଇନ୍ ଜବ୍ କରିବା ସହିତ ୬ ମହିଳାଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ୨୦୨୬ ମଇ ୨୩ ତାରିଖ ସକାଳେ ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ମହତାବ ରୋଡ୍ ଅଞ୍ଚଳର ମୀନାପଡ଼ାରେ ଏକ ସ୍ୱତନ୍ତ୍ର ଚଢାଉ କରାଯାଇଥିଲା । ଏଥି ସହିତ ପ୍ଲାଣ୍ଟସାଇଟ୍ ଥାନାର ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା ବ୍ରାଉନ୍ ସୁଗାର ଚାଲାଣ ନେଟ୍ୱାର୍କକୁ ସଫଳତାର ସହ ଠାବ କରିଥିଲା ରାଉରକେଲା ପୋଲିସ । ଚଢାଉ ସମୟରେ ୨ ଯୁବକଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହେରୋଇନ ଜବତ କରାଯାଇଛି ବୋଲି ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ । ଅଭିଯୁକ୍ତମାନେ ବେଆଇନ ଭାବରେ ଚୋରା ହେରୋଇନ୍ (ବ୍ରାଉନ୍ ସୁଗାର) ରଖିବା ସହ ବିକ୍ରି କରୁଥିଲେଛ ଅଭିଯୁକ୍ତମାନେ ବେଆଇନ ଆର୍ଥିକ ଲାଭ ପାଇଁ ସ୍କୁଲ ଏବଂ କଲେଜରେ ପଢୁଥିବା ଛାତ୍ରଙ୍କ ସମେତ ସାଧାରଣ ଜନତାଙ୍କୁ ନିଶାଦ୍ରବ୍ୟ ଯୋଗାଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ରୋସନ ଖାତୁନ୍ ଓରଫ୍ ଶାନ୍ତି (୫୫) ବର୍ଷ, ଫରିଦା ଖାତୁନ୍ ଓରଫ୍ ଜରିୱାଲି (୫୦) ବର୍ଷ, ଏମଡି. ଇମ୍ରାନ୍ ଆଲମ (୨୮) ବର୍ଷ, ଏମଡି. ଆଲାମ (୨୪) ବର୍ଷ, ନୁରେଶା ଖାତୁନ୍ (୫୫) ବର୍ଷ, ରହୀମା ଖାତୁନ୍ ଓରଫ୍ ରୀତା (୫୮)ବର୍ଷ, ମନୀଷା ଖାତୁନ୍ (୨୫)ବର୍ଷ, ମଧୁ ଓରଫ ନୁରେଶା ଖାତୁନ୍ (୫୯)ବର୍ଷ । ଅଭିଯୁକ୍ତଙ୍କ ନିକଟରୁ ୭ଟି ସେଲଫ୍ ଲକଡ୍ ପଲିଥିନ୍ ପ୍ୟାକେଟରେ ୨୨୦ ଗ୍ରାମ୍ ହୋରୋଇନ୍ (ବ୍ରାଉନ ସୁଗାର), ତିନୋଟି ମୋବାଇଲ ଫୋନ୍ ଏବଂ ନଗଦ ୨ ଲକ୍ଷ ୭୦ ହଜାର ୨୪୦ ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତ ଏମଡି. ଆଲାମ୍ ବିରୋଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ ଏବଂ ବନ୍ଧମୁଣ୍ଡା ଥାନାରେ ଗୋଟିଏ ଏନଡିପିଏସ୍ ମାମଲା ରହିଛି । ସେହିପରି ଅଭିଯୁକ୍ତ ଏମଡି. ଆଲାମ୍ ନାମରେ ପୂର୍ବରୁ ରାଉରକେଲା ଜିଆରପି ଥାନାରେ ମାମଲା ୧୬୯/୨୦୨୪ ବିଏନ୍ଏସ୍ ଧାରା ୩୧୬(୨)/୩୧୭(୨) ଏବଂ ପ୍ଲାଣ୍ଟସାଇଟ୍ ଥାନାର ମାମଲା ୨୬୪/୨୦୨୧ ଆଇପିସିର ଧାରା ୨୯୪/୩୨୩/୩୪୧/୩୫୪/୫୦୬/୩୪ରେ ମାମଲା ରହିଛି । ଅଭିଯୁକ୍ତ ମଧୁ ଓରଫ୍ ନୁରେଶା ଖାତୁନ୍ ନାମରେ ପୂର୍ବରୁ ଗୋଟିଏ ଏନଡିପିଏସ୍ ମାମଲା ରହିଛି । ଅଭିଯୁକ୍ତମାନଙ୍କୁ ପ୍ଲାଣ୍ଟସାଇଟ୍ ଥାନା କେସ୍ ନଂ-୫୩୮/ ତାରିଖ ୨୩.୦୫.୨୦୨୬ ଏନଡିପିଏସ୍ ଧାରା ୨୧(ବି)ରେ କୋର୍ଟ ଚାଲାଣ କରାଯାଇଛି ।

# ତାଲା ଭାଙ୍ଗି ଲୁଟ୍,ଭୟର ପରିବେଶ

ବଣାଇ,୨୩।୫ (ନି.ପ୍ର): ବଣାଇ ଥାନା ଅନ୍ତର୍ଗତ ଉପରପଡ଼ା ଗ୍ରାମରେ ଦିନ ଦ୍ୱିପହରରେ ଏକ ଚଞ୍ଚଲ୍ୟକର ଚୋରି ଘଟଣା ଘଟିଛି । ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁସାରେ, ଉପରପଡ଼ା ଗ୍ରାମର ଦେବବ୍ରତ ବିଶ୍ୱାଳ (ଗୁଲୁ) ପ୍ରତିଦିନ ଭଳି ଅଟୋ ଚଳାଇବା ପାଇଁ ଘରୁ ବାହାରିଥିଲେ । ସେହିପରି ତାଙ୍କ ସ୍ତ୍ରୀ କରୁଥିବା ଗୌରୀ ନର୍ସିଂ କଲେଜକୁ କାର୍ଯ୍ୟସ୍ଥଳକୁ ଯାଇଥିଲେ । ଦିନ ପ୍ରାୟ ୧୨ ଟା ୩୦ ମିନିଟ ସମୟରେ ସେ ଘରକୁ ଫେରିଥିବା ବେଳେ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗିଥିବା ଦେଖି ଆଚମ୍ବିତ ହୋଇଥିଲେ । ପରେ ଘର ଭିତରକୁ ପ୍ରବେଶ କରି ଦେଖିଥିଲେ ଯେ ଆଲମାରୀ ଭାଙ୍ଗି ସେଠାରେ ରଖିଥିବା ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଯାଇଛି । ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ପରେ ସେ ଘରେ ପହଞ୍ଚି ତୁରନ୍ତ ବଣାଇ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବଣାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚୋରମାନେ ପୂର୍ବ ଯୋଜନା ଅନୁସାରେ ଘଟଣାକୁ ଅଞ୍ଜାମ ଦେଇଥିବା ସନ୍ଦେହ କରାଯାଉଛି । ସେହିପରି ଆଜି ଅନ୍ୟ ଏକ ଘଟଣାରେ ଟିକାୟତପାଲି ଥାନା ଅନ୍ତର୍ଗତ ବିଜାକୁଳି ଗ୍ରାମରେ ମଧ୍ୟ ସମାନ ଢଙ୍ଗରେ ଦିନ ଦ୍ୱିପହରରେ ଏକ ଘରୁ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଜଣାପଡ଼ିଛି । ଦୁଇଟି ଘଟଣାର ସମାନ ପ୍ରକୃତିକୁ ନେଇ ଅଞ୍ଚଳରେ ସକ୍ରିୟ ଚୋର ଗ୍ୟାଙ୍ଗ ଥିବା ଆଶଙ୍କା ପ୍ରକାଶ ପାଉଛି । ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରୀ ରଖିଛି ।

# ଚିକିତ୍ସାଧିନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର, ୨୩।୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧିନ ମୁଦୁଲି ପଲ୍ଲୀ ଗାଁ ନିକଟ ଜାତୀୟ ରାଜପଥରେ ଗୁରୁବାର ଏକ ଘରୋଇ ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲାଛ ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ କୁଲାଙ୍ଗି ଗ୍ରମର ଗଣେଶ ଭୁୟାଁ ବୋଲି ଜଣାପଡିଛି । ସୁଚନାନୁସାରେ, ଗୁରୁବାର ଏକ ଭୋଜିରେ ଯୋଗଦେଇ ଗଣେଷ ରାତିରେ ଘରକୁ ଫେରୁଥିଲେ । ଏହି ସମୟରେ ମୁଦୁଲି ପଲ୍ଲୀ ଗାଁ ନିକଟ ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା କାମଧେନୁ ନାମକ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଗଣେଶ ଗୁରୁତର ହୋଇ ପଡ଼ିଥିଲେ । ସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଗଣେଶଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରିଥିଲେ । ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି ।

# ଠାକୁରାଣୀଙ୍କ ଯାତ୍ରାରେ ଆତଙ୍କରାଜ, ୪ କୋର୍ଟ ଚାଲଣ

ଭଞ୍ଜନଗର, ୨୩।୫ (ନି.ପ୍ର): ଗତ କିଛି ଦିନ ପୁର୍ବେ ଭଞ୍ଜନଗର ସହରରେ ଚାଲିଥିବା ମା' ଠାକୁରାଣୀଙ୍କ ଯାତ୍ରା ସମୟରେ କିଛି ଅସାମାଜିକ ବ୍ୟକ୍ତି ହାତରେ ମାରଣାସ୍ତ୍ର ଧରି ଭୟର ବାତାବରଣ ସୃଷ୍ଟି କରିବା ଅଭିଯୋଗରେ ଭଞ୍ଜନଗର ପୁଲିସ କଡା କାର୍ଯ୍ୟାନୁଷ୍ଠାନ ନେଇଛି । ପୃଥକ ୪ଟି ମାମଲାରେ ପୁଲିସ ଭଞ୍ଜନଗର ସହରର ମହମ୍ମଦ ଇମରାନ୍(ଇମୁ) ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିବନାନନ୍ଦ ଜେନା ସୁଚନା ଦେଇଛନ୍ତି । ସୁଚନାନୁସାରେ, ଐତିହାସିକ ଠାକୁରାଣୀ ଯାତ୍ରା ଅବସରରେ ଭଞ୍ଜନଗର ମ୍ୟୁନିସିପାଲଟି ପକ୍ଷରୁ ଗତ ୧୭ ତାରିଖରେ ଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଉକ୍ତ ଦିନ ସହରରେ ପ୍ରବଳ ଭିଡ ଥିବା ବେଳେ ବିଳମ୍ବିତ ରାତିରେ ଭଞ୍ଜନଗର ବସଷ୍ଟାଣ୍ଡରେ ମହମ୍ମଦ ଇମ୍ରାନ(ଇମୁ) ଠିଆ ହେଇଥିଲା । ଏହି ସମୟରେ ଦୀପକ ମହନ୍ତ ଓ ତାର ସହଯୋଗୀମାନେ, ତାକୁ ସେଠାରେ ଦେଖି କିଛି ଆପତିଜନକ ଶବ୍ଦ ବ୍ୟବହାର କରିଥିଲେ । ଏହା ସହ ସେଠାରେ ତାକୁ ଠେଲା ପେଲା କରିଥିଲେ । ଯେହେତୁ ସେ ଏକା ଥିଲା, ସେମାନଙ୍କୁ ବିରୋଧ ନ କରି ସେଠାରୁ ଇମୁ ଚାଲି ଆସିଥିଲା । ପରେ ଇମୁ, ତାର ଜଣେ ସହଯୋଗୀକୁ ଧରି, ତାଙ୍କ ଘରକୁ ଯାଇ ତାକୁ ଖୋଜିବା ସହ ସେଠାରେ ତାକୁ ଓ ତାର ପରିବାରକୁ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ସେଠାରେ ଇମୁ ଜାଣିବାକୁ ପାଇଥିଲା ଯେ, ସେ ଏବେ ଭଞ୍ଜନଗର ପୌରପରିଷଦ କାର୍ଯ୍ୟାଳୟରେ ଅଛି । ତେଣୁ ଇମୁ ତାର ସହଯୋଗୀ ସହ ସେଠାରେ ଯାଇ ଗାଳିଗୁଲଜ କରିବା ସହ ମାରଧର କରିଥିଲା । ଇମୁ ଓ ତାର ସହଯୋଗୀ ପୌରପରିଷଦ କାର୍ଯ୍ୟାଳୟରେ ମାଡଗୋଳ କରୁଛନ୍ତି ଖବର ପାଇ, ଅରୁଣ କୁମାର ବେହେରା ଓ ସେମାନଙ୍କର ସହଯୋଗୀ ସେଠାରେ ପହଞ୍ଚି ସେ ଦୁଇ ଜଣଙ୍କୁ ନିସ୍ତୁକ ମାଡ ମାରିଲେ । ପ୍ରାଣଭୟରେ ଇମୁ ତାର ମୋଟର ସାଇକେଲ ଓ ମୋବାଇଲକୁ ସେଠାରେ ଛାଡିଦେଇ, ସେ ଓ ତାର ସହଯୋଗୀ ସେଠାରୁ ଫେରାର ହୋଇ ଯାଇଥିଲେ । କିନ୍ତୁ ଏ ଘଟଣାର କିଛି ସମୟ ପରେ ଦୀପକ ମହନ୍ତ, ଅରୁଣ ଓ ସେମାନଙ୍କ ସହ ପ୍ରାୟ ୧୫ ରୁ ୨୦ ଅସାମାଜିକ ଯୁବକ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ପ୍ରଥମେ ଇମୁର ଘରକୁ ଯାଇ ଭଙ୍ଗାରୁଜା କରିବା ସହ ତାର ସ୍ତ୍ରୀକୁ ଖରାପ ବ୍ୟବହାର କରିଥିଲେ । ଏହା ସହ ଇମୁକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ସେମାନେ ଅଶୋକ ପ୍ରଧାନର ଘରକୁ ଯାଇ, ତାକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଧମକ ଦେଇ ସେଠାରୁ ପଳେଇ ଯାଇଥିଲେ । ଉଭୟ ଗୋଷ୍ଠୀର ରିପୋର୍ଟ ଆଧାରରେ ଭଞ୍ଜନଗର ଥାନାରେ ଚାରି ଗୋଟି ମାମଲା ରୁଜୁ କରାଯାଇ ଚାରି ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି । ଯେଉଁମାନେ ଭଞ୍ଜନଗର ସହରରେ ସେଦିନ ଅପ୍ରୀତିକର ପରିବେଶ ସୃଷ୍ଟି କରିଥିଲେ,ସେ ମାନଙ୍କ ବିରୋଧରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଜିବନାନନ୍ଦ ଜେନା ସୁଚନା ଦେଇଛନ୍ତି ।

# ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ଜାତୀୟ ରାଜପଥ ଅବରୋଧ



ପାପଡାହାଣ୍ଡି, ୨୩।୫ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକର ଧନସୁଲି ଠାରେ ଥିବା ଦେଶୀମଦ ଭାଟି ବନ୍ଦ ସହ ବେଆଇନ ମଦ ବିକ୍ରି ବନ୍ଦ ସକାଶେ ଚାରୋଟି ଗ୍ରାମର ମହିଳାଙ୍କ ରାସ୍ତାରୋକ ସହ ମଦ ଭାଟି ସମ୍ମୁଖରେ ଧାରଣା ଦେଇଛନ୍ତି । ଗ୍ରାମର ଶତାଧିକ ମହିଳା ପାପଡାହାଣ୍ଡି - ଭବାନୀପାଟଣା ଜାତୀୟ ରାଜପଥକୁ ରୋକ କରିଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତା ଅବରୋଧରୁ ମହିଳା ହଟିଥିଲେ ମଧ୍ୟ ଭାଟି ସମ୍ମୁଖରେ ଧାରଣାରେ ବସିଛନ୍ତି । ମହିଳାମାନଙ୍କ ଅଭିଯୋଗ ଯେ, ଏହି ମଦ ପାଠପଢୁଥିବା ଛାତ୍ର ଠାରୁ ଯୁବକ, ବୃଦ୍ଧ ସମସ୍ତେ ଏଥିରେ ଅଭ୍ୟସ୍ତ ହୋଇଛନ୍ତି । ଅକାଳରେ ଅନେକଙ୍କ ଜୀବନ ଚାଲିଯାଉଛି,ଘରେ ଘରେ ଅଶାନ୍ତି ସୃଷ୍ଟି ହେଉଛି, ଧନ ଜୀବନ ଚାଲି ଯାଉଛି । ଏଣୁ ତୁମ୍ବର୍ଲା, ଧନସୁଲି, ହିଁଲି ଓ ଗବର୍ଲା ଗ୍ରାମର ଶତାଧିକ ମହିଳା ଧନଶୂଲି ଠାରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ତୁରନ୍ତ ବନ୍ଦ ସହ ଗ୍ରାମରେ ବେଆଇନ ବିକ୍ରି ହେଉଥିବା ମଦ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି । ଅଭିଯୋଗ କଲେ ଅବକାରୀ ବିଭାଗ ମଦ ବ୍ୟବସାୟୀଙ୍କୁ ନେଇ ପୁଣି ଛାଡି ଦେଉଛି । ଫଳରେ ମଦ ବିକ୍ରି କରିବା ଲୋକ ଉପରେ ନିୟନ୍ତ୍ରଣ ରହୁନାହିଁ ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି ।

# ଗଞ୍ଜେଇ ଜବତ,ଜଣେ ଗିରଫ

ଆସିକା, ୨୩।୫ (ନି.ପ୍ର): ଆସିକା କାଳଷଣ୍ଡପୁର ନିକଟସ୍ଥ ଆରିୟାନ ପ୍ଲବିକ ସ୍କୁଲ ନିକଟରୁ ୧୪୦ କେଜି ଗଞ୍ଜେଇ ସହ ମହିନ୍ଦ୍ରା ଏକ୍ସୟୁଭି ୫୦୦ କାର ଜବତ ଜଣେ ଗିରଫ । ଗିରଫ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ଖଡକପୁର ଅଞ୍ଚଳର ସଲମାନ କ୍ୟୁରେସି । ସେ ଫୁଲବାଣୀରୁ ଗଞ୍ଜେଇ ନେଇ ବ୍ରହ୍ମପୁର ହୋଇ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଇନସପେକ୍ଟର ବିବିକା ନନ୍ଦ ପେରାଇ, ଏ. ଏସ. ଆଇ ସତ୍ୟବେହରା ଓ ତାଙ୍କ ଟିମ୍ ମାଡି ବସିଥିଲେ । ଗିରଫ ଅଭିଯୁକ୍ତ ଠାରୁ ୧୪୦ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଆଜି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।

# ଆହତ ହରିଣକୁ ଉଦ୍ଧାର କରି ବନ ବିଭଗକୁ ହସ୍ତାନ୍ତର

ଗଞ୍ଜାମ, ୨୩।୫ (ନି.ପ୍ର): ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ଦୁର୍ଗର ଏକ ଆହତ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି, ଉଦ୍ଧାର କରିଥିବା ସ୍ୱଚ୍ଛାସେବି । ଉକ୍ତ ହରିଣଟି ପୋତାଗଡ଼ ଚତୁର୍ପାର୍ଶରେ ଥିବା ନାଳରେ କିପରି ପଡିଯାଇଥିବା ବେଳେ, ଖବର ପାଇ ରଞ୍ଜନ କୁମାର ଗୌଡ଼, ଆଶିଷ କୁମାର ଗୌଡ଼, କ୍ରିଷ୍ଣା ବିଶ୍ୱାଳ, ଆଶୀତୋଷ ମଣ୍ଡଳ, ସୌରଭ ମଣ୍ଡଳ, ଶୁଭମ ବାରିକି, ରୁଦ୍ର ମାହାନ୍ତି, ପପୁ ମାହାନ୍ତି ପହଞ୍ଚିଥିଲେ । ସ୍ୱଚ୍ଛାସେବି ମନେ ନାଳରେ ପାଣି ଥିବା ସ୍ୱତେ ଡେଇଁ ପଡି ହରିଣକୁ ଉଦ୍ଧାର କରିବା ସମୟରର ସେମାନେ ସାମନ୍ୟ ଆହତ ହୋଇଥିଲେ । ଖବର ଦେବା ପରେ ବନ ବିଭାଗ ଆସି ହରିଣଟିକୁ ହସ୍ତାନ୍ତର କରିଥିଲେ ସ୍ୱଚ୍ଛାସେବୀ । ହରିଣଟିକୁ ଜଙ୍ଗଲରେ ଛଡାଯିବ ବୋଲି କହିଛନ୍ତି । ସ୍ୱଚ୍ଛାସେବିଙ୍କ ଏଭଳି କାମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ବଜ୍ରପାତ : ବିଭିନ୍ନ ସ୍ଥାନରେ ଅଘଟଣ

ଦଶପଲ୍ଲା, ୨୩।୫ (ନି.ପ୍ର): ଦଶପଲ୍ଲା ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ଯୋଗୁଁ ଅନେକ ଅଘଟଣ ଘଟିଛି । ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମାର୍ଦାବାଡ଼ି ଗ୍ରାମରେ ବଜ୍ରପାତ ଘଟି ମୁନା ନାଏକ ଓ ସୌଭାଗିନୀ ବେହେରାଙ୍କ ଘର ପୋଡିଯାଇଥିବା ସୂଚନା ମିଳିଛି । ଏଥିରେ ଘରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ ଟଙ୍କା ମଧ୍ୟ ପୋଡି ଯାଇଥିବା ଜଣାପଡିଛି । ଅନ୍ୟ ପକ୍ଷରେ ବାଘୁଆପଶି ଗ୍ରାମର ମହେନ୍ଦ୍ର ବେହେରା ଓ ଉପେନ୍ଦ୍ର ପ୍ରଧାନଙ୍କ ନଡ଼ିଆ ଗଛ ଜଳି ଯାଇଥିବା ବେଳେ ଅଙ୍କୁର ବେହେରା,ଗୋବର୍ଧନ ପ୍ରଧାନ,ଈଶ୍ୱର ବେହେରା ଓ ଭୀମସେନ ବେହେରାଙ୍କ ଇନଭର୍ଟର ପୋଡି ଯାଇଥିବା ଶୁଣିବାକୁ ମିଳିଛି । ଡମହାଣ୍ଡି ଠାରେ ଟ୍ରକ ଉପରେ ଗଛ ପଡି ଯାଇଥିବାର ମଧ୍ୟ ସୂଚନା ମିଳିଛି ।

# କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୨୩।୫(ନି.ପ୍ର ): ରାଜ୍ୟ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ ସାଲେପୁର ଅଞ୍ଚଳର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଶିଶୁଆ ସ୍ଥିତ ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀମାନେ ବେଶ ସଫଳତା ହାସଲ କରିଛନ୍ତି । ପରୀକ୍ଷା ଦେଇଥିବା ୩୨୨ ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୧ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି । ଶିକ୍ଷାନୁଷ୍ଠାନର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଆଲୋକ ଦାସ ୫୮୪ନମ୍ବର ରଖି କଲେଜ୍ ଟପର ହୋଇଥିବା ବେଳେ ଶୀତଳ ସୌମ୍ୟା ଦାସ ୫୭୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ଛାତ୍ର ଦିବ୍ୟଜିତ ମଲ୍ଲ ୫୬୫ ନମ୍ବର ରଖି କଲେଜରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ୧୩ ଜଣ ଛାତ୍ରଛାତ୍ରୀ ଶତକଡା ୯୦ ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଛାତ୍ର ଛାତ୍ରୀଙ୍କ ଏହି ସଫଳତା କଲେଜ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ସମାଜସେବୀ ଉମାକାନ୍ତ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତିଛଏଥିସହ ସେ ସମସ୍ତ ଅଧ୍ୟାପକ,ଅଧ୍ୟାପିକାଙ୍କୁ ପ୍ରତିଷ୍ଠାତା ଶ୍ରୀ ଓଝା ମଧ୍ୟ ଧନ୍ୟବାଦ ଦେଇଛନ୍ତି ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ଜି.ଉଦୟଗିରି, ୨୩।୫ (ନି.ପ୍ର): ଭର୍ଗୋ ଆୟୁର୍ବେଦ ଫର୍ମା ତରଫରୁ ଏବଂ ଶ୍ରୀ ସାଇ କ୍ଲିନିକ ସହଯୋଗ ରେ ଶନିବାର ଦିନ ଜି.ଉଦୟଗିରିରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜି.ଉଦୟଗିରି ୱାର୍ଡ ନମ୍ବର - ୮ ଗୋଲାସାହି ସ୍ଥିତ ଶ୍ରୀ ସାଇ କ୍ଲିନିକ ଠାରେ ଅନୁଷ୍ଠିତ ଏହି ଶିବିରରେ ଡାକ୍ତର ଶିଥିଲ ମେହେର ଓ ଡାକ୍ତର ସତ୍ୟ ନାରାୟଣ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୫୦ ରୁ ଉର୍ଦ୍ଧ ରୋଗୀଙ୍କ ଚିକିତ୍ସା କରା ଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଛି । ଉକ୍ତ ଶିବିରରେ ଭର୍ଗୋ ଆୟୁର୍ବେଦ ଫର୍ମା,ବ୍ରହ୍ମପୁର ପ୍ରତିନିଧି ଅଜୟ କୁମାର ସାହୁଙ୍କ ଉପସ୍ଥିତିରେ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟା ଯାଇଥିଲା । ଏହି ମହତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଶିକ୍ଷକ ଦୀପକ କୁମାର ସିଓ, ଲିଟୁସାହୁ, ରିତେଶ ରୋଷନ ଏବଂ ଇବନ ନାୟକ ପ୍ରମୁଖ ।

# ଶହୀଦ ନଗର ଉଚ୍ଛେଦ ଘଟଣା,ବ୍ୟବସାୟୀଙ୍କୁ ବୁଝାଇଲା ପ୍ରଶାସନ



ଧାମନଗର,୨୩।୫ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ ମସିହା ନଭେମ୍ବର ୨୮ ତାରିଖରେ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଥିବା ଶହୀଦ ନଗରରୁ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘ ୧୦ ବର୍ଷ ପରେ ପ୍ରଶାସନ ତତ୍ପରତା ଦେଖାଇଛି । ଏଠାରୁ ବେଆଇନ ଜବରଦଖଲ ହଟାଇବା ପାଇଁ ଧାମନଗର ତହସିଲ ପକ୍ଷରୁ ୫୬ ଜଣଙ୍କୁ ନୋଟିସ ଲଗାଯାଇଛି । ଏଠାରେ ଥିବା ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ଶହୀଦ ସ୍ମୃତିପୀଠର ସୌନ୍ଦର୍ଯ୍ୟକରଣ ଏବଂ ପାରିପାର୍ଶ୍ୱିକ ବିକାଶ ପାଇଁ ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ କୋଟି ଆର୍ଥିକ ଅନୁଦାନରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ଏଭଳି ସ୍ଥିତିରେ ସହିଦ ନଗରରୁ ଉଚ୍ଛେଦ ପ୍ରକ୍ରିୟା ଏକପ୍ରକାର ଆବଶ୍ୟକ ହୋଇପଡ଼ିଛି । ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା,ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ନୂଆ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଉଚ୍ଛେଦକୁ ନେଇ ସେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି । ମନ୍ତ୍ରୀ ସୂରଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଧାମନଗର ତହସିଲଦାର ଜ୍ଞାନ ରଞ୍ଜନ ସାହୁ ଶହୀଦ ନଗର ଠାରେ ପହଞ୍ଚି ବଜାର କମିଟି ଓ ବ୍ୟବସାୟୀଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରଶାସନ ଆଲୋଚନା ବେଳେ ଦର୍ଶାଇଛି ଯେ, ଶହୀଦ ସ୍ମୃତିପୀଠକୁ ରାଜ୍ୟ ତଥା ଜାତୀୟ ସ୍ତରରେ ଏକ ମଡେଲ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚୟ ଦେବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବେଆଇନ ଦଖଲ ମୁକ୍ତ ହେବା ଜରୁରୀ । ଯେଉଁମାନେ ସରକାରୀ ଜାଗାରେ ଘର ଦୋକାନ ଆଦି କରିଛନ୍ତି ବର୍ତ୍ତମାନ ସେମାନଙ୍କୁ ଏଠାରେ ଥିବା ଆରଏମସି ମାର୍କେଟ କମ୍ପ୍ଲେକ୍ସରେ ଗୃହ ଯୋଗାଇ ଦିଆଯିବ ଏବଂ ନିକଟରେ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇ ସେଠାରେ ସେମାନଙ୍କୁ ପୂର୍ବ ପରି ଥଇଥାନ କରାଯିବ । ସେହିପରି ବସୁନ୍ଧରା ଯୋଜନାରେ ଜାଗା ସହିତ ଗୃହ ଏବଂ ରେଡ଼ କ୍ରସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ସ୍ୱତନ୍ତ୍ର ମାଛ ମାର୍କେଟ ନିର୍ମାଣ କରାଯିବ । ପୀଠର ବିକାଶ କାର୍ଯ୍ୟ ବେଳେ ପ୍ରଶସ୍ତ ଗମନାଗମନ ବ୍ୟବସ୍ଥା ସହିତ ପାର୍କିଂ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଶହୀଦ ସ୍ମୃତିପୀଠକୁ ନୂଆ ପରିଚୟ ଦେବା ଦିଗରେ ସ୍ଥାନୀୟ ଜନସାଧାରଣ ଏବଂ ବ୍ୟବସାୟୀଙ୍କ ସହଯୋଗ ଲୋଡ଼ିଛି ପ୍ରଶାସନ । ଶହୀଦ ସ୍ମୃତି ରକ୍ଷା ସମିତିର ଉପସଭାପତି ବୈକୁଣ୍ଠ ନାଥ ସାହୁଙ୍କ ସଂଯୋଜନାରେ ଆହୂତି ବୈଠକରେ ରଘୁନାଥ ଲେଙ୍କା,ଚତୁର୍ଭୁଜ ନାୟକ,ଅଜୟ ବଳ,ସଞ୍ଜୀବ ବେହେରା,ରମାକାନ୍ତ ସାହୁ,ଶହୀଦ ସ୍ମୃତି ରକ୍ଷା ସମିତିର ସାଧାରଣ ସମ୍ପାଦକ ଗୟାଧର ନାୟକ,ବଜାର କମିଟି ସଭାପତି ମାନସ ଲେଙ୍କା,ସମ୍ପାଦକ ଗଙ୍ଗାଧର ନାୟକ,ବରିଷ୍ଠ ବ୍ୟବସାୟୀ ନରେନ୍ଦ୍ର ସାହୁ,ପ୍ରଶାନ୍ତ ନାୟକ,ଚକ୍ରଧର ପାତ୍ର,ପଙ୍କଜ ପାଣିଗ୍ରାହୀ, ଦେବାଶିଷ ନାୟକ,ମନୋରଞ୍ଜନ ମୁଦୁଲି,ରାଜେନ୍ଦ୍ର ମିଶ୍ର,ଶିବ ମୁଦୁଲି, ବିଶ୍ୱଜିତ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ୟସାୟୀ ଯୋଗ ଦେଇଥିଲେ । ପ୍ରକାଶ ଯେ ଇତିପୂର୍ବରୁ ୨୦୧୬ ଏବଂ ୨୦୨୪ରେ ଶହୀଦ ନଗରକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନ ପଦକ୍ଷେପ ଆରମ୍ଭ କରିଥିଲା ।

# ସିବିଏସସିର ତୃତୀୟ ଭାଷା ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ

ବାଲେଶ୍ୱର, ୨୩।୫ (ନି.ପ୍ର): ସେବାନିବୃତ୍ତ ଶିକ୍ଷାବିତ ତଥା ବିଶିଷ୍ଟ ଲେଖକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷା ପରୀକ୍ଷା ଉଚ୍ଛେଦ କରାଯିବା ନିଷ୍ପତ୍ତି ଓଡ଼ିଆ ଭାଷାକୁ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଦେବାର ଏକ ସୁଚିନ୍ତିତ ଚକ୍ରାନ୍ତ । ସେ ଏହି ଏକତରଫା ନିଷ୍ପତ୍ତି ବିରୋଧରେ ଓଡ଼ିଶା ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜରୁରୀ ବିବୃତି ଜାରି କରି ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି । ଡକ୍ଟର ପଟ୍ଟନାୟକ କହିଛନ୍ତି ଯେ, ଯେଉଁ ମାତୃଭାଷା ଶିକ୍ଷାର ପ୍ରଥମ ଓ ପ୍ରଧାନ ଭାଷାର ମର୍ଯ୍ୟାଦା ପାଇବା କଥା, ସିବିଏସଇ ନିଜର ମନମୁଖୀ ଗାଇଡ଼ଲାଇନ ବଳରେ ତାହାକୁ ତୃତୀୟ ଭାଷାର ସ୍ଥାନକୁ ଠେଲି ଦେଇଛି । ବର୍ତ୍ତମାନ ଇଂରାଜୀକୁ ପ୍ରଥମ ଏବଂ ହିନ୍ଦୀକୁ ଦ୍ୱିତୀୟ ସ୍ଥାନ ଦିଆ ଯାଇଥିବା ବେଳେ ଆଞ୍ଚଳିକ ମାତୃଭାଷାକୁ ଅବହେଳିତ ତୃତୀୟ ସ୍ଥାନରେ ରଖାଯାଇଛି । ନିୟମ ଅନୁସାରେ ଯେଉଁ ରାଜ୍ୟର ପିଲା, ସେହି ରାଜ୍ୟର ଭାଷା ହିଁ ପ୍ରଥମ ଭାଷା ହେବା ଉଚିତ ବୋଲି ସେ ମତ ଦେଇଛନ୍ତି । ପୂର୍ବରୁ ଇଂରାଜୀ ସହିତ ହିନ୍ଦୀ, ଓଡ଼ିଆ କିମ୍ବା ସଂସ୍କୃତ ମଧ୍ୟରୁ ଛାତ୍ରଛାତ୍ରୀମାନେ ନିଜ ରୁଚି ଅନୁସାରେ ବିଷୟ ନିର୍ବାଚନ କରି ପରୀକ୍ଷା ଦେଉଥିଲେ଼ ମାତ୍ର ବର୍ତ୍ତମାନର ଏହି ନୂତନ ନିୟମ ଯୋଗୁଁ ଓଡ଼ିଶାରେ ଥାଇ ମଧ୍ୟ କେତେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବାଦ୍ ଦେଇ କେବଳ ହିନ୍ଦୀ ଓ ସଂସ୍କୃତ ପଢ଼ାଉଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ । ଡକ୍ଟର ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି ଯେ, ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟଗୁଡ଼ିକରେ ଯଦି ସେହି ରାଜ୍ୟର ସ୍ୱାଭିମାନ ଓ ମାତୃଭାଷାକୁ ଗୁରୁତ୍ୱ ଦିଆନଯିବ, ତେବେ ସରକାର ମାତୃଭାଷାର ଭବିଷ୍ୟତକୁ କେଉଁ ଆଡ଼କୁ ନେଇଯାଉଛନ୍ତି ବୋଲି ପ୍ରଶ୍ନ ଉଠିବ । କେବଳ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତ୍ରିଭାଷା ସୂତ୍ର ଅଧୀନରେ ଓଡ଼ିଆ ପଢ଼ିବେ ଏବଂ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା ଦେବେ ନାହିଁ, ଏହା ଏକ ବିକୃତ ମାନସିକତା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ଓଡ଼ିଆ ଭାଷାର ଅସ୍ତିତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ ବୋଲି ଡକ୍ଟର ପଟ୍ଟନାୟକ କହିଛନ୍ତି । ମାନ୍ୟବର ଶିକ୍ଷାମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ପୂର୍ବଭଳି କିପରି ତୃତୀୟ ଭାଷା ଭାବେ ଓଡ଼ିଆ ପରୀକ୍ଷା ଦେଇପାରିବେ, ସେଥିପାଇଁ ଏକ ଦୃଢ଼ ସରକାରୀ ଆଦେଶନାମା ଜାରି କରନ୍ତୁ ବୋଲି ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଜୋରଦାର ଦାବି କରିଛନ୍ତି ।

# ଗ୍ରୀଷ୍ମ ଶିବିର ଉଦ୍‌ଯାପିତ

ହରଭଙ୍ଗା, ୨୩।୫ (ନି.ପ୍ର): ବୌଦ୍ଧ ଜିଲ୍ଲାର ଅଗ୍ରଣୀ ନୃତ୍ୟାନୁଷ୍ଠାନ 'ପ୍ରଣାମ' ଦ୍ୱାରା ଆୟୋଜିତ ହୋଇଥିବା ୧୫ ଦିନିଆ 'ପଞ୍ଚମ ପ୍ରଣାମ ସମର ଫେଷ୍ଟ -୨୦୨୬' ଟାଉନ ହଲ ଠାରେ ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଶତାଧିକ ଶିଶୁ ଓ ଯୁବ କଳାକାର ଅଂଶ ଗ୍ରହଣ କରିଥିଲେ । ଗ୍ରୀଷ୍ମ ଶିବିର ଶିଶୁମାନଙ୍କ ପାଇଁ ପିତା ମାତାଙ୍କ ଏକ ମୁଲ୍ୟବାନ ଉପହାର ଓ ଏହାଦ୍ୱାରା ଶିଶୁମାନେ ମୋବାଇଲ ଠାରୁ ଦୂରେରେ ରହିବା ଶିଖିପାରିବେ ବୋଲି ଶ୍ରୀ ସାହୁ ବକ୍ତବ୍ୟରେ କହିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିବା ସହ ଶିଶୁମାନଙ୍କ ଆଗ୍ରହ ମୁତାବକ ସୁଯୋଗ ପ୍ରଦାନ କରିବା ଓ ବିହଙ୍ଗପରି ଉଡିବା ପାଇଁ ଛାଡି ଦେବା ପାଇଁ ଉପସ୍ଥିତ ପିତାମାତା ଓ ଅଭିଭାବକ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ଗୁରୁ ପ୍ରଶାନ୍ତ କୁମାର ଭାଇନା ଏହି କାର୍ଯ୍ୟକ୍ରମ ଓ ଶିବିରକୁ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ସୁକାନ୍ତି ସିଂ, ଓ ନୃତ୍ୟଗୁରୁ ସୋନୁ ମହାନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସୁବର୍ଣ୍ଣପୁର, ୨୩।୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସ୍ଥିତ ଆୟନ ହାଏ ସେକେଣ୍ଡେରୀ ସ୍କୁଲ ଅଫ ସାଇନ୍ସ ଟେକନୋଲୋଜ ରେକର୍ଡ ସଂଖ୍ୟାରେ ଉତୀର୍ଣ୍ଣ ହୋଇ ଥିବା ଛାତ୍ର ଛାତ୍ରୀଙ୍କୁ କଲେଜ ପକ୍ଷରୁ ସମରର୍ଦ୍ଧନା ଦିଆଗଲା । କଲେଜ ପରିସରରେ ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଉପସ୍ଥିତରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନୁନିଆପାଲି ହାଇସ୍କୁଲର ଶିକ୍ଷକ ତଥା କବି କଳାକାର କ୍ରୀଡାବିତ ଅମୁଲ୍ୟ କୁମାର ବେହେରା ଯୋଗ ଦେଇ ତାଙ୍କର ବକ୍ତବ୍ୟରେ ଡୁଙ୍ଗୁରିପାଲି ଚେରୁପାଲି ସ୍ଥିତ ନୂତନ ଭାବେ ବିଜ୍ଞାନ କଲେଜରେ ଏଭଳି ରେକର୍ଡ ସଂଖ୍ୟାରେ ଭଲ ନମ୍ବର ରଖି ଉତୀର୍ଣ୍ଣ ହୋଇ ଥିବା ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଦେବା ସହିତ କଲେଜର ସମସ୍ତ ଶିକ୍ଷକ, ଶିକ୍ଷେତ୍ରୀଙ୍କର ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି କହିଥିଲେ । କଲେଜର ଚେରମେନ ଦୁର୍ବାସା ବେହେରା ତାଙ୍କର ବକ୍ତ୍ୟରେ କିଭଳି ଆହୁରି ଭଲ ନମ୍ବର ରଖିବେ ଆଗାମୀ ଛାତ୍ର ଛାତ୍ରୀ ତାର ପ୍ରତି ତାର ପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ । ପ୍ରିନସିପାଲ ଲବ କୁମାର ମହାନା ତାଙ୍କର ବକ୍ତବ୍ୟରେ କହିଥିଲେ ଏହି ସଫଳତା କଲେଜର ସମସ୍ତ ଶିକ୍ଷକ ଶିକ୍ଷେତ୍ରଙ୍କ ଉଚ୍ଚ କୋଟୀର ଶିକ୍ଷା ଦାନ ଛାତ୍ର ଛାତ୍ରୀ ଅକ୍ଲାନ୍ତ ପରିଶ୍ରମ ଫଳ ବୋଲି କହିଥିଲେ ।

# ଅସହ୍ୟ ତାତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ



କୋରୁକୋଣ୍ଡା,୨୩।୫ (ନି.ପ୍ର): ଲଗାତାର ପ୍ରଚଣ୍ଡ ଖରା ଓ ଅସହ୍ୟ ତାତି ଯୋଗୁଁ ବାଲିମେଳା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଦିନର ତାପମାତ୍ରା ୪୨-୪୩ ଡିଗ୍ରୀ ସେଲସିୟସ ଛୁଉଁଥିବାବେଳେ ଅନୁଭବ ହେଉଛି ୪୭-୪୮ ଡିଗ୍ରୀ ଥିବା ଭଳି ଯେଉଁଥି ପାଇଁକି ଅଂଶୁଘାତ ଆଶଙ୍କା ବଢ଼ିବାରେ ଲାଗିଛି । ଦିନ ୧୨ଟା ପରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି । ହାଟ-ବଜାର ଓ ଦୋକାନ ବଜାର ବନ୍ଦ ରହୁଛି । ଚାଷୀ,ଦିନ ମଜୁରିଆ, ରିକ୍ସା ଚାଳକ, ଛୋଟ ପିଲା, ବୃଦ୍ଧ ଓ ଗର୍ଭବତୀ ମହିଳାଙ୍କ ପାଇଁ ଏହି ତାତି ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ପାନୀୟ ଜଳ ଅଭାବ ଯୋଗୁଁ ଡିହାଇଡ୍ରେସନ୍ ସମସ୍ୟା ଆହୁରି ବୃଦ୍ଧି ପାଉଛି । ବିନା ସୁରକ୍ଷାରେ ୧୦-୧୫ ମିନିଟ ଖରାରେ ରହିଲେ ହିଟ ଷ୍ଟ୍ରୋକ ହେବାର ସମ୍ଭାବନା ଅଧିକ । ରାତିରେ ତାପମାତ୍ରା ୩୧-୩୨ ଡିଗ୍ରୀ ରହିବା ଯୋଗୁଁ ଶରୀରକୁ ବିଶ୍ରାମ ମିଳୁ ନାହିଁ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ସ୍ଥାନୀୟ ପ୍ରଶାସନ ପକ୍ଷରୁ ବାଲିମେଳାର ବିଭିନ୍ନ ଛକ ମାନଙ୍କରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଖବର ମାଧ୍ୟମରେ ଆମେ ଅଞ୍ଚଳବାସୀଙ୍କୁ ଅନୁରୋଧ କରୁ, ଅତ୍ୟନ୍ତ ଜରୁରୀ ନଥିଲେ ଦିନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାକୁ ବାହାରନ୍ତୁ ନାହିଁ । ବାରମ୍ବାର ପାଣି, ଲେମ୍ବୁ ପାଣି, ଓଆରଏସ ପିଅନ୍ତୁ । ହାଲୁକା ସୂତା କପଡା ପିନ୍ଧନ୍ତୁ, ଟୋପି ବା ଛତା ବ୍ୟବହାର କରନ୍ତୁ ଏବଂ ଜରୁରୀ ସୂଚନା ମୁଣ୍ଡ ବୁଲେଇବା, ବାନ୍ତି ହେବା, ଅଧିକ ଜ୍ୱର ବା ଅଚେତ ହେବା ଭଳି ଅଂଶୁଘାତର ଲକ୍ଷଣ ଦେଖାଦେଲେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରନ୍ତୁ ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଅନ୍ତୁ । ନିଜେ ସତର୍କ ରୁହନ୍ତୁ ଏବଂ ଅନ୍ୟକୁ ସତର୍କ କରାନ୍ତୁ ।

# ପ୍ରଜ୍ଞା ପରୀମିତା ମାଝୀଙ୍କ ଐତିହାସିକ ସଫଳତା

ଗାଇସିଲେଟ, ୨୩।୫ (ନି.ପ୍ର): ଚଳିତ ବର୍ଷ ୨୦୨୬ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର ଗ୍ରିଣ୍ଡୋଲମାଲ ଗ୍ରାମର ମେଧାବୀ ଛାତ୍ରୀ ପ୍ରଜ୍ଞା ପରୀମିତା ମାଝୀ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ତାଙ୍କର ଏହି କୃତିତ୍ୱ କେବଳ ପରିବାର କିମ୍ବା ଗ୍ରାମରେ ସୀମିତ ନ ରହି ସମଗ୍ର ଅଞ୍ଚଳରେ ଆନନ୍ଦର ଲହରୀ ସୃଷ୍ଟି କରିଛି । ପ୍ରଜ୍ଞା ପରୀମିତା ମାଝୀ ଛୋଟବେଳୁ ପଢ଼ାଶୁଣାରେ ଅତ୍ୟନ୍ତ ମେଧାବୀ ଓ ପରିଶ୍ରମୀ ଛାତ୍ରୀ ଭାବରେ ପରିଚିତ ଥିଲେ । ନିଜର ଅଦମ୍ୟ ଇଚ୍ଛାଶକ୍ତି, ନିୟମିତ ଅଧ୍ୟୟନ ଓ ଶିକ୍ଷା ପ୍ରତି ଗଭୀର ଆଗ୍ରହ ଦ୍ୱାରା ସେ ସଫଳତାର ଏହି ଉଚ୍ଚ ଶିଖରକୁ ସ୍ପର୍ଶ କରିପାରିଛନ୍ତି । ଶିକ୍ଷାଜୀବନର ପ୍ରତ୍ୟେକ ପଦକ୍ଷେପରେ ସେ ନିଜ ପ୍ରତିଭାର ଛାପ ଛାଡ଼ିଆସିଥିବା ବେଳେ ଚଳିତ ବର୍ଷର ଏହି ସଫଳତା ତାଙ୍କ କ୍ୟାରିୟରରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ିଦେଇଛି । ଏହା ପୂର୍ବରୁ ୨୦୨୪ ମସିହାରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରୁ ବି.ଏସସି ପରୀକ୍ଷାରେ ମଧ୍ୟ ଟପ୍ପର ହୋଇ ନିଜର ଅସାଧାରଣ ମେଧାର ପରିଚୟ ଦେଇଥିଲେ । ଲଗାତାର ଦୁଇଟି ବଡ଼ ସଫଳତା ହାସଲ କରି ସେ ପ୍ରମାଣ କରିଦେଇଛନ୍ତି ଯେ ଦୃଢ଼ ସଙ୍କଳ୍ପ ଓ କଠିନ ପରିଶ୍ରମ ଥିଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ । ତାଙ୍କର ଏହି ଉଜ୍ଜ୍ୱଳ ସଫଳତା ଆଜିର ଯୁବପିଢ଼ୀଙ୍କ ପାଇଁ ଏକ ପ୍ରେରଣା ପାଲଟିଛି ।

## ବାସି ଖାଦ୍ୟ ଓ ଅସ୍ୱଚ୍ଛ ପରିବେଶ ଅଭିଯୋଗ
## ବରପାଲିର ହୋଟେଲ ସମ୍ରାଟ ସିଲ୍

ବିଜେପୁର, ୨୩।୫ (ନି.ପ୍ର): ବରପାଲି ସହରରେ ଥିବା ହୋଟେଲ ସମ୍ରାଟ ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ହୋଟେଲକୁ ସିଲ୍ କରାଯାଇଛି । ହୋଟେଲରେ ବାସି ଖାଦ୍ୟ ସାମଗ୍ରୀ ରଖାଯାଇଥିବା ସହ ପାଖଳରେ ପୋକ ଥିବା ଏବଂ ବିଭିନ୍ନ ଅସ୍ୱଚ୍ଛତା ନେଇ ଅଭିଯୋଗ ଆସିଥିବାରୁ ପ୍ରଶାସନ ତଦନ୍ତ କରିଥିଲା । ଚଢ଼ାଉ ସମୟରେ ହୋଟେଲର ଖାଦ୍ୟ ସାମଗ୍ରୀ ପରୀକ୍ଷା କରାଯାଇଥିବା ବେଳେ ଏହାର ମାନ ନିମ୍ନସ୍ତରୀୟ ଥିବା ପ୍ରାଥମିକ ଭାବେ ଜଣାପଡ଼ିଥିଲା । ବରଗଡ଼ ଫୁଡ୍ ଇନ୍ସପେକ୍ଟର ପରମେଶ୍ୱର ସାହୁଙ୍କ ସୂଚନା ଅନୁଯାୟୀ, ହୋଟେଲରୁ ବିଭିନ୍ନ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବରେଟରୀକୁ ପଠାଯାଇଛି । ଘଟଣାରେ ବିକ୍ରମ ବରିହା ଏବଂ ଆନନ୍ଦ ବାରିକଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି । ଏହି ଚଢ଼ାଉରେ ମାଜିଷ୍ଟ୍ରେଟ୍ ଭାବେ ବରପାଲି ତହସିଲଦାର ରୁକ୍ମଣ ମେହେର, ବରପାଲି ପୋଲିସ ଆଇଆଇସି ପ୍ରମୋଦ ସାହୁ, ବରଗଡ଼ ଫୁଡ୍ ଇନ୍ସପେକ୍ଟର ପରମେଶ୍ୱର ସାହୁ, ସାନିଟାରି ଇନ୍ସପେକ୍ଟର ତେଜଭାନୁ ସାହୁ ଓ ବରଗଡ଼ ଏମ୍ଟିସି ସୁଜି ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ । ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

## ଆମ ପୋଲିସ କାର୍ଯ୍ୟକ୍ରମ

ଚିଲିକା, ୨୩।୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଥାନା ଅଧିକାରୀ ଶ୍ରଦ୍ଧା ନାୟକ,ଏସଆଇ ରସ୍ମା ସାହୁ,ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ, ଅନ୍ୟ ପୋଲିସ କର୍ମୀ,ମହିଳା,ବିଭିନ୍ନ ବର୍ଗର ଜନସାଧାରଣ,ବୁଦ୍ଧିଜୀବୀ,ସମାଜ ସେବୀ,ସାମ୍ବାଦିକ,ବରିଷ୍ଠ ନାଗରିକ ଆଦି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପୋଲିସ ଓ ଜନସାଧାରଣ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । କିଛି ସାମ୍ବାଦିକ ଓ ବୁଦ୍ଧିଜୀବୀ ନିଜ ନିଜର ମତ ବ୍ୟକ୍ତ କରିଥିଲେଛଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକ ବାଲୁଗାଁର ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ବାଲୁଗାଁ ଅଂଚଳରୁ ବେଆଇନ ନିଶା ବେପାର ସମ୍ପୂର୍ଣ ଭାବେ ମୂଳ ଉତ୍ପାଟନ କାରାଯିବ ବୋଲି ଥାନା ଅଧିକାରୀ ଶ୍ରଦ୍ଧା ନାୟକ ପ୍ରତିଶୃତି ଦେଇଥିଲେ । ଅପରାଧିମାନଙ୍କୁ ସମ୍ପୂର୍ଣ ରୂପେ ବାଲୁଗାଁ ଅଞ୍ଚଳରୁ ତଡିପାର କରାଯିବ ବୋଲି କହିଛନ୍ତି ।

# ନବମ ଲୋକକଳା ଉତ୍ସବ ଉଦ୍‌ଘାଟିତ



ବଲାଙ୍ଗୀର,୨୩।୫ (ନି.ପ୍ର): ଆଧୁନିକତାର ପ୍ରଭାବରେ ଆମର ପାରମ୍ପରିକ ଲୋକକଳା, ସଂସ୍କୃତି ତଥା ପରମ୍ପରା ଧୀରେ ଧୀରେ ହଜିଯାଉଛି । ଆମ ଅଞ୍ଚଳର ସ୍ୱତନ୍ତ୍ରତାକୁ ଦେଖାଇବାକୁ, ଏହାକୁ ଆମର ପରବର୍ତ୍ତୀ ପିଢ଼ିକୁ ସମର୍ପି ଦେବାକୁ ବର୍ତ୍ତମାନଠାରୁ ଉଦ୍ୟମ ଜରୁରୀ । ଲୋକକଳା ହିଁ ଆମକୁ ପରିଚୟ ଦେଇଥିଲା, ଏବେ ଦେଉଛି ଓ ଆଗାମୀ ସମୟରେ ମଧ୍ୟ ଦେବ ବୋଲି ଆଜି ବଲାଙ୍ଗୀରର ଐତିହାସିକ କୋଶଲ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ ର ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥି ମାନେ । ବଲାଙ୍ଗୀରର ଦୂଲଦୁଲି କଳା ପରିଷଦ ତରଫରୁ ଆୟୋଜିତ ଏହି ଜାତୀୟ ସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହିମତ ପ୍ରକାଶ ପାଇଛି । ଦୂଲଦୁଲି କଳା ପରିଷଦ ର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁଃଶ୍ରୀ ରଞ୍ଜନ କୁମାର ସାହୁ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ,ପରିଷଦର ଉପଦେଷ୍ଟା ଶତ୍ରୁଘନ ପାଣିଗ୍ରାହୀ, ପରିଷଦର ପୂର୍ବତନ ଅଧକ୍ଷ ଡ଼ ସଞ୍ଜୟ କୁମାର ମିଶ୍ର । ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବକୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀ ଙ୍କ ପୂଜା ଅର୍ଚ୍ଚନା କରି ଉଦଘାଟନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଲୋକକଳା ର ଅନନ୍ୟ ଶିଳ୍ପୀ ସଂକୀର୍ତନ ଗୁରୁ ପ୍ରସାଦୀ ପୁଟେଲ ଲୋକ ନାଟକ କଳାକାର ତଥା ଗୁରୁ ନବଦ୍ୱିପ ଚାନ୍ଦ ବେହେରା ଓ ଦଣ୍ଡ ନୃତ୍ୟ ଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ ଅତିଥି ମାନେ । ସାଂସ୍କୃତିକ ସଭାକୁ ପରିଚାଳନା କରିଥିଲେ ସନ୍ଦୀପ କୁମାର କୁଅଁର । ପରେ ଅର୍ଜୁନ ସାହୁଙ୍କ ସଂଯୋଜନାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ବିହୁ,ଘୁଡକା ଓ ଅନ୍ୟ ନୃତ୍ୟ ପରିବେଷଣ କରିଥିଲେ ।

# ଅଭିଷେକଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ



କେନ୍ଦ୍ରାପଡା, ୨୩।୫ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ ତମ ତିରୋଧାନ ଦିବସ ଉପଲକ୍ଷେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବଗାନ୍ଧୀ ସ୍ମୃତି ସେଣ୍ଟର ପକ୍ଷରୁ ଜୟଦେବ ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହେଇଥିଲା। ଏହି ଅବସରରେ ଜାତୀୟ ସ୍ୱେଚ୍ଛାସେବୀ ସେବା ପାଇଁ କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଚଅଁପୁର ଗ୍ରାମ ଅନ୍ତର୍ଗତ କରିଲୋପାଟଣା ମହାବିଦ୍ୟାଳୟର ଶେଷବର୍ଷ କଳା ଛାତ୍ର ଅଭିଷେକ ପଣ୍ଡାଙ୍କୁ ତାଙ୍କର ସ୍ୱେଚ୍ଛାକୃତ ଓ ସ୍ୱେଚ୍ଛାସେବୀ କାର୍ଯ୍ୟ ପାଇଁ ରାଜ୍ୟ ସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ସମ୍ମାନ୨୦୨୬ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ସଂଯୋଜନାରେ ବିଚାରପତି ଜଷ୍ଟିସ ଡି.ପି ଚୌଧୁରୀ ମୁଖ୍ୟ ଅତିଥି ଓ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଷେକଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଡଃ ପବିତ୍ରମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍ ର ଅଧକ୍ଷ ଅରବିନ୍ଦ ଦାସ, ଫକିରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡ଼ କୁମରବର ଦାସ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ

ଖୋର୍ଦ୍ଧା, ୨୩।୫ (ନି.ପ୍ର): ଖୋର୍ଦ୍ଧା ପୌର ପରିଷଦ ଅଧୀନ ମୁକୁନ୍ଦ ପ୍ରସାଦ,ୟୁପି ସ୍କୁଲ୍, ପୋଡାସାହି ଠାରେ HCCB ଏବଂ Y4D Foundation ଙ୍କ ପ୍ରୟାସରେ ଚାଲୁଥିବା ପ୍ରୋଜେକ୍ଟ SHINE ଏକ ସଫଳ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୋଟ ୧୭ ଜଣ ଅଂଶଗ୍ରହଣକାରୀ ସକ୍ରିୟ ଭାବେ ଭାଗ ଦେଇ ସାର୍ବଜନୀନ ସ୍ଥାନ କିଭଳି ସଫା କରିବା ସହିତ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଜଣସାଧାରଣଙ୍କୁ ସଚେତନ କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ ସମୁଦାୟର ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ପାଇଥିଲା ଏବଂ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ରକ୍ଷା ପାଇଁ ସମସ୍ତଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଏକ ସକାରାତ୍ମକ ପ୍ରଭାବ ପକାଇଥିଲା ଏବଂ ସ୍ୱଚ୍ଛତା ଓ ସାମାଜିକ ଦାୟିତ୍ୱ ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିଥିଲା । ଏହି କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ କୋକା କୋଲା ବେଭେରେଜ Y4D ଫାଉଣ୍ଡେସନର ପ୍ରୋଜେକ୍ଟ ସଂଯୋଜକ ଅମରଦୀପ ପାଣି ଓ ଅନୁସୂୟା ମହାରଣା, ସ୍ଥାନୀୟ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ଯୋଗଦେଇଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଜଳେଶ୍ୱର,୨୩।୫ (ନି.ପ୍ର): ଜଳେଶ୍ୱର ଯୁବ ମଞ୍ଚ ପକ୍ଷରୁ ଆଜି ପୂର୍ବାହ୍ନରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଉକ୍ତ ଶିବିରକୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଉଦ୍‌ଘାଟନ କରିଥିଲେ । ଅତିଥି ରୂପେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଲ ଚକ୍ରବର୍ତ୍ତୀ,ଉପଦେଷ୍ଟା ସୁକୁମାର ରଣା,ଉପସଭାପତି ସୁବ୍ରତ କୁମାର ରଣା, ସଂଗଠନ ଉପଦେଷ୍ଟା ଚିନ୍ମୟ କୁମାର ଦାସ,ବିଷ୍ଣୁପଦ ମହାନ୍ତି ଓ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ସମ୍ପନ୍ନ



ରାଉରକେଲା, ୨୩।୫ (ନି.ପ୍ର): ଶ୍ରୀ ଶ୍ରୀ ଜଗନ୍ନାଥ କଳା ପରିଷଦ ରାଉରକେଲା ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ ପୁଷ୍ପାଞ୍ଜଳି ନୃତ୍ୟ ମହୋତ୍ସବ ୨୦୨୬ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅନିତା ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ସବିତା ମିଶ୍ରଙ୍କ ଆବାହକତ୍ୱ ସମ୍ପାଦିକା ପୁଷ୍ପା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସୁଚିତ୍ରା ଲେଙ୍କା,ଓମପ୍ରକାଶ ବାପୁଡିଆ,ପୁରନମଲ ଅଗ୍ରୱାଲ, ନର୍ମଦା ସାହୁ, ପ୍ରଦୀପ କୁମାର ପଟ୍ଟନାୟକ ଓ ଆନନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା, ସ୍ୱତନ୍ତ୍ର ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ପ୍ରାକ୍ତନ ସାଂସଦ ତଥା ଚଳଚ୍ଚିତ୍ର ଅଭିନେତା ମୁନ୍ନା ଖାଁନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଚିତ୍ରା ଲେଙ୍କା, ସମ୍ମାନିତ ଅତିଥି ଭାବେ ନଜିମା କାନେକର, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ନୃତ୍ୟଗୁରୁ ମାଧବ ଚନ୍ଦ୍ର ପଲେଇଙ୍କୁ ସମ୍ମାନିତ କରାଯାଇଥିଲା ।

# ସରୋଜିନୀ ବୌଦ୍ଧ ଜିଲ୍ଲା ଟପର

ବୌଦ୍ଧ, ୨୩।୫ (ନି.ପ୍ର): ବୌଦ୍ଧ ବ୍ଲକ ବାଉଁଶୁଣୀ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସରୋଜିନି ମେହେର ୨ (କଳା) ପରୀକ୍ଷାରେ ୫୪୪ ମାର୍କ ପାଇ ବୌଦ୍ଧ ଜିଲ୍ଲା ଟପର୍ ହୋଇଛନ୍ତି । ସରୋଜିନି ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଟିକିରାପଡ଼ା ଗ୍ରାମର ଜଣେ ବୁଣାକାର ଘରର ଝିଅ ଅଟନ୍ତି । ବାପା କ୍ଷେତ୍ରମୋହନ ମେହେର ଜଣେ ବୁଣାକାର ହୋଇଥିବା ବେଳେ ମାଆ ଜାହ୍ନବୀ ମେହେର ଗୃହିଣୀ ଅଟନ୍ତି । ସେ ଘରେ ଶାଢ଼ିବୁଣା କାର୍ଯ୍ୟରେ ବାପାଙ୍କୁ ସହଯୋଗ କରିବା ସହ କୌଣସି କୋଚିଂର ସହାୟତା ନନେଇ ମଧ୍ୟ ଆଜି ଜିଲ୍ଲାରେ ଟପର୍ ହୋଇଛନ୍ତି । ଯାହାକୁ ନେଇ କଲେଜର ଅଧ୍ୟାପକ ଓ ଅଧ୍ୟାପିକାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବୌଦ୍ଧ ଜିଲ୍ଲାରେ ୨ କଳା ପରୀକ୍ଷାରେ ମୋଟ୍ ୩୪୫୮ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସରୋଜିନି ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## କେପିପିଏଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# ଦେପୁରକୁ ହରାଇ କଲମପୁର ପଞ୍ଚାୟତ ଚାମ୍ପିୟନ



କଲମପୁର,୨୩।୫ (ନି.ପ୍ର): କଲମପୁର ମିନିଷ୍ଟାଡିୟମରେ କଲମପୁର ପ୍ରେସ କ୍ଲବ ଦ୍ୱାରା ଅନୁଷ୍ଠିତ ଶରତ ସୁନାନୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ଦେପୁର ପଞ୍ଚାୟତ ଏବଂ କଲମପୁର ପଞ୍ଚାୟତ ମଧ୍ୟରେ ହୋଇଥିବା ଫାଇନାଲ ଖେଳରେ କଲମପୁର ବିଜୟୀ ହୋଇଛି । ଦେପୁର ଗ୍ରାମ ପଞ୍ଚାୟତ ଦଳ ଟସ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୪ ରନ କରିଥିବା ବେଳେ ବିପକ୍ଷି ଦଳ କଲମପୁର ଗ୍ରାମ ପଞ୍ଚାୟତ ୭ ଓଭରରେ ୭ ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରି କେପିପିଏଲ ଚମ୍ପିୟାନ ହୋଇଥିଲା । ବନ୍ଧୁ ବାହନ ରଣା ଏବଂ ବୁଦ୍ଧିମନ୍ତ ଭରା ସଗଡ଼ିଆ ଖେଳ ପରିଚାଳନା କରିଥିଲେ । ସଭାପତି ଚକ୍ରଧର ନାଏକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଦିବସ ରେ ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ଅରୁଣ ଜଗରୀଆ,ବିଡ଼ିଓ ବିଜୟ କୁମାର ମାଡାଙ୍ଗୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ସୁମନ୍ତ କୁମାର ଦଣ୍ଡପାଟ, କୋଟାଗାଁ ସରପଞ୍ଚ ଚନ୍ଦନ କୁମାର ପଣ୍ଡା,ବିଆରସି ମୋତିରାମ ସେଠୀ ପ୍ରମୁଖ ମଞ୍ଚାସିନ ରହିଥିଲେ ।

# ମାର୍ଶାଘାଇ ଡ୍ରେନେଜ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ




କେନ୍ଦ୍ରାପଡ଼ା, ୨୩।୫ (ନି.ପ୍ର): କେନ୍ଦ୍ରାପଡ଼ା ମାର୍ଶାଘାଇ ଡ୍ରେନେଜ ବିଭାଗରେ କୋଟି କୋଟି ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଡ୍ରେନେଜ ବିଭାଗ ମୁଖ୍ୟ କାର୍ଯ୍ୟାଳୟ କର୍ମଚାର ମାନଙ୍କର ଦରମାରେ ଜମାରୁ ହାତ ବାଜୁ ନଥିବା ବାରମ୍ବାର ଅଭିଯୋଗ ହେଇ ଆସୁଛି । ସମସ୍ତେ ରାତା ରାତି ଲକ୍ଷ ଲକ୍ଷ ଟଙ୍କା ପିସି ନେଇ ବିନା ଚିଠାରେ ବିନା ଟେଣ୍ଡରରେ କଣ୍ଟ୍ରାକ୍ଟର ମାନଙ୍କୁ କାମ ଯୋଗାଇ ମାଲା ମାଲ ହେଉଥିବା କୁହାଯାଉଛି । ନେତା ମନ୍ତ୍ରୀ, ବିଧାୟକ ଏବଂ ପ୍ରଶାସନିକ ଅଧିକାରୀ ସମସ୍ତଙ୍କ ମିଳିତ ଭାଗ ବଣ୍ଟାରେ ଚାଲିଛି ଡ୍ରେନେଜ ବିଭାଗ । ପ୍ରତିବର୍ଷ ଶହ ଶହ କୋଟି ଟଙ୍କାର ଟେଣ୍ଡର ହେଉ କିମ୍ବା ଚିଠାରେ ହେଉ କରାଯାଇଥିବା କାମ ବର୍ଷେ ନପୂରୁଣୁ ବିଭିନ୍ନ ସ୍ଥାନରେ ଭାଙ୍ଗି, ରୁଜି ନଷ୍ଟ ହେବାକୁ ବସିଲାଣି । ହେଲେ କାର୍ଯ୍ୟାଳୟରେ କାର୍ଯ୍ୟରତ ବାବୁମାନେ ପିସି ନେବାରେ ଆଦୌ ହେଳା କରୁ ଦେଖିବାକୁ ମିଳିଛି । ଡ୍ରେନେଜ ବିଭାଗର ଅଧିକାରୀ ମାନେ ସମସ୍ତେ ନୂଆ ନୂଆ ଗାଡି ପରେ ଗାଡି, ଫ୍ଲାଟ ପରେ ଫ୍ଲାଟ ଏବଂ ପ୍ଲଟ ପରେ ପ୍ଲଟ କିଣି ବ୍ଲକ ମନୀକୁ କେମିତି ହ୍ୱାଇଟ କରିବେ ସେଥିରେ ବ୍ୟସ୍ତ ରହୁଛନ୍ତି । ଡ୍ରେନେଜ ବିଭାଗର ଏସି, ଏସଡ଼ିଓ, ଜେଇ ଏବଂ ବଡ଼ ବାବୁଙ୍କ ନାମରେ ବାରମ୍ବାର ପିସି ନେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ଜିଲ୍ଲାର ଉଚ୍ଚ ପ୍ରଦସ୍ଥ ଅଧିକାରୀ ମାନେ ସେମାନଙ୍କ ପ୍ରତି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବ ଦ୍ରଷ୍ଟା ପାଲଟି ଆସୁଛନ୍ତି ବୋଲି କିଛି ସ୍ଥାନୀୟ ଅଞ୍ଚଳ ବାସୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଅଭିଯୋଗ କରି ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ଡ୍ରେନେଜ ବିଭାଗର ବାବୁ ମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତଦନ୍ତ କରା ନଯାଏ ତେବେ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସଂଗେ ସଂଗେ ରାଜ ରାସ୍ତାକୁ ନିଶ୍ଚୟ ଓହ୍ଲେଇବେ ବୋଲି ଚେତାବନୀ ଦେଇ କହିଛନ୍ତି ।

# ମାଆର ଉଦ୍ୟାନ

**ଡ.ଚନ୍ଦ୍ରକଳା ନାୟକ**

ଅରବିନ୍ଦବାବୁ ଆଜି ନିରୋଳାରେ ବସି ଅତୀତକୁ ରୋମନ୍ଥନ କରୁଛନ୍ତି। ପିଲାଙ୍କ ଭବିଷ୍ୟତ ପାଇଁ ସବୁକିଛି ତାଙ୍କୁ ଅଣଦେଖା କରିବାକୁ ପଡିଛି। ସେ ଅଣଦେଖାର ଭିଡ ଭିତରେ ତାଙ୍କର ଶ୍ରୀମତୀ ବି ଅଛନ୍ତି। ପୁଅ ତ ଭଲ ଚାକିରୀ କଲା। ଏକମାତ୍ର ଝିଅ ଭଲ ପରିବାରର ବୋହୂ ହୋଇ ଚାଲିଗଲା। ଘରଟା ଖାଲି ହେଲେ ବି ପୁରିଲା ପୁରିଲା ଲାଗୁଛି। ଏବେ ଅରବିନ୍ଦବାବୁଙ୍କୁ ଘର ଓ ଘରଣୀ ଖୁବ ଭଲ ଲାଗୁଛନ୍ତି। କେବଳ ନିଜ ସ୍ତ୍ରୀର ମାନସିକ ସହଯୋଗ ପାଇଁ ସବୁକିଛି ସମ୍ଭବ ହୋଇ ପାରିଛି। ମନେ ମନେ ନିଜେ ସ୍ୱୀକାରୁଛନ୍ତି। ଏବେ କେବଳ ସ୍ୱାମୀ ସ୍ତ୍ରୀ ନିଜ ପାଇଁ ସମୟ ଦେବାକୁ ସ୍ଥିର କରିଛନ୍ତି। ଅରବିନ୍ଦବାବୁଙ୍କ ପତ୍ନୀ ସୀତାଦେବୀ ଖୁବ ସରଳ। ତାଙ୍କ ଜୀବନକୁ ସେ ସର୍ବଦା ପରିବାର ପାଇଁ ସମର୍ପିତ କରିଛନ୍ତି। ମାତ୍ର ଗୋଟିଏ ବର୍ଷପରେ ମାତୃତ୍ୱ ଲାଭ କଲେ। ଏମିତି ମା ଟିଏ ହେଲେ ଯେ, ଯାହା କହିବା ମୁସ୍କିଲ। ଦିନରାତି ଏକ କରି ପିଲା ମାନଙ୍କ ଜୀବନ ଗଢିବା ପାଇଁ ଅନବରତ ଲାଗି ପଡିଲେ।

ବହୁ ଅହଲ୍ୟା ଓ ପୁଅ ସତ୍ୟ, ଦୁହେଁ ଚାକିରୀ କରନ୍ତି। ସତ୍ୟ ଆଗରେ ଅହଲ୍ୟା ସର୍ବଦା ଶାଶୁ ଶ୍ୱଶୁରଙ୍କ ଚୁଗୁଲି କରେ। କୌଣସି ସୁଯୋଗ ହାତ ପାହାନ୍ତାରୁ ଛାଡିବାକୁ ଚାହେଁନା। ସତ୍ୟକୁ ଏସବୁ ଭାରି କଷ୍ଟ ହେଉଥିଲା। ସତ୍ୟ ବି ଜାଣେ, ଏ ପରିବାର ପାଇଁ ସୀତାଦେବୀଙ୍କ କଣ ଅବଦାନ ଅଛି। ଅହଲ୍ୟା ଏଥର ଅଭିନବ ଉନପାୟ ପାଞ୍ଚିଲା। ସୀତାଦେବୀଙ୍କର ସବୁଠାରୁ ପ୍ରୀୟ, ତାଙ୍କ ସୁନ୍ଦର ବଗିଚାଟିକୁ କିପରି ତାଙ୍କ ଠାରୁ ଛଡାଇ ନେବ , ସେଥିପାଇଁ ଏକ ବିଦ୍ଧିବଦ୍ଧ ଯୋଜନା ପ୍ରସ୍ତୁତ କଲା। ଦିନେ ରାତିରେ ସତ୍ୟକୁ କହିଲା, ଶୁଣ ସତ୍ୟ– ମା ଆଉ କାମକୁ ଯମା ପାରୁ ନାହାନ୍ତି। ବଗିଚାରେ ଗୁଡାଏ ଗଛ ଲାଗାଇଛନ୍ତି। ସେ ଗଛ ଗୁଡିକର ଯତ୍ନ କିଏ ନେବ? ଧୀରେ ଧୀରେ ତାଙ୍କ ଦେହ ବି ଅସୁସ୍ଥ ହେଲାଣି। ବିଛଣାରେ ପଡିଲେ ତାଙ୍କ ସେବା କିଏ କରିବ। ତମେ ଗୋଟିଏ କାମ କର। ଗୋଟିଏ ମାଳିର ବନ୍ଦୋବସ୍ତ କର। ଯିଏ ପୁରା ଆସି ଏଠାରେ ରହିବ। ସତ୍ୟ ଉତ୍ତର ଦେଲା, କିନ୍ତୁ ସେ ରହିବ କେଉଁଠି ? ଘରେ ତ ରହିବା ସମ୍ଭବ ନୁହେଁ। ଅହଲ୍ୟା ହସିଲା। କହିଲା– ଇଏ କି ପ୍ରଶ୍ନ? ବାପା, ମା ସିନା ଘର ଛୋଟ କରିଛନ୍ତି, ହେଲେ ତୁମ ଉଦ୍ୟାନ ତ ବହୁତ ବଡ ଜାଗାରେ ହୋଇଛି। ସେଇ ଉଦ୍ୟାନରୁ କିଛି ଗଛ କାଟି, ଗୋଟିଏ ଆଉଟହାଉସ ଘର ତିଆରି କରିଦେବା। ମାଙ୍କ ପାଇଁ କଣ ଏତିକି କରିପାରିବା ନି? ସତ୍ୟ ଉତ୍ତର ଦେଲା, ହେଲେ ମୋ ମାର ସବୁଠାରୁ ପ୍ରୀୟ ଜାଗା ହେଉଛି, ସେହି ଉଦ୍ୟାନଟା। କେତେ କଷ୍ଟରେ ସେ ତାକୁ ସାଇତି ରଖିଛି। ସେଠାରୁ କେମିତ ଆମେ ଗଛ ଗୁଡିକୁ କାଟି ପାରିବା ? ହଉ ଦେଖିବା କହି ସତ୍ୟ ଶୋଇ ପଡିଲା। ରାତି ପାହି ସକାଳ ହେଲା।

ନିତିଦିନ ପରି ସକାଳୁ ସକାଳୁ ବାପ ପୁଅ ପେପର ପଢିବାରେ ବ୍ୟସ୍ତ ରହିଲେ। ଅରବିନ୍ଦବାବୁ ଜଣେ ଭଲ ପାଠକ। ଠିକ ସୁଯୋଗ ଦେଖି ସତ୍ୟ ବାପାଙ୍କୁ କହିଲା– ବାପା, ଆମ ଉଦ୍ୟାନରୁ କିଛି ଗଛ କାଟି ସେଇଠାରେ ଗୋଟିଏ ଘର ନିତର୍ମାଣ କରିବା। ଏ ଉଦ୍ୟାନର ଦେଖାରେଖା ପାଇଁ ମାଳିଟିଏ ଯୋଗାଡ କରିବି। ଯିଏ ଏଇଠାରେ ରହିବ ଏବଂ ଏହାର ଯତ୍ନ ନେବ। ଅରବିନ୍ଦବାବୁଙ୍କ କ୍ରୋଧ ବଢି ଯାଇଥିଲେ ବି ନଜକୁ ଆୟତ କରି କହିଲେ– ଏ ବିଷୟରେ ମା ଯାହା କହିବ ତାହା ହିଁ ଶେଷ ନିଷ୍ପତ୍ତି। ସୀତା ଜୀବନରେ ବହୁ କଷ୍ଟ ସହିଛି। ତୁମ ମାନଙ୍କୁ ମଣିଷ କରିବା ପାଇଁ ତିଳ ତିଳ ଯନ୍ତ୍ରଣା ପାଇଛି। ମୁଁ ବି କେବେ ତାକୁ ଭଲରେ ବଂଚିବାକୁ ସୁଯୋଗ ଦେଇନାହିଁ। ଆଉ ଆଜି ଅବସର ପରେ ମୋର ଏକମାତ୍ର କାମ ହେଉଛି, ତୋ ମା ଏକ ନୂଆ ଜୀବନ ପାଇବ, ଜୀବନକୁ ଉପଭୋଗ କରିବ, ସାରା ଜୀବନ ଯାହା ପାଇନାହିଁ, ତାକୁ ଏବେ ମୋତେ ଅଜାଡି ଦେବାକୁ ପଡିବ। ସତ୍ୟ ଫେରି ଯାଉ ଯାଉ ମୁହଁ ବୁଲାଇଲା। ବାପା ତୁମର କଣ ବୟସ ଆଉ ଅଛି, ଉଦ୍ୟାନରେ ବସିବାକୁ। ତୁମେ ତୁମ ବୟସର ଲୋକଙ୍କ ସହ ଉଠାବସା କରୁନ। ଏତିକି କହି ଦୁମ ଦୁମ ହୋଇ ଘର ଭିତରକୁ ଚାଲିଗଲା।

ବୋହୂର ଏ ଷଡଯନ୍ତ୍ରକୁନିର୍ମମ ଭାବେ ଅନୁଭବ କରୁଥିଲେ ଅରବିନ୍ଦବାବୁ। ଦୁହେଁ ସ୍ୱାମୀ ସ୍ତ୍ରୀ ଏହି ବ୍ୟବହାରରେ ସ୍ତବ୍ଧ ହୋଇ ଯାଇଥିଲେ। ପୂର୍ବରୁ ତ ଜୀବନଟା ଧଉଡୁଥିଲା। ହେଲେ ସେ ଧଉଡ ଥିଲା ପିଲା ମାନଙ୍କୁ ସୁଖ ଦେବାର ବଳ ଜୁଟାଇବାର। ଆଜି କିନ୍ତୁ ଜୀବନ ଧଉଡୁଛି, ସ୍ୱାମୀ ସ୍ତ୍ରୀ ଭଲ ପାଇବାରେ। ସେଦିନ ସାରା ରାତି ସୀତାଦେବୀ ସେମିତି ଅନାଇ ରହିଥାନ୍ତି। ଅରବିନ୍ଦବାବୁ ବି କୋଉ ଶୋଇଛନ୍ତି। ରାତି ସାରା କଡ ଲଉଟାଣି ଦେଇ ଖାଲି ନିଜ ସ୍ତ୍ରୀଙ୍କ ଚାହୁଁଥାନ୍ତି। ମନକୁ ଅନେକ କଥା ଆସୁଥିଲେ ବି କହି ପାରୁ ନଥାନ୍ତି। ସେମିତି ଛଟପଟ ହୋଇ ସ୍ୱାମୀ ସ୍ତ୍ରୀଙ୍କର ରାତିଟା ପାହିଗଲା। ନିଜ ଜନ୍ମ କଲା ପୁଅର କଥା ଦିପଦ କଳିଜା ଭିତରଟାକୁ ଓଟାରି ପକାଉଥିଲା।

ସକାଳର ସୁର୍ଯ୍ୟୋଦୟ ସେ ରକ୍ତିମ ଆଭାରେ ଅରବିନ୍ଦବାବୁ ପୁରା ଶାନ୍ତି ଥିଲେ, ଠିକ ଝଡ ପୂର୍ବର ନୀରବତା ପରି। ପ୍ରଥମ ଥର ପାଇଁ ରୋଷେଇ ଘରକୁ ପ୍ରବେଶ କଲେ। ଦୁଇକପ ସୁସ୍ୱାଦୁ ଚା ତିଆରି କଲେ। କିଛି ଅଭିଜ୍ଞତା ନଥାଇ ବି ସେଦିନ ସୀତାଦେବୀଙ୍କ ଚା ପିଆଇବାର ଇଚ୍ଛାଶକ୍ତିରେ ସାରା ଘରଟା ଚା ର ବାସ୍ନାରେ ଘରଟା ମହକି ଉଠୁଥିଲା। ସୀତାଦେବୀ ପଚାରିଲେ, ଆମ ଉଦ୍ୟାନ କଣ ଭଙ୍ଗା ହେବ ? ଅରବିନ୍ଦବାବୁ ଗମ୍ଭୀର ଭାବେ ଉତ୍ତର ଦେଲେ, ଧୈର୍ଯ୍ୟ ଧର। ସବୁ ଠିକ ହେବ। ସେ ପଦିକ କଥାରେ ସୀତାଦେବୀଙ୍କ ଦମ୍ଭଟା ବଢି ଯାଇଥିଲା।

ଗତ କାଲିର ଏତେ ଘଟଣା ପରେ ଚିରାଚରିତ ଭାବେ ପୁଅ ବୋହୁ ଅଫିସ ଚଲିଗଲେ। ଅହଲ୍ୟାର ଏତେ ଅହଙ୍କାର ଯେ, ଗଲାବେଳେ ଶାଶୁ ଶ୍ୱଶୁରଙ୍କ ଆଡକୁ ବି ଅନାଇଲାନି। ସତ୍ୟ ମୁହଁରୁ କେବଳ ପଦେ ବାହାରିଲା, ମୁଁ ଆସୁଛି। ସ୍ୱାମୀ ସ୍ତ୍ରୀ ସେଦିନ ଦୁହେ ମିଶି ଖୁବ ସୁନ୍ଦର ରୋଷେଇ କଲେ। ଗଛ ଗୁଡିକର ଡାଳ ପତ୍ର ବି କାଟିଲେ। ମନ ଭରି ପାଣି ଦେଲେ। ଖାଇ ସାରି ଦୁହେଁ ବିଶ୍ରାମ ବି ନେଲେ। ଏପଟେ ସତ୍ୟ ଓ ଅହଲ୍ୟା ଫେରିବା ସମୟ ଉପନୀତ ହୋଇଥିଲା। ସୀତା ଠାକୁରଙ୍କୁ ଧୂପ ଦେବାକୁ ଠାକୁର ଘରକୁ ଚାଲିଗଲେ। ସେତେବେଳକୁ ଘର ଆଗ ଦିବାଲରେ ଲେଖା ହୋଇ ସାରିଥିଲା, ଘର ଭଡା ଦିଆଯିବ। ପୁଅ ବୋହୁ ଲେଖାଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସତ୍ୟ ଓ ଅହଲ୍ୟା ତିବ୍ର ଗତିରେ ବାପାଙ୍କ ନିକଟରେ ଉପସ୍ଥିତ ହେଲେ। ସତ୍ୟ ପ୍ରଶ୍ନ କଲା– ବାପା ଏ କଣ ? ସହଜରେ ତ ଏତେ ଛୋଟିଆ ଘର। ସେଥିରୁ କୋଉଟାକୁ ଭଡା ଦେବ। ଅରବିନ୍ଦ ଉତ୍ତର ଦେଲେ– ଯେଉଁ ଘରେ ତୁମ ଦୁଇଜଣ ରହୁଛ। ଅହଲ୍ୟା ପାଦ ତଳର ମାଟିଟା ଯେମିତି ଦୋହଲି ଗଲା। ଅରବିନ୍ଦବାବୁ କହିଲେ, ତୁମ ଦୁଇଜଣ ଅନ୍ୟତ୍ର ରହିବ। ତୋ ମା ଆଉ ମୁଁ ଏହି ଘରର ଯତ୍ନ ନେଇପାରିବୁ। ତୁମ ଦୁଇ ମାସ ସମୟ ଦେଉଛି। ନିଜ ପାଇଁ ଘର ଖଣ୍ଡିଏ ଖୋଜିଦିଆ ନହେଲେ ସତ୍ୟ, ତୋ ସ୍ତ୍ରୀର ଷ୍ଟାଫ କ୍ୱାଟରକୁ ତୁ ଚାଲି ଯାଇପାରୁ। ତୁ ପରା କହିଥିଲୁ, ମୁଁ ସମବୟସ୍କ ଖୋଜିବି। ତେଣୁ ସେଇ ଘରେ ମୋ ସାଙ୍ଗ ବିଜୟ ରହିବ। ତାର ଅବସର ଆଉ ଦୁଇମାସ ରହିବ। ବିଚାରା ସତ ବାଟରେ ଚାଲି ଚାଲି ଘର ଖଣ୍ଡିଏ ତ କରିନାହିଁ। ପୁଅକୁ



ଆମେରିକା ପାଠ ପଢୋଇବାକୁ ପଠାଇଲା। ମଣିଷ ବି କଲା। ହେଲେ କଣ ହେବ ? ଗୋଟିଏ ପୁଅ ଚାକିରୀ କଲା ପରେ ସେ ବାପା ମାଙ୍କ ପାଖକୁ ଆଉ ଫେରିଲା ନାହିଁ। ମୁଁ ଭାବୁଛି ତା ପାଇଁ ମୋ ଘର ଠାରୁ ସୁରକ୍ଷିତ ଜାଗା ଆଉ କିଛି ନଥାଇ ପାରେ। ସତ୍ୟ ତୋ ପରି ମୋତେ ଖୁବ ବାସ୍ତବବାଦୀ ହେବାକୁ ପଡିବରେ। ତୋ ମାର ଭାବପ୍ରବଣତା ନିକଟରେ ତୁମ ବାସ୍ତବାଦୀ ଚିନ୍ତାଧାରାଟା ଖୁବ ଉଚ୍ଚରେ। ତୁମ ଦୁଇଜଣ ଦେଖିକି ଯଦି ଆମେ ଦୁଇଜଣ ଖୁସି ହୋଇ ପାରୁଛୁ, ତୁମ ବାପା ମାଙ୍କ ଭଲ ପାଇବାକୁ ଦେଖି ଏତେ ଦୁଃଖୀ କାହିଁକି ? ଆଚ୍ଛା ଅହଲ୍ୟା ଏ ମନୋଭାବର କାରଣଟା କଣ ମୋତେ କହିପାରିବୁ ? ତୁ ବି ଦିନେ ମା ହେବୁ। ମା ର ଅନ୍ତଃବେଦନା ସେଇଦିନ ହିଁ ବୁଝିବୁ। ତୁମେ ଦୁଇଜଣ ମନେ ରଖ, ଏ ଘର, ଉଦ୍ୟାନ ସବୁକିଛି କେବଳ ସୀତାର। ତା ପାଖରୁ ଏସବୁକୁ ଛଡାଇ ନେବାର ଅଧିକାର ତୁମକୁ କିଏ ଦେଲା। ମୋ ବଂଚିଥିବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ।

ସତ୍ୟର ପାଟି ପୁରା ଖନି ବାଜିଗଲା। ବାପାଙ୍କର ଏପରି ରୂପ ସେ କେବେ ଦେଖି ନଥିଲା। ମା ପାଇ ଯେ ବାପା ଏପି ଗୋଟିଏ ବଡବୃକ୍ଷ ହୋଇ ଠିଆହେବେ , ତାହା ତା ବିଶ୍ୱାସର ବାହାରେ ଥିଲା। ବାରମ୍ବାର ବାପା କହୁଥିଲେ, ଆମ ପ୍ରତି ଏପରି ବ୍ୟବହାର କରିବାର ଅଧିକାର ତୁମକୁ କିଏ ଦେଲା ? ବାପା ମା ଯଦି ସାଥୀ ଖାଇଲେ, ବୁଲିଲେ, ଦୋଳିରେ ଝୁଲିଲେ, ସେଥିରେ ତୁମକୁ ଖରାପ ଲାଗୁଛି କାହିଁକି ? ତୁମକୁ ତ ଏଥିରୁ କିଛି ଲଜ୍ୟା ବୋଧ ହେଲା ଭଳି ଦେଖା ଯାଉନି। ଚାକିରୀ ଜୀବନର ପଇଁତିରିଶ ବର୍ଷ ମୁଁ ସୀତାକୁ ଆଦୌ ସମୟ ଦେଇପାରିନି। ଏଇ ତ ସାଥୀ ହୋଇ ଆମେ ଦିଜଣ ଜୀବନ ବଂଚିବା ଆରମ୍ଭ କରିଛୁ। କିନ୍ତୁ ତୁମେ ପୁଅ ବୋହୁଙ୍କୁ ଏତିକି କହି ଅରବିନ୍ଦ ଧପ କରି ତଳେ ବସିପଡିଲେ। ସତ୍ୟ ଏଥର ବାପାଙ୍କ ପାଦ ଧରି କ୍ଷମା ଭିକ୍ଷା କଲା। ସନ୍ଧ୍ୟା ଦେଇ ସୀତା ଘର ଭିତରକୁ ଆସି ଗୋଟିଏ ଦୃଷ୍ଟିରେ ଅରବିନ୍ଦବାବୁଙ୍କୁ ଚାହିଁ ରହିଥିଲେ। ଏପଟେ ପୁଅକୁ ବି ଛାତି ଭିତରେ କୋଳେଇ ନେଲେ। ବହୁ ଅହଲ୍ୟା ସେଦିନ ପାଷାଣି ପରି ଦଣ୍ଡାୟମାନ ଥିଲା। ବାରମ୍ବାର କୋହ ଭରା କଣ୍ଠରେ ବାପା ମାଙ୍କୁ ବାପା ମାଙ୍କୁ ସତ୍ୟ ଭୁଲ ମାଗି ଚାଲିଥିଲା। ମା ତାକୁ କୋଳରେ ଚାପି ଧରି କହୁଥିଲେ– ଆରେ ପାଗଳା, ଏ ଘର, ଏ ଉଦ୍ୟାନ ସବୁ ପା ତୋର। ଏ ଉଦ୍ୟାନର ସଜଫୁଟା ଫୁଲ କେବଳ ତୁ ରେ ସତ୍ୟ। ତୋ ବିନା କଣ ଆମେ ବଂଚିବା ସମ୍ଭବ। ହେଲେ ତୁ ଅବାଟକୁ ଚାଲିଯିବୁ ଆମେ କେମିତି ସେ କଥାକୁ ଗ୍ରହଣ କରିନେବୁ। କାଲି ପରା ତୁ ବାପା ହେବୁ। ତୋ ପିଲା ତୋ ଠାରୁ କଣ ଶିଖିବେ। ଅହଲ୍ୟାଟାର ସିନା ବୁଦ୍ଧି ନାହିଁ। ହେଲେ ଯେବେ ମା ହେବ, ସବୁ ବୁଝି ଯିବରେ। ମା ପରା ସାଗର ପରି ପରିବ୍ୟାପ୍ତ। ଅଥଳ ସବୁଦ୍ର ଭିତରୁ ବି ତା ପିଲାଙ୍କୁ ସେ ଖୋଜି ଆଣିପାରେ। ମା ପ୍ରତି କରିଥିବା ଅବିଚାର ପାଇଁ ସତ୍ୟର ହୃଦୟ ଭିତରଟା ବିଦାରିତ ହେଉଥିଲା। ଉଦ୍ୟାନର ଫଳ, ଫୁଲ, ପରିବା ସବୁ ଯେମିତି ହସି ଉଠିଥିଲେ। ଅହଲ୍ୟାଟା ଶେଷରେ ମାଙ୍କୁ ଜାବୋଡି ଧରିଥିଲା।

ମୋ–୯୪୩୭୯୫୭୬୧୭

## ଆସ ଲୁଚକାଳି ଖେଳିବା

**ତପନ ରଥ**

ଜହ୍ନ ବଉଦର ଖେଳରେ
ହଜିଗଲା ସପନ
ଖୋଜି ପାଉନାହିଁ ତୁମକୁ
ସରିଗଲା ଜୀବନ ।

କ୍ଷଣେ ଦେଖାଦେଇ ଲୁଚିଲ
ତାରାଟିଏ ହୋଇ
ତୁମ ଶରୀର ଉଷୁମ୍
ବାରି ପରିଲିନାହିଁ ।

ଧ୍ରୁବ ତାରା ତୁମେ ହୁଆବା
ଲାଞ୍ଜି ତାରା ବା ହୁଅ
ସୌଭାଗ୍ୟ ଦୁର୍ଭାଗ୍ୟ ନବୁଝି
ହତପନ୍ତା ରେ ଧରି ରଖିବାକୁ
ମନେ ମୋ ଅନେକ ମୋହ ।

ସପନ ଭାଙ୍ଗିଲା
ରାତି ଅଧରେ ମୋର
ଉଠି ଦେଖେ ମୁହିଁ ଦୂର ଆକାଶେ
ଜହ୍ନ ବଉଦ ଖେଳ ।

ନାହିଁ ତାରା ଗୋଟେ ଆକାଶେ
ଭସା ବାଦଲ ରେ ଆକାଶ ଭରା
ବାଦଲ ଘୋଡ଼ାଏ ଜହ୍ନ କୁ
ଜହ୍ନ ନଦିଏ ଧରା .........।

ଲୁଚକାଳି ଖେଳ ସରିଲା
ହେଲା ଆକାଶ ସଫା
ତୋଫା ଜହ୍ନ ଦିଶେ ଆକାଶେ
ବାଉଦର ନମିଳେ ପତା ।

ବଉଦ ଗୁମୁରି କାନ୍ଦୁଛି
ଜହ୍ନ ଜହ୍ନ ସଙ୍ଗେ ଖେଳିବା ପାଇଁ
ଜହ୍ନ ହସେ ନୀଳ ଆକାଶେ
ଅଧା ମୁହଁ ଦେଖାଇ ।

ମୋ: ୭୯୭୮୫୪୫୮୮୦

## ତଥାପି ମୋ' ଗାଁ ହସୁଛି

**ସୁନୀଲ କୁମାର ପ୍ରଧାନ**

ପର୍ବତ ଘେରା ଜଙ୍ଗଲ ମଧ୍ୟେ
ପ୍ରକୃତି ରାଣୀ ଖେଳୁଛି
ତଥାପି ମୋ ଗାଁ ହସୁଛି ।

କେତେ ପିଲାଙ୍କୁ ଜନମ ଦେଇ
ଆତ୍ମ ନିର୍ଭର କରିଛି
ତଥାପି ମୋ ଗାଁ ହସୁଛି ।

ଦାଦନ ଶ୍ରମିକ ହୋଇ ମଧ୍ୟ
ସଂସାର ତାର ପାଳୁଛି
ତଥାପି ମୋ ଗାଁ ହସୁଛି ।

ଫସଲ ସୁନା ଦେଶକୁ ଦାନା
ଏହି ସବୁ ଯୋଗାଉଛି
ତଥାପି ମୋ ଗାଁ ହସୁଛି ।

ମାଟିକୁ ସୁରକ୍ଷା ଦେବା ସହ
ସୀମାକୁ ସୈନ୍ୟ ଦେଇଛି
ତଥାପି ମୋ ଗାଁ ହସୁଛି ।

କେତେ ଛାତ୍ର ମେଧାବୀ ହୋଇକି
ଉଚ୍ଚ ଶିକ୍ଷିତ କରିଛି
ତଥାପି ମୋ ଗାଁ ହସୁଛି ।

ସଂସ୍କାର କଥା ପ୍ରତିଦିନ ସେ
ଆମକୁ ସୂଚାଇ ଅଛି
ତଥାପି ମୋ ଗାଁ ହସୁଛି ।

ଝାଟିପଦର ତାହାର ନାମ
ଗଞ୍ଜାମ ବ୍ଲକରେ ଅଛି
ତଥାପି ମୋ ଗାଁ ହସୁଛି ।

ମୋ: ୭୬୦୯୯୩୪୩୬୬

## କହିବୁକି ଥରେ

**ଦୀପକ କୁମାର ନାୟକ**

କେତେ ସରିହେଲେ ବୁଝିବୁରେ ଜଗା
ଏ ଦୁଃଖିର ଦୁଃଖ ତୁହି
ଡାକି ଡାକି ତୋତେ ହାରିଗଲି ପଛେ
ମୋ ଡାକ ଶୁଣିଲୁ ନାହିଁ ।।
ପାଷାଣ କି ହେଲୁ ସେଥିପାଇଁ ଯମା
ଉତ୍ତର ଦେଉନୁ ତୁହି
ତୋତେ ଡାକି ଡାକି ବେଳ ସରିଗଲା
ନିଦ ତୋ ଭାଙ୍ଗିଲା ନାହିଁ ।।
ଦୀନ ଦୁଃଖିଙ୍କର ସାଥି ତୁ କୁଆଡେ
ଶୁଣିଥିଲି ମୋର କାନେ
କୁଆଡେ ଗଲାରେ ତୋସାଥି ପଣିଆ
ମନେ ପଡିଲିନି ଦିନେ ।।
ଦୟାର ଠାକୁର କହେ ଏ ଜଗତ
ତୋତେ କେତେ ସରଧାରେ
ବାସ୍ତବରେ କିନ୍ତୁ ନାହିଁ ତୋର ଦୟା
ବୁଝି ଆଜି ପାରୁଛିରେ ।।
ଥିଲେ ତୋର ଦୟା ଦେଖେଇ ଥାଆନ୍ତୁ
ଦେଖି ଦୁଃଖ ଦୁଃଖିନିର
ତେବେ ଯାଇ ଶୋଭା ପାଇଥାଆନ୍ତାରେ
ନାଁ ଟା ଦୟାର ଠାକୁର ।।
କେଉଁ ଜନମର କିପାପ ପାଇଁ ମୁଁ
ଭୋଗୁଅଛି ଏତେ ଶାସ୍ତି
କହିବୁକି ଥରେ କେଉଁ କାର୍ଯ୍ୟକଲେ
ମିଳିଯିବ ମୋତେ ମୁକ୍ତି ।।

ମୋ: ୮୬୩୭୨୬୧୮୨୮

## ବରଷା

**ଡା. ମନୋରଞ୍ଜନ ଦାଶ**

ଏ ଘୋର ବରଷା
କାଳେ ପ୍ରିୟ ରସା...ରଚିବାର
ଜ୍ଞାନ ନାହିଁ ମୋର !
ବରଷାରେ ଭିଜିଚି
ବହୁବାର
ଶ୍ରାବଣରେ ହଜିଚି କେତେଥର
ସ୍ମୃତିକୁ ଉଣ୍ଡାଳିଚି ବାରମ୍ବାର ।
ବରଷା ସହ କେତେ କଥା ହୋଇଚି,
ଥରକୁ ଥର ।
ବରଷାରେ ଯିଏ ନ ନାଚିଚି
ହୋଇ କି ପାରିବ ସେ କିର ?
ବରଷାରେ ତ ଆବେଗ ଓ ପ୍ରୀତିକୁ ଓଜାଡିବାର
ସୁମଧୁର ବେଳାଟିଏ...
ବରଷା ତ ମୋ ମନ ଓ ପ୍ରାଣକୁ କରେ
ଓଦା ସରସର...
ତା'ସହ ମୋ ସଂପର୍କ
କାହିଁ କେତେ କାଳର ।
ବରଷା ଅଛି ବୋଲି ତ
ରହିଚି ଆମ ସତ୍ତା ।
ସତେ ବର୍ଣ୍ଣନାତୀତ, ପ୍ରକୃତିରାଣୀର ଶୋଭା
ଓଃ କେତେ ମନୋହର ....।

ମୋ:୯୪୩୭୩୧୭୭୨୨

## ହେ ଜଗନ୍ନାଥ

**ଶ୍ୟାମା ପ୍ରସାଦ ମିଶ୍ର**

କମଳାରମଣ ଖଳବିନାଶନ
ଗଜୋଦ୍ଧାରୀ ଘନଶ୍ୟାମ,
(ଙ)ଉଡୁପବଦନ ଚିତ୍ତାପହାରକ
ଛନ୍ଦାପୟରେ ମୋ ନମ ।
ଜଗଦୀଶ ଝରା–ପ୍ରିୟ ଯଜ୍ଞାଧିପ(ଞ)
ଟାହିଆ 'ଠ' କାର ଆଖି,
ଡକା ପାରେ କେତେ ଢମାଳି ରଙ୍କୁଣା
(ଣ) ଅଣାକାର ବ୍ରହ୍ମ ଦେଖି ।
ତରଣିନୟନ ଥକାମନ–ଧନ
ଦକ୍ଷିଣ–କୁଞ୍ଜର–ରାଜ ,
ଧରଣୀ–ଧାରକ ନାକଲୋକରାଜ
ପତିତପାବନ ଦ୍ୱିଜ ।
ଫଣିଫଣଟଳା ବନଜଶ୍ରୀହସ୍ତ
ଭଦ୍ରାଗ୍ରଜ ରମା–ଈଶ,
ମଉନେ ମୋହିଲ ଯଜ୍ଞଭାଗହର
ରଖି ଦେବତାଙ୍କ ଯଶ ।
ଲକ୍ଷ୍ମୀପତି ବାରେ ଶରଣ ପଶୁଛି
ଷଡରିପୁ ଛେଦ ମୋରେ,
ସଙ୍କଟ ସମୟେ ହାତ ଠାରି ଥରେ
କ୍ଷମା କର ବଳୀ ଖରେ ।

ମୋ : ୯୦୯୦୫୦୭୯୫୫

## ନୂଆ ଜୀବନର ଶ୍ଳୋକ

**ରତ୍ନକାନ୍ତି ମିଶ୍ର**

ପୋଛି ବିଡ଼ମ୍ବନା ଆଖିରେ ଚମକେ ନୂଆ ସପନର ଦ୍ୟୁତି
ସତେ ଭରିଯିବ ଅସାର ଜୀବନେ ହଜି ଯାଇଥିବା ଶାନ୍ତି,
ବିଭୋର ହୃଦୟ ଆନମନା ହୁଏ ଖୁସି ବିହଙ୍ଗମ ତାନେ
ଫେରିବ ସକାଳ ଅନ୍ଧକାର କାଟି କହିଯାଏ କିଏ କାନେ ।।

ଭାଗ୍ୟରବି ସତେ ଉଇଁବ ଅଚିରେ ଜଗାଇବ ଜୀଜିବୀଷା
ଧ୍ୱଂସ ସ୍ତୁପ ପରେ ପୁନର୍ଜିବୀ ହେବ ରିକ୍ତ ପ୍ରାୟ ଅଭିଳାଷା
ଶୁଷ୍କ ମାଟିରେ କେ ସିଞ୍ଚିବ ପୀୟୂଷ ଉର୍ବୀ ହେବ ମଧୁକ୍ଷରା
ମାଟି ମାଆ କୋଳେ ଅଙ୍କୁରିତ ହେବ ପୁଣି ସୃଜନର ଧାରା ।।

ଋତୁ ଆସି ରଙ୍ଗ ଭରିଦେଇ ଯିବ ଦହନ ଲିଭାଇ ମନୁ
ମାହେନ୍ଦ୍ର ମୁହୂର୍ତ୍ତ ଆଙ୍କିଦେବ ଆସି ପ୍ରତୀକ୍ଷିତ ଇନ୍ଦ୍ରଧନୁ,
ପଲ୍ଲବିତ ଆଶା ଶାଖା ଗହଳରେ ପିକ ସ୍ୱରେ ମନ୍ଦ୍ର କୁହୁ
ବିନା ଫଗୁଣରେ ବିମୁଗ୍ଧ ବିତାନ ଶୁଭେ କର୍ଣ୍ଣେ ମୁହୁର୍ମୁହୁ ।।

ଯୁଦ୍ଧ ନୁହେଁ ଶାନ୍ତି ବିଶ୍ୱବାସୀ ପ୍ରାଣେ ଭରୁ ଏବେ ଜ୍ଞାନାଲୋକ
ସୂର୍ଯ୍ୟୋଦୟ ଲେଖୁ ଆକାଶ ଛାତିରେ ନୂଆ ଜୀବନର ଶ୍ଳୋକ ।।

ମୋ: ୮୨୪୯୭୯୯୯୬୧

## ମୋ' ଘର

**ସୁନୀତା କର**



ଅନ୍ୟମନସ୍କ ହୋଇ ବସି ରହିଛି ରୀମା ଏୟାରପୋର୍ଟର ସଫାସୁତରା ଚିକ୍କଣିଆ ଚେୟାରଟି ଉପରେ । ସିକ୍ୟୁରିଟି ଚେକ୍ ଇନ୍ ସରିଲାଣି । କିଛି ଅନିବାର୍ଯ୍ୟ କାରଣ ବଶତଃ ଉଡାଣ ଏକ ଘଣ୍ଟା ବିଳମ୍ବ ଅଛି । ପ୍ରଥମେ ଘୋଷଣା ହେଲା ପନ୍ଦର ମିନିଟ, ତାପରେ ଅଧ ଘଣ୍ଟା, ଆଉ ବର୍ତ୍ତମାନ ସେ ସମୟର ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଣି ଘଣ୍ଟାଏକୁ। ସୁରୁଖୁରୁରେ ସମୟ ପାର ହେବାଲାଗି ପାଖରେ ଥିବା ବହିଟିହିଁ ସାଥି । ସାଥିରେ ଭାନୀଟି ବ୍ୟାଗଟି ସହ ଛୋଟ ଟ୍ରଲିଟିଏ। ବେଶି ତ ଓଜନ ନାହିଁ, ତେଣୁ କାବିନରେ ନେଇହେବ ।

ହଁ, ଦିନଥିଲା ଘରୁ ଫେରିବାବେଳେ ବୋଉ,ନନା ଏଣୁ ତେଣୁ ପୁଳାଏ ଜିନିଷ ଆଣି ଗୁଞ୍ଜି ଦେଉଥିଲେ – ନେ ଏଇଟା ରଖ , ସେଇଟା ରଖ । ନନା ତୋଳି ଆଣୁଥିଲେ ସଜନା ଗଛରୁ ଛୁଇଁ ଗୋଛେ, ଆଉ ବୋଉ ନିଜେ ତିଆରି କରିଥିବା ବଡି,ଆଚାରକୁ ସାଇତିକି ଡବାରେ ପ୍ୟାକିଂ କରୁଥିଲା, ଯେମିତି ଭାଙ୍ଗି ନଯିବକି ବୋହି ନଯିବ । ନନାଙ୍କୁ ଶୁଣାଗଲା ପରି ଟିକେ ଉଚ୍ଚା ଗଳାରେ ବୋଉ କହେ – ହଇହୋ ଶୁଣୁଛ, ସଜନାଶାଗରୁ ଦି କେରା ଓଦା କନା ଗୁଡ଼େଇ ବାନ୍ଧିଦିଅ, ଝିଅ ଖାଇବ, ତା ଶାଶୁ ବି ଭାରି ଭଲପାଏ । ବମ୍ବେରେ ସେଠି କୋଉଠୁ ପାଇବେ ଏ କଅଁଳିଆ ସଜନା ଶାଗ ?

ତା' ଫେରିବା ଦିନ ନନା ଯେ କେତେଥର ଛାତ ଉପରୁ ତଳକୁ ହୁଅନ୍ତି ତାର ହିସାବ ରହେନି । ମୁଢି ମୁଆଁ, ଆରିସା ପିଠା , କଟକ ବାରମଜା, ପାହାଳ ରସଗୋଲା ଆଉ ଛେନାପୋଡ ଏମିତି କେତେ କଣ ଗୋଟେଇ ପୋଟେଇ ପ୍ୟାକିଂ କରୁଥିବେ।

ଏକ ଅଜଣା ପୁଲକରେ କୁରୁଳି ଉଠୁଥିବ ରୀମା, ହେଲେ ଉପର ମୁହଁରେ ବୋଉକୁ କହେ –

ତୁ ଏତେ ଜିନିଷ କାହିଁକି ବାନ୍ଧୁଛୁ ? ଓଜନ କେତେ ହେବ ଜାଣିଛୁ ? ପନ୍ଦର କିଲୋରୁ ଅଧିକ ନେଇ ହେବନି, ଏତେ ଗୁଡ଼େ ଦେ'ନା , କିଛି କାଢିଦେ । ନନା ଗାମୁଛାକୁ ଅଣ୍ଟାରେ ଭିଡି ବାହାରି ଆସନ୍ତି ପ୍ୟାକିଂ କରିବାଲାଗି । ଥାପିଥୁପି ଦେଇ ଗୋଟାଏ ବଡ ଆଉ ଗୋଟାଏ ଛୋଟ ଟ୍ରଲି ରେ ସବୁ ପୁରେଇ ଓଜନକରି କାନ୍ଥ କଣକୁ ଆଉଜେଇ ଦେଇ ଗୋଟେ ମୁଚୁକୁନ୍ଦିଆ ହସଟେ ତା ଆଡକୁ ଫିଙ୍ଗି ଭୃଲତା ନଚେଇ ଚାହିଁ ରହନ୍ତି। ଭାଇ ଭାଉଜ ସେପାଖେ ଠିଆ ହୋଇ ହସୁଥିବେ । ଖୁବ୍ ଭଲ ଲାଗୁଥିଲା ରୀମାକୁ ନିଜଘର ଆଉ ନିଜରପଣିଆ।

ହଁ ! ସେଦିନ ପଖାଳ କଣ ଆଉ ଅଛି ? ନନା ଉପରେ ଥାଇ ତାର ଭାବନାକୁ ବୁଝି ହସୁଥିବେ, ଆଉ ଭାବୁଥିବେ ବୋଉ କେବେ ସେ ନର୍କ ଯନ୍ତ୍ରଣାରୁ ତ୍ରାହିପାଇ ତାଙ୍କ ପାଖକୁ ଆସିବ । ନନା ଚାଲିଯିବାପରେ ଗତ କିଛି ବର୍ଷ ହେଲାଣି ବୋଉ ଶଯ୍ୟାଶାୟୀ, କାହାକୁ ଚିହ୍ନିପାରୁନି ।

ନନାଙ୍କ କଥା ମନେପଡିବାରୁ ରୀମାର ଆଖି ଜକେଇ ଆସିଲା

ଘରେ ଏବେ ଭାଇ ଭାଉଜଙ୍କ ସଂସାର, ଆଗଭଳି ଆଉ ନିଜରପଣିଆ ଜାହିର କରିବାକୁ ଇଚ୍ଛା ହେଉନି। ହଁ, ଏବେତ ଆଉ ବାପଘର ନୁହେଁ, ଭାଇଘର କହିଲେ ଠିକ ହେବ । ଯେଉଁ ଘରେ ସେ ଜନ୍ମ ହେଇଛି, ଯେଉଁଠି ଏଡୁଟେରୁ ଏଡ଼େଟେ ହେଇଛି, ସେ ଘରେ ତାର ଅଧିକାର ସବୁ ଗଲା କୁଆଡେ ? ଦି ଚାରି ଦିନ ରହିଲେ ସେପଟେ ସମସ୍ତେ କଣ କରୁଥିବେ ସେ ଚିନ୍ତା କାହିଁକି ଘାରୁଛି ? ଏଇଟା କଣ ଆଉ ତା ଘର ନୁହେଁ?

ହଁ, ଆଇ କହେ – ବାହାହେଲା ଝିଅର ଶାଶୁଘର ହିଁ ସବୁକିଛି । ଶାଶୁ ଶ୍ୱଶୁରଙ୍କୁ ହିଁ ବାପା ମା ବୋଲି ମନରେ ମଣିଲେ ସ୍ୱର୍ଗସୁଖ। ହେଲେ ଆଜିକାଲି ? ପ୍ରାୟ ଦେଖିବ, ବାହାଘର ଆଗରୁ ହିଁ ଅଲଗା ରହିବାର ବନ୍ଦୋବସ୍ତ ।

ଭାବନା ରାଜ୍ୟରୁ ଫେରିଆସିଲା ରୀମା, ଯେତେବେଳେ ଡାକବାଜିର ଘୋଷଣା ଶୁଣିଲା । କାନ ପାରିଲା। ନା, ଏଇଟା ତା ଉଡାଣ ବିଷୟରେ ନୁହେଁ, ଅନ୍ୟ କାହାର।

କୋଳରେ ଉନ୍ମୁକ୍ତ ଥିବା ବହିଟିକୁ ଭାନିଟି ଭିତରେ କଡ଼ପଟିଆ ସାଇତି ରଖି ପୁଣି ଫେରିଗଲା ତା ଭାବନା ରାଜ୍ୟକୁ।

ହଁ, ଶାଶୁ ଶଶୁର ସ୍ୱାମୀ ସନ୍ତାନର ଘର ବି ତା ନିଜ ଘର – ତାର ଶାଶୁଘର । ସେଠାରେ ସେ ଶତକଡା ଶହେ ସ୍ୱାଧୀନ ନହୋଇ ପାରିଲେବି ନିଜରପଣିଆ ଜାହିର କରେ । ଏଇଟା ବାପଘର ଆଉ ସେଇଟା ଶାଶୁଘର। ହେଲେ ତା ନିଜଘର କୋଉଟା ?

କଣ ଦି'ଟା ଯାକ ?

ନା କୋଉଟା ବି ନୁହେଁ ?

ବୋଉ କହେ – ଦୁହିତା, ଦୁଇ କୁଳକୁ ହିତା । ଦୁଇ କୁଳକୁ ଆପଣେଇ ପାରିଲେ ଦୁଇଟି ଯାକ ଘର ତାର।

ଅଜାଣତରେ ତା ପାଟିରୁ ଅପେକ୍ଷାକୃତ ଉଚ୍ଚ ସ୍ୱରରେ ବାହାରିଗଲା – ହଁ, ଦି'ଟା ଯାକ ମୋ ଘର ।

ପାଖ ସିଟରେ ବସିଥିବା ଅଳ୍ପବୟସୀ ଅଭିଆଡୀ ଝିଅଟିଏ ମୁହଁ ବୁଲେଇ ଚାହିଁ ପଚାରିଲା –

ଆଣ୍ଟି କିଛି କହିଲେ ?

–ଏଁ ! ହଁ,ନାଇଁ ନାଇଁ କିଛି ନୁହେଁ ।

ଓଠରେ ଚେନାଏ ଲେଖାଏଁ ସ୍ମିତହାସ ଖେଳାଇ ଦୁଇଟି ପିଢି ପରସ୍ପରକୁ ଚାହିଁ ରହିଥିଲେ ।

ମୋ: ୯୯୩୭୦୩୯୭୮୫

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଆମର ସାହିତ୍ୟ ଇମେଲ୍: sahitya.pratidin.daily@gmail.com ପ୍ରତିଦିନକୁ ଗଳ୍ପ, ଅନୁବାଦ ଗଳ୍ପ, ଅଣୁ ଗଳ୍ପ ଓ କବିତା ପଠାଇବା ପାଇଁ ଅନୁରୋଧ ।

## ବଜ୍ରପାତରେ ଜଳିଗଲା ରୋଷେଇ ଘର ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ



ରାମଚନ୍ଦ୍ରପୁର, ୨୩।୫(ନି.ପ୍ର): କାଳ ବୈଶାଖୀ ପ୍ରଭାବରେ ଶନିବାର ଅପରାହ୍ନରେ ବିଭିନ୍ନ ସ୍ଥାନରେ ହଠାତ ବଜ୍ରପାତ ସାଙ୍ଗକୁ ବର୍ଷା ପବନ ହୋଇଥିଲା । ବଜ୍ରପାତରେ ରାମଚନ୍ଦ୍ରପୁର ଥାନା କୋଲିପାଳ ଗ୍ରାମର ହାଡିବନ୍ଧୁ ଜେନାଙ୍କ ରୋଷେଇ ଘରେ ନିଆଁ ଲାଗିଯାଇଥିଲା। ବେଳେ ପରିବାର ଲୋକ ନିଜ ଜୀବନ ବଂଚାଇ ଘରୁ ବାହାରକୁ ବାହାରି ଯାଇଥିଲେ । ହେଲେ ବଜ୍ରପାତ ପ୍ରଭାବରେ ରୋଷେଇ ଘରର ଅନେକ ସରଞ୍ଜାମ ପୋଡି ପାଉଁଶ ହୋଇଯାଇଛି । ହାଡିବନ୍ଧୁ ନିହାତି ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନିଖୋଜ ୧୪ ବର୍ଷିୟା ଝିଅକୁ ଖୋଜିବା ପାଇଁ ବାପାଙ୍କ ଆକୁଳ ନିବେଦନ



କରଞ୍ଜିଆ,୨୩।୫(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ତାଟୋ ଅଂଚଳର ସଡଙ୍ଗୀ ଟାଇଁସିରା ଗ୍ରାମରୁ ଜଣେ ୧୪ ବର୍ଷିଆ ଛାତ୍ରୀ ଗତ କିଛିଦିନ ହେବ ନିଖୋଜ ହୋଇଥିବା ଘଟଣା ସମଗ୍ର ଅଂଚଳରେ ଚିନ୍ତା ଓ ଉଦ୍‌ବେଗ ସୃଷ୍ଟି କରିଛି । ନିଖୋଜ ଛାତ୍ରୀ ଜଣକ ହେଲେ ପ୍ରଜ୍ଞାମାଳା ପାତ୍ର (୧୪) । ସେ ସଡଙ୍ଗୀ ଟାଇଁସିରା ଅଂଚଳର ରାଧେଶ୍ୟାମ ପାତ୍ରଙ୍କ ଝିଅ । ପ୍ରଜ୍ଞାମାଳା କରଞ୍ଜିଆ ସ୍ଥିତ ବିକାଶ କନଭେଣ୍ଟ ସ୍କୁଲର ଛାତ୍ରୀ ଥିବା ବେଳେ ସେ ଅନ୍ୱେଷା ହଷ୍ଟେଲରେ ରହି ପାଠ ପଢୁଥିଲେ । ଏବର୍ଷ ସେ ମାଟ୍ରିକ ପରୀକ୍ଷା ଦେଇ ସଫଳତାର ସହ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିବା ଜଣାପଡିଛି । ପରୀକ୍ଷା ପରେ ଗତ ଦେଢମାସ ହେବ ସେ ଘରେ ରହୁଥିଲେ । ତେବେ ଗତ ମେ ୧୪ ତାରିଖ ହଠାତ୍ ସେ ଘରୁ ନିଖୋଜ ହୋଇଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ଝିଅ ନିଖୋଜ ହେବାପରେ ପରିବାର ଲୋକ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ମେ ୧୫ ତାରିଖ ଦିନ ପ୍ରଜ୍ଞାମାଳାଙ୍କ ବାପା ରାଧେଶ୍ୟାମ ପାତ୍ର ଓ ତାଙ୍କ ପୁଅ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କରଞ୍ଜିଆ ଥାନା ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା କୁହାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଝିଅଟିର କୌଣସି ସନ୍ଧାନ ମିଳିପାରି ନାହିଁ । ରାଧେଶ୍ୟାମ ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ସେ ପ୍ରତିଦିନ ଥାନାକୁ ଯାଇ ପୋଲିସଙ୍କୁ ଅନୁରୋଧ କରୁଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଆଶାନୁରୂପ ଗତି ଦେଖିବାକୁ ମିଳିନାହିଁ । ଶେଷରେ ନିରୁପାୟ ହୋଇ ଶ୍ରୀ ପାତ୍ର କରଞ୍ଜିଆ ସ୍ଥିତ ଦୈନିକ ଓଡିଆ ଖବର କାଗଜ 'ପ୍ରତିଦିନ' ଉପଖଣ୍ଡ କାର୍ଯ୍ୟାଳୟର ପ୍ରତିନିଧି ଦିବ୍ୟ ରଞ୍ଜନ ପତିଙ୍କ ଦ୍ୱାରସ୍ଥ ହୋଇ ନିଜର ଦୁଃଖ ଓ ଅଭିଯୋଗ ଜଣାଇଥିଲେ । ଏହାସହ ଯଦି କେହି ତାଙ୍କ ଝିଅ ସମ୍ପର୍କରେ କୌଣସି ସୂଚନା ପାଆନ୍ତି, ତେବେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପରିବାର ଲୋକଙ୍କୁ ଜଣାଇବାକୁ ଅନୁରୋଧ କରିଛନ୍ତି । ପୋଲିସ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରି ନିଖୋଜ ଛାତ୍ରୀଙ୍କୁ ଖୋଜି ବାହାର କରିବାକୁ ସାଧାରଣରେ ଦାବି ହେଉଛି ।

## ନୂତନ ବସ୍ତ୍ରାଞ୍ଚଳ ଜମି ଜବର ଦଖଲ, ତୁରନ୍ତ ଉଚ୍ଛେଦ ଦାବି କଲେ ଗ୍ରାମବାସୀ



ରାମଚନ୍ଦ୍ରପୁର,୨୩।୫(ନି.ପ୍ର): ଅତା ଗ୍ରାମରେ ବସ୍ତ୍ରାଞ୍ଚଳ ନିର୍ମାଣକୁ ନେଇ ବିବାଦ ଉପୁଜିଛି । ଗ୍ରାମବାସୀମାନେ ବସ୍ତ୍ରାଞ୍ଚଳ ନିର୍ମାଣ ନିମନ୍ତେ ଯେଉଁ ସ୍ଥାନଟି ଉପଯୁକ୍ତ ବୋଲି ବାଛିଥିଲେ ସେହି ଜମିଟି ଗ୍ରାମର ଜୈନିକ ବ୍ୟକ୍ତି ଜବର ଦଖଲ କରି ରଖିଛନ୍ତି । ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହେବାପରେ ମଧ୍ୟ ତହସିଲ ପକ୍ଷରୁ ଜମି ମାପ ପାଇଁ ୨୦୨୪ ମସିହାରେ ପତ୍ର ସଂଖ୍ୟା ୫୭୭୭ ରେ ଅବଗତ କରାଯାଇଥିଲା । ହେଲେ ଜବର ଦଖଲକାରୀମାନେ ତାର ବାଡ ଦେଇ ଉକ୍ତ ଜମିକୁ ଆବଦ୍ଧ କରି ଦେଇଛନ୍ତି । ଏହାପରେ ପୁନଶ୍ଚ ଗ୍ରାମବାସୀଙ୍କ ତରଫରୁ ଘଷିପୁରା ତହସିଲଦାର ସମେତ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଘଷିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଏ ଅଭିଯୋଗ ପାଇଛନ୍ତି ଓ ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ, କ୍ଷତି ପୂରଣ ଦାବି



ଦାନଗଦି / କଳିଙ୍ଗନଗର, ୨୩।୫(ନି.ପ୍ର): ଦିନକୁ ଦିନ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକଙ୍କ ମୃତ ନେଇ ଚିନ୍ତାର କାରଣ ପାଲଟିଛି। କିଛି ଦିନ ହେବ ପ୍ରତ୍ୟେକ ଦିନ କାରଖାନାରେ ଶ୍ରମିକ ମୃତ୍ୟୁ ସମ୍ଭାନାକୁ ଆସିଛି। ଏଭଳି ମୃତ୍ୟୁକୁ ନେଇ ସୁରକ୍ଷା ଓ ସ୍ୱଚ୍ଛତା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟିଲ କାରଖାନାରେ ଶନିବାର ଧର୍ମଶାଳା ନିର୍ବାଚନ ମଣ୍ଡଳୀର ମଙ୍ଗରାଜପୁର ଅନ୍ତର୍ଗତ ଅର୍ଥଗାଁ ଉମା ଶଙ୍କର ପାତ୍ରଙ୍କ ୪୮ ବର୍ଷ ବୟସରେ ଦୁଃଖଦ ବିୟୋଗ ହୋଇଯାଇଛି। ସେ ମେସର୍ସ ଉତ୍କଳ ପ୍ରୋଜେକ୍ଟସ୍ ଲିମିଟେଡ୍ ଅଧୀନରେ କାର୍ଯ୍ୟ କରୁଥିଲେ। ଏପଟେ ଜିନ୍ଦଲ ଷ୍ଟିଲ ପ୍ରେସ ଇସ୍ତାହାରରେ କହିଛି ସେ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ହଠାତ କାରଖାନା ସ୍ଥିତ ବସ ଷ୍ଟପ ପାଖରେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ତୁରନ୍ତ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହୃଦଘାତର ଶିକାର ହୋଇଥିବା ସୂଚନା ମିଳିଛି କିନ୍ତୁ ସମସ୍ତ ପ୍ରକାରର ପ୍ରୟାସ ସତ୍ତ୍ୱେ, ଦୁର୍ଭାଗ୍ୟବଶତଃ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି କଷ୍ଟକର ସମୟରେ ପରିଚାଳନା ପକ୍ଷରୁ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରାଯାଉଛି। ଠିକାଦାରଙ୍କ ସହ ସମନ୍ୱୟ ରଖି ପରିବାରକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛିଛ ପୂର୍ବରୁ ଟାଟା ଷ୍ଟିଲ ଅଧିକୃତ ନୀଳାଚଳ କାରଖାନାର ଶ୍ରମିକଙ୍କ ମୃତ୍ୟୁରେ ଯାହା କ୍ଷତି ପୂରଣ ଦିଆଯାଇଥିଲା ତାହା ଦେବାକୁ ପରିବାର ପକ୍ଷରୁ ଦାବି କରିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ କରାଯିବ।

## ବ୍ଲକ ଉପାଧ୍ୟକ୍ଷଙ୍କ ଗିରଫକୁ ନେଇ ଗର୍ଜିଲା ବିଜେଡି



ହାଟଡିହି, ୨୩।୫ (ନି.ପ୍ର): ହାଟଡିହି ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତଙ୍କୁ ପୋଲିସ ଅଦୃଶ୍ୟ ଶକ୍ତି ନିର୍ଦ୍ଦେଶରେ ଗିରଫ କରିଛି । ତାଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନଥିବା ବେଳେ କେବଳ ବିଜେଡିକୁ ବଦନାମ କରିବା ଉଦ୍ଦେଶ୍ୟରେ ତାଙ୍କ ଘର ଉପରେ ଚଢାଉ କରାଯାଇ ତାଙ୍କୁ ଗିରଫ କରାଯାଇଛି ବୋଲି ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି । ବିଜେଡିବାଲାଙ୍କୁ ଗିରଫ ନକଲେ କେନ୍ଦୁଝର ପୋଲିସର ଭାତ ହଜମ ହୁଏନି ବୋଲି ସେ କହିଛନ୍ତି । ହାଟଡିହି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ନାମରେ ପୂର୍ବରୁ କୌଣସି ଅଭିଯୋଗ ନଥିବା ବେଳେ ସେ କୌଣସି ମାମଲାରେ ମଧ୍ୟ ସମ୍ପୃକ୍ତ ନାହାଁନ୍ତି । ଏପରିକି ସେ ବାଲି କାରବାରରେ ସମ୍ପୃକ୍ତ ନଥିବା ବେଳେ ତାଙ୍କୁ ଅପରେସନ ବୈତରଣୀରେ ଗିରଫ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କେବଳ ବିଜେଡିକୁ ବଦନାମ କରିବା ପାଇଁ ଏହି ଗିରଫ କରାଯାଇଛି ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି । ପୋଲିସ ଚଢାଉ ବେଳେ କେଉଁ ମାନଙ୍କ ଘରୁ କ'ଣ କ'ଣ ଜବତ କଲା ତାହା ସାର୍ବଜନୀନ କରୁ, ତାହା ଲୋକେ ଜାଣନ୍ତୁ ।

## ହଦଗଡ ମେଡିକାଲରେ ଗର୍ଭାଶୟ କ୍ୟାନ୍ସର ଟୀକାକରଣ



ହାଟଡିହି,୨୩।୫(ନି.ପ୍ର): ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ହଦଗଡ ଡାକ୍ତରଖାନାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଗର୍ଭାଶୟ ମୁଖ କର୍କଟ ପ୍ରତିରୋଧ ପାଇଁ ଏଚ୍‌ପିଭି ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ହଦଗଡ ମେଡିକାଲ ଅଫିସର ଡାଃ ପ୍ରଭାସ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ ରୁ ୧୫ ବର୍ଷ ବୟସର ୧୦ଜଣ କିଶୋରୀଙ୍କୁ ଗର୍ଭାଶୟ କର୍କଟରୁ ସୁରକ୍ଷିତ କରିବା ନିମନ୍ତେ ଟୀକାକରଣ କରାଯାଇଥିଲା । ସପ୍ତାହର ପ୍ରତ୍ୟେକ ଗୁରୁବାର ଦିନ ହଦଗଡ ମେଡିକାଲ ଓ ମୁଗୁପୁର ପିଏଚ୍‌ସି ରେ ସୋମବାର, ମଙ୍ଗଳବାର ସୋସୋ ପିଏଚ୍‌ସିରେ ଏବଂ ସପ୍ତାହର ସବୁଦିନ ଶାଳଣିଆଁ ଓ ହାଟଡିହି ମେଡିକାଲରେ ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ବିପିଏମ୍ ଚନ୍ଦନ କୁମାର ସାହୁ ଜଣାଇଛନ୍ତି । ଏହି ଟୀକା ସମ୍ପୂର୍ଣ୍ଣ ସୁରକ୍ଷିତ ଏହାର ସେହିପରି ଗୁରୁତର ପାର୍ଶ୍ୱପ୍ରତିକ୍ରିୟା ନାହିଁ ଏବଂ ଏହାକୁ ସମସ୍ତ କିଶୋରୀ ବାଳିକାମାନେ ନେବାପାଇଁ ସମସ୍ତ ଅଭିଭାବକ ମାନଙ୍କୁ ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡଃ ପ୍ରଭାତ ନାୟକ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନର୍ସିଂ ଅଫିସର ମାଳତୀ ମହାପାତ୍ର, ବିଶ୍ୱକଲ୍ୟାଣୀ ଦାସ ଟୀକାକରଣ କରିଥିବା ବେଳେ ସ୍ୱାସ୍ଥ୍ୟ କର୍ମୀ ଶୁଭସ୍ମିତା ପାତ୍ର ଓ ଦେବେନ୍ଦ୍ର ସାମଲ ସହଯୋଗ କରିଥିଲେ ।

## ଷ୍ଟିଲ ସିଟି ପ୍ରେସ କ୍ଲବ ପକ୍ଷରୁ ଜଳଛତ୍ର ଓ ଦହିପଣା ବଣ୍ଟନ



ଦାନଗଦି / କଳିଙ୍ଗନଗର, ୨୩।୫(ନି.ପ୍ର): ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି 'ଷ୍ଟିଲ ସିଟି ପ୍ରେସ କ୍ଲବ' ପକ୍ଷରୁ ତ୍ରିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦାନଗଦି ବଜାରଠାରେ ଏକ ଜଳଛତ୍ର ଉଦଘାଟିତ ହୋଇଯାଇଛି।ଉକ୍ତ ଜଳଛତ୍ରକୁ ଦାନଗଦି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦଘାଟନ କରିଥିବା ବେଳେ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ ବାବୁଲି ନାଟିଆ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରେସ କ୍ଲବ ପକ୍ଷରୁ ଅତିଥିଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହି ଅବସରରେ ବିଡିଓ ଶ୍ରୀଯୁକ୍ତ ସେଠୀ ନିଜ ହସ୍ତରେ ସ୍ଥାନୀୟ ବାଟୋଇ ଓ ଜନସାଧାରଣଙ୍କୁ ଦହି ସରବତ ଏବଂ ପାନୀୟ ଜଳ ବଣ୍ଟନ କରିଥିଲେ। ଗ୍ରୀଷ୍ମ ଋତୁରେ ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ପ୍ରେସ କ୍ଲବର ଏଭଳି ମହତ ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି ସେବା କାର୍ଯ୍ୟ ଜାରି ରଖିବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ମାନବିକ ସେବା କାର୍ଯ୍ୟକ୍ରମରେ ଷ୍ଟିଲ ସିଟି ପ୍ରେସ କ୍ଲବର ସଦସ୍ୟ ଶ୍ରୀକାନ୍ତ ମହାପାତ୍ର, ଅବିନାଶ ମିଶ୍ର, ତୁଷାର ସାହୁ, ପଦ୍ମନାଭ ପହି, ବିଜୟ ରଶ୍ମି ତ୍ରିପାଠୀ, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡେଇ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପ୍ରଖର ଖରାରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଓ ପଥିକ ଜଳଛତ୍ରରୁ ସୁସ୍ୱାଦୁ ଦହି ସରବତ ଏବଂ ଥଣ୍ଡା ପାଣି ପିଇ ନିଜର ଶୋଷ ମେଣ୍ଟାଇବା ସହ ଏହି ମହତ କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି।

## ସାହାରପଡାରେ କଂଗ୍ରେସର କର୍ମୀ ସମ୍ମିଳନୀ



ସାହାରପଡା, ୨୩।୫ (ନି.ପ୍ର): ସାହାରପଡା ବ୍ଲକ ହାଇସ୍କୁଲ ପଡିଆରେ ପାଟଣା ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ବିଏଲ୍‌ଏ ୨ ତାଲିମ ସମ୍ବନ୍ଧରେ ଆଲୋଚନା ଏବଂ ସାଂଗଠନିକ ବୈଠକ ମଧ୍ୟ ହୋଇଯାଇଛି । ନିକଟରେ ବରିଷ୍ଠ କଂଗ୍ରେସ କର୍ମୀ ସତ୍ୟାନନ୍ଦ ରାଉତଙ୍କ ପରଲୋକ ହୋଇଥିବାରୁ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ପରେ ପିସିସି ଦ୍ୱାରା ମନୋନୀତ କଂଗ୍ରେସ କର୍ମକର୍ତ୍ତାଙ୍କ ନାମ କଂଗ୍ରେସ ସଭପତି ସରୋଜ କୁମାର ବଘେଲବାବୁ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ମକୁନ୍ଦ ମହାନ୍ତଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗୌରହରି ଦାସ ଓ ବେଣୁଧର ନାଏକ ଉପସଭାପତି, ମାନସିଂ ମୁଣ୍ଡା ଓ ବଳରାମ ମହାନ୍ତ ସାଧାରଣ ସମ୍ପାଦକ, ଯଶୋବନ୍ତ ମହାନ୍ତ, ହେମରଞ୍ଜନ ବେହେରା ଓ ସାରଥୀ ମୁଦୁଲି, ଚିତ୍ତରଞ୍ଜନ ତରେଇ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ମଧୁସୂଦନ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ସେହିପରି ୧୦ଜଣ ନିର୍ବାହୀ କମିଟି ଓ ୧୧ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ନିର୍ବାହୀ ସଦସ୍ୟ ହେଲେ ରାଜୁ ମହାନ୍ତ, ବିକାଶ ପରିଡା, ରମେଶ ମହାନ୍ତ, ବିମ୍ବାଧର ନାଏକ, ନାରାୟଣ ନାଏକ, ଗୁଣନିଧି ନାଏକ, ମଙ୍ଗୁଳି ପାତ୍ର, ପ୍ରକାଶ ସାହୁ, କୁଳମଣି ସାହୁ, ନବୀନ ନାଏକ, ସ୍ଥାୟୀ ନିମନ୍ତ୍ରିତ ଅତିଥି ଚିତ୍ତରଞ୍ଜନ ରାଉତ, ଭୋଳାନାଥ ବଘେଲବାବୁ, ଦୀପକ କୁମାର ରାଜ, ମକୁନ୍ଦ ମହାନ୍ତ, ଦିବାକର ନାଏକ, ବିଦ୍ୟାଧର ସିଂ, ଶ୍ରୀକାନ୍ତ ସେଠୀ, ରମାକାନ୍ତ ମଲ୍ଲିକ, ଗୌରହରି ନାଏକ ଓ ଅର୍ଜୁନ ନାଏକ । ପାଟଣା ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ମହାନ୍ତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଆସନ୍ତା କାଲି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ହେବ ବୋଲି ବ୍ଲକ ସଭାପତି ସରୋଜ କୁମାର ବଘେଲ ବାବୁ ଜଣାଇଛନ୍ତି ।

## ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ

ପାଟଣା, ୨୩।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନକୁ ଆହୁରି ସୁଦୃଢ କରିବା ସହ ଦଳୀୟ କାର୍ଯ୍ୟକଳାପକୁ ଗାଁ ସ୍ତର ପର୍ଯ୍ୟନ୍ତ ସକ୍ରିୟ କରିବାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ପ୍ରତି ମାସର ୧ ରୁ ୭ ତାରିଖ ମଧ୍ୟରେ ପ୍ରତ୍ୟେକ ମଣ୍ଡଳରେ ନିୟମିତ ବୈଠକ କରାଯିବା ସହ ପ୍ରତ୍ୟେକ ଶକ୍ତି କେନ୍ଦ୍ରରେ ପ୍ରତି ମାସ ୨୪ ତାରିଖରେ ବୈଠକ ଅନୁଷ୍ଠିତ ଏବଂ ସଂଗଠନ ମୂଳକ ବୈଠକ କରିବାକୁ ନେଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ସହ ଗ୍ରାମସ୍ତରରେ ଦଳକୁ ଆହୁରି ସଶକ୍ତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ବୈଠକରେ ମଣ୍ଡଳ ସମ୍ପାଦକ ମଧୁସୂଦନ ମହାନ୍ତ, ଜିଲ୍ଲା ଉପସଭାନେତ୍ରୀ ସମବାରୀ ମୁଣ୍ଡାଙ୍କ ସମେତ ଅନେକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ

ଠାକୁରମୁଣ୍ଡା,୨୩।୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସର୍ବପୁରାତନ ହାଇସ୍କୁଲ ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଗତ ଡିସେମ୍ବର ୨୬ ତାରିଖ ଠାରୁ ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଳନ ହୋଇଥିଲାବେଳେ ଚଳିତ ମେ ୨୨ ତାରିଖ ଶୁକ୍ରବାର ଦିନ ସ୍ମରଣିକା ଶାଳ୍ମଳୀ ଉନ୍ମୋଚନ ହୋଇଯାଇଛି । ପୁରାତନ ଛାତ୍ର ତଥା କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ଼ଃ. ସୁମନ୍ତ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ମରଣିକା ଶାଳ୍ମଳୀକୁ ଉପସ୍ଥିତ ଅତିଥି ମାନେ ଉନ୍ମୋଚନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଠାକୁରମୁଣ୍ଡା ଥାନାଧିକାରୀଣୀ ସାବିତ୍ରୀ ଦଳେଇ ଯୋଗ ଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ । କାର୍ଯ୍ୟବ୍ୟସ୍ତତା ଯୋଗୁ ମୁଖ୍ୟ ଅତିଥି କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବ୍ରୁରୁ କିଛି ସମୟ ବିଳମ୍ବରେ ପହଞ୍ଚି ହୀରକ ଜୟନ୍ତୀର ଫଟୋ ଆଲବମ ଉନ୍ମୋଚନ କରିଥିଲେ । ପୁରାତନ ଛାତ୍ର ସଂଗଠନ ଉପସଭାପତି ବସନ୍ତ କୁମାର ପରବର୍ତ୍ତୀ କାର୍ଯ୍ୟକ୍ରମ ଅବସରରେ ଉଦବୋଧନ ଦେଇ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରି ସ୍କୁଲ ସମୟର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ହୀରକ ଜୟନ୍ତୀ ସଭାପତିତଥା ସ୍ମରଣିକା ଶାଳ୍ମଳୀର ମୁଖ୍ୟ ସମ୍ପାଦକ ଡଃ ହରିଶ ଚନ୍ଦ୍ର ବାରିକ ସ୍ମରଣିକା ଶାଳ୍ମଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

## ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



ବଲାଙ୍ଗୀର,୨୩।୫ (ନି.ପ୍ର): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ଓଡ଼ିଶା-୨୦୨୬ ପ୍ରକ୍ରିୟାକୁ ସଫଳ ଓ ସ୍ୱଚ୍ଛ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରୁ ଶ୍ରୀଜୀ ଇସଲ୍ଲାର ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ହୋଇ ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରିତା କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାରେ ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ଜିଲ୍ଲାପାଳ। ୧୮ ବର୍ଷରୁ ଅଧିକ ବୟସର ଯୁବ ଭୋଟରମାନଙ୍କ ନାମ ଶତପ୍ରତିଶତ ପଞ୍ଜୀକୃତ କରିବାକୁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ କରିବା, ତଥା ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାରେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ର ପାଇଁ ରାଜନୈତିକ ଦଳମାନଙ୍କୁ ବୁଥ୍ ଲେଭେଲ ଏଜେଣ୍ଟ ନିଯୁକ୍ତ କରିବାକୁ କୁହାଯାଇଛି। ଏହି BLA ବିଏଲ୍‌ଏମାନଙ୍କର ତାଲିକା ଦାଖଲ କରିବାକୁ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୁଥ୍ ଲେଭେଲ ଏଜେଣ୍ଟମାନେ ବୁଥ୍ ଲେଭେଲ ଅଫିସରମାନଙ୍କ ସହ ସମନ୍ୱୟ ରଖି ଖସଡା ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ, ନୂତନ ନାମ ସମ୍ମିଳନ ଓ ବିଲୋପ କାର୍ଯ୍ୟରେ ସହଯୋଗ କରିବେ। ସେହିପରି ଇଆରଓମାନଙ୍କୁ ସ୍ୱେଚ୍ଛାସେବୀଙ୍କ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇକ୍ତ୍ୱ ଓ ସ୍ୱେଚ୍ଛାସେବୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ଓଡ଼ିଶା-୨୦୨୬ର ଯୋଗ୍ୟତା ତାରିଖ ୦୧ ଜୁଲାଇ ୨୦୨୬ ରହିଥିବାବେଳେ, ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ୨୦ ମେ'ରୁ ୨୯ ମେ ପର୍ଯ୍ୟନ୍ତ ସମ୍ପନ୍ନ ହେବ। ୩୦ମେରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରେ ଘରେ ଯାଇ ପରିଗଣନା ଫର୍ମ ପୂରଣ ଓ ଯାଞ୍ଚ କାର୍ଯ୍ୟ କରିବେ। ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ୨୮ ଜୁନ ସୁଦ୍ଧା ସମ୍ପନ୍ନ ହେବ। ଖସଡ଼ା ଭୋଟର ତାଲିକା ୦୫ ଜୁଲାଇରେ ପ୍ରକାଶିତ ହେବା ସହ, ଦାବି ଓ ଆପତ୍ତି ଦାଖଲ ସମୟ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ରହିବ। ନୋଟିସ ଜାରି କରିବା ଓ ଦାବି-ଆପତ୍ତିର ନିଷ୍ପତ୍ତି ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ୦୬ ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ହେବ। ବୈଠକ ଶେଷରେ ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡା ଧନ୍ୟବାଦ ଜଣାଇଥିଲେ।

## ଡିଜେଲ ଅଭାବରୁ ଖଣି ପରିବହନ ବାଧାପ୍ରାପ୍ତ

କେନ୍ଦୁଝର,୨୩।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଂଶପାଳ ବ୍ଲକର ଶୁଆକାଟୀ ଅଂଚଳରେ ଥିବା ପୁତୁଲିପାଣି ଖଣିରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ଦିନ ଧରି ଡିଜେଲ ଅଭାବରୁ ଗାଡି ଗୁଡିକ ଛିଡା ହୋଇ ଥିବାରୁ ଡ୍ରାଇଭର ଓ ମାଲିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ଏ ପ୍ରସଙ୍ଗରେ ଡି.ଭି. ପ୍ରୋଜେକ୍ଟର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଡିଜେଲର ଘୋର ଅଭାବ ଯୋଗୁଁ ଖଣି ପରିବହନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେବା ସହ ଲୋଡରରେ ତେଲ ଅଭାବ ଯୋଗୁଁ ଠିକ୍ ଭାବରେ ଗାଡି ଗୁଡିକୁ ଲୋଡ ଦେବାକୁ ଆମେ ଅକ୍ଷମ ବୋଲି କହିଛନ୍ତି ।

## ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

ଖୁଣ୍ଟା, ୨୩।୫(ନି.ପ୍ର): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ଜଗନ୍ନାଥ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗତର ନାଥ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ରୀତିକାନ୍ତି ପରେ ଯଜ୍ଞ କାର୍ଯ୍ୟ ହୋଇଥିଲା। ଶୁକ୍ରବାର ସ୍ଥାନୀୟ ପ୍ରବାହିତ ନାହ୍ଣୁଆ ନଦୀରୁ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପକୁ ଆସିଥିଲା। ଜଗଦୀଶ ମହାପାତ୍ର, ରଶ୍ମି ରଞ୍ଜନ ହୋତା, ମିଟୁନ ଦାଶ ଓ ଗଜେନ୍ଦ୍ର ମହାପାତ୍ର ଚାରି ବେଦରୁ ବ୍ରାହ୍ମଣ ଯୋଗ ଦେଇ ପୂଜା ପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ରୁଦ୍ରାଭିଷେକ, ଷୋଳଶ ଉପଚାର, ସୂର୍ଯ୍ୟ ପୂଜା, କ୍ଷଞ୍ଚ ପ୍ରଭୃତି କାର୍ଯ୍ୟ କରାଯାଇଥିଲାଛ ପୂର୍ଣ୍ଣଚନ୍ଦ୍ର ହୋତା ଚଣ୍ଡୀ ପାଠ କାର୍ଯ୍ୟ କରିଥିଲେ। ପରମେଶ୍ୱର ମିଶ୍ର ଓ ସୁନିଲ ପଣ୍ଡା କାର୍ଯ୍ୟରେ ସହଯୋଗ କରିଥିଲେ। କର୍ତ୍ତା ଭାବେ ଅଜୟ କୁମାର ଦେ, ଦେବବ୍ରତ ସାହୁ, ହରେନ୍ଦ୍ର ପାତ୍ର, ଗୌରହରି ପତିଙ୍କ ସମେତ ଧର୍ମପତ୍ନୀ ମାନେ କାର୍ଯ୍ୟ ତୁଲାଇଥିଲେ। ପୂର୍ଣ୍ଣାହୁତି ଦିବସରେ ନଗର ସଂକୀର୍ତ୍ତନ, ବିଷ୍ଣୁ ସହସ୍ରନାମ, ଗୀତା ପଠନ ପ୍ରଭୃତି କାର୍ଯ୍ୟ ସମ୍ପନ୍ନ ହୋଇଛି। କମିଟିର ସଭାପତି ଅଶୋକ କୁମାର ସାହୁ, ସଂପାଦକ କ୍ଷେତ୍ରମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକ ସଂଘ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ ବାଲି ଉତ୍ତୋଳନ, ଟ୍ରାକ୍ଟର ଜବତ କଲା ବନ ବିଭାଗ



ପାଟଣା,୨୩।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ତଣ୍ଡ ଫରେଷ୍ଟ ବିଟ୍ ଅଧୀନ ଘାଟବାଲିଯୋଡି ଗ୍ରାମ ନିକଟ ବୈତରଣୀ ନଦୀ ଘାଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ ଚାଲିଥିବା ବେଳେ ପାଟଣା ବନବିଭାଗ ଚଢଉ କରି ଏକ ଟ୍ରାକ୍ଟରକୁ ଜବତ କରିଛି । ବିନା ଅନୁମତିରେ ନଦୀଘାଟରୁ ବାଲି ଉତ୍ତୋଳନ ଚାଲିଥିବା ଖବର ପାଇ ଏହି ଚଢାଉ କରାଯାଇଥିଲା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି । ଏହି ଚଢାଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ କୁମାର ସ୍ୱାଇଁ, ବନ କର୍ମଚାରୀ ଓ ପାରାଷ୍ଟାପ୍ ସାମିଲ ଥିଲେ । ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

## ଚଣ୍ଡୀ ପାଣିଗ୍ରାହୀ ଜିଲ୍ଲା କଂଗ୍ରେସର ମୁଖପାତ୍ର



ହାଟଡିହି,୨୩।୫(ନି.ପ୍ର): ଜିଲ୍ଲା କଂଗ୍ରେସର ମୁଖପାତ୍ର ଭାବେ ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ଢେଙ୍କା ଗ୍ରାମର ଚଣ୍ଡି ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନା ପ୍ରେସ ରିଲିଜ ଜରିଆରେ ଏହା ଘୋଷଣା କରିଛନ୍ତି । ଦୀପକ କୁମାର ରାଜ, ଚଣ୍ଡୀ ପାଣିଗ୍ରାହୀ ଓ ବିଶ୍ୱରଞ୍ଜନ ପାଣିଗ୍ରାହୀଙ୍କୁ ଜିଲ୍ଲା କଂଗ୍ରେସର ମୁଖପାତ୍ର ଭାବେ ନିଯୁକ୍ତି କରାଯାଇଛି । ଚଣ୍ଡି ପାଣିଗ୍ରାହୀ ପୂର୍ବରୁ କଂଗ୍ରେସର ଅନେକ ପଦ ପଦବୀରେ ଅବସ୍ଥାପିତ ହୋଇ ତାଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ପୁନର୍ବାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଜିଲ୍ଲା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ରିଲିଜ ହେଲା ଦୃଶ୍ୟମ୍ ୩

## ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ





ମାଲାୟଲାମ ସିନେମାର ସବୁଠାରୁ ଚର୍ଚ୍ଚିତ ଏବଂ ବହୁ ପ୍ରତୀକ୍ଷିତ କ୍ରାଇମ୍ ଥ୍ରିଲର ଫ୍ରେଞ୍ଚାଇଜର ତୃତୀୟ ପାର୍ଟ ଦୃଶ୍ୟମ୍ ୩ ଆଜି ଫିଲ୍ମ ହଲରେ ରିଲିଜ ହୋଇଛି । ଜର୍ଜକୁଟ୍ଟି ଏବଂ ତାଙ୍କ ପରିବାରର ସନସେନ୍ସ ଭରା ଏହି କାହାଣୀ ବଡ଼ ପରଦାରେ ପୁଣି ଫେରିଛି। ନିର୍ଦ୍ଦେଶକ ଏବଂ ଲେଖକ ଜିତୁ ଯୋସେଫଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଦୃଶ୍ୟମ୍ ଏବଂ ଦୃଶ୍ୟମ୍ ୨ ପରେ ଆଗକୁ ଥିବା ଘଟଣା ଦର୍ଶକଙ୍କ ସାମ୍ନାକୁ ଆଣିଛନ୍ତି । ଏହି ବହୁପ୍ରତୀକ୍ଷିତ ସସପେନ୍ସ ଥ୍ରିଲରର ସିନେମାହଲରେ ରିଲିଜ୍ ହେବା ମାତ୍ରେ ଏହାକୁ ଦେଖିବାକୁ ଦର୍ଶକଙ୍କ ମନରେ ଉତ୍ସାହ ଦେଖାଦେଇଛି । ସକାଳ ଶୋ ଏବଂ ଫାଷ୍ଟ ଡେ ଫାଷ୍ଟ ଶୋ ଶେଷ ହେବା ପରେ ସୋସିଆଲ ମିଡିଆର ପ୍ଲାଟଫର୍ମରେ ଦର୍ଶକଙ୍କ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଫିଲ୍ମ ଦେଖି ସାରିଥିବା ଦର୍ଶକମାନେ ଇଣ୍ଟରନେଟରେ ଆସି ସେମାନଙ୍କ ମତାମତ ଏବଂ ଅଭିଜ୍ଞତା ସେୟାର କରିଥିଲେ । ସବୁଥର ଭଳି ଏହି ଫିଲ୍ମଟି ଅନଲାଇନ୍ ପ୍ଲାଟଫର୍ମଗୁଡିକରେ ଚର୍ଚ୍ଚାର ବିଷୟ ପାଲଟିଛି । ଆଗକୁ ଫିଲ୍ମ ଶୋ ବଢିବା ସହିତ ଦର୍ଶକ ପ୍ରତିକ୍ରିୟା ମଧ୍ୟ ଅଧିକରୁ ଅଧିକ ମିଳିବ। ଦୃଶ୍ୟମ ୩ର କହାଣୀ ଜର୍ଜକୁଟ୍ଟିଙ୍କ ଜୀବନର ସଂଘର୍ଷ, ଲୁଚି ରହିଥିବା ସତ, ଧୋକା ଏବଂ ଅତୀତରେ କରିଥିବାର କାମର ପରିଣାମ ଉପରେ ଆଧାରିତ । ଏହାରି ମଧ୍ୟରେ ୯ ମେ’ରେ ରିଲିଜ ହୋଇଥିବା ଟ୍ରେଲର ସ୍ପଷ୍ଟ କରିଥିଲା ଯେ ଜର୍ଜକୁଟ୍ଟିଙ୍କ ଯାତ୍ରା ବହୁତ ବ୍ୟକ୍ତିଗତ ଏବଂ ବିପଦପୂର୍ଣ୍ଣ । ଫିଲ୍ମର ପ୍ରମୋସନ ସମୟରେ ପ୍ରକାଶିତ କିଛି ସିନ୍ ଦର୍ଶାଇ ଦେଇଥିଲା ଯେ, ଯାହା ଦର୍ଶକଙ୍କୁ ପରଦାରେ ବାନ୍ଧି ରଖିବ। ସତୀଶ କୁରୁପଙ୍କ ଦ୍ବାରା ସିନେମାଟୋଗ୍ରାଫି କରାଯାଇଛି । ଏଡିଟିଂ ବିନାୟକଙ୍କ ଦ୍ବାରା କରାଯାଇଛି। ଫିଲ୍ମରେ ଚମତ୍କାର ବ୍ୟାକଗ୍ରାଉଣ୍ଡ ସଙ୍ଗୀତକାର ଜନସନ୍ ଦେଇଥିଲେ । ଏହା ବ୍ୟତୀତ, ପ୍ରଶାନ୍ତ ମାଧବ ପ୍ରଯୋଜନା ଡିଜାଇନ୍ ପରିଚାଳନା କରିଥିଲେ ଏବଂ ସିନୋୟ ଜୋସେଫ ଶବ୍ଦ ଡିଜାଇନ୍ ପରିଚାଳନା କରିଥିଲେ । ଯାହା ଫିଲ୍ମର ସସପେନ୍ସକୁ ଆହୁରି ବୃଦ୍ଧି କରିଥିଲା ।

ଦୃଶ୍ୟମ ୩ ଆଣ୍ଟୋନି ପେରୁମ୍ବାଭୁରଙ୍କ ଦ୍ୱାରା ଆଶୀର୍ବାଦ ସିନେମାସର ପ୍ରତିଷ୍ଠିତ ବ୍ୟାନରରେ ନିର୍ମିତ । ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଚର୍ଚ୍ଚିତ ଷ୍ଟାର କାଷ୍ଟଙ୍କ ପୁନର୍ମିଳନ। ସୁପରଷ୍ଟାର ମୋହନଲାଲ ପୁଣି ଥରେ ତାଙ୍କର ପ୍ରତୀକାତ୍ମକ ଏବଂ ନିଷ୍ଠୁର ଜର୍ଜକୁଟ୍ଟି ଭୂମିକାକୁ ପୁଣି ପ୍ରକାଶ କରିଛନ୍ତି । ତାଙ୍କ ସମେତ ମୀନା, ଅନସୀବା ହାସନ, ଏସ୍ଥର ଅନିଲ, ସିଦ୍ଧିକ, ଆଶା ଶରତ ଏବଂ ମୁରଲୀ ଗୋପୀଙ୍କ ପରି ଷ୍ଟାର ସାମିଲ ହୋଇଛନ୍ତି । ଯେଉଁମାନେ ସେମାନଙ୍କର ପରିଚିତ ଭୂମିକାକୁ ପୁଣି ପ୍ରକାଶ କରୁଛନ୍ତି ଏବଂ କାହାଣୀକୁ ଆଗକୁ ବଢ଼ାଉଛନ୍ତି।

ଦୃଶ୍ୟମ୍ ଫ୍ରାଞ୍ଚାଇଜ୍ ଭାରତୀୟ ସିନେମା ଇତିହାସର ସବୁଠାରୁ ସଫଳ ଏବଂ ଲୋକପ୍ରିୟ ଥ୍ରୀଲର୍ ଧାରାବାହିକ ମଧ୍ୟରୁ ଗୋଟିଏ । ଏହାର ପୂର୍ବ ଦୁଇଟି କିସ୍ତି କେବଳ ମାଲାୟଲମରେ ନୁହେଁ ବରଂ ହିନ୍ଦୀ, ତାମିଲ ଏବଂ ତେଲୁଗୁ ସମେତ ଅନ୍ୟ ଅନେକ ଭାଷାରେ ପୁନଃନିର୍ମାଣ କରାଯାଇଥିଲା ଏବଂ ପ୍ରତ୍ୟେକଟିରେ ବ୍ଲକବଷ୍ଟର ସଫଳତା ପାଇଥିଲା । ଏବେ ତୃତୀୟ ପାର୍ଟ ଦୃଶ୍ୟମ୍ ୩ ପାଇଁ ହଲ୍ ସାମ୍ନାରେ ଭିଡ ଜମିବା ଆରମ୍ଭ ହୋଇଯାଇଛି।



## ଚୁଇଂଗମ୍ ଓ ବବଲ୍‌ଗମ୍

### ଆଦୌ ସମାନ ଭାବନ୍ତୁ ନାହିଁ

ଛୋଟ ଛୁଆଠାରୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଥମ ପସନ୍ଦ ହୋଇଥାଏ ଚୁଇଂଗମ୍ । କାରଣ କଥାରେ ଅଛି ଚୁଇଁଗମ ଚୋବାଇଲେ ଟେନସନ ଫ୍ରି ହେବା ସହ ରିଲାକ୍ସ ମଧ୍ୟ ଲାଗିଥାଏ ।

ଅଧିକାଂଶ ଲୋକ କାର୍ଯ୍ୟର ଚାପ ହ୍ରାସ କରିବା, ମୁହଁର ବ୍ୟାୟାମ କରିବା, ନିଦ ଭାଙ୍ଗିବା, ଭୋକ କମାଇବା ଭଳି ଅନେକ କାରଣ ପାଇଁ ଚୁଇଂଗମ୍ ଖାଇବାକୁ ପସନ୍ଦ କରନ୍ତି । ଅଧ୍ୟୟନରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଚୁଇଙ୍ଗର ଅନେକ ଲାଭ ରହିଛି । କିନ୍ତୁ ଏହା ଦ୍ୱାରା ହୋଇଥିବା ଅନେକ କ୍ଷତି ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି । ଏଥି ସହିତ, ଅଧିକାଂଶ ଲୋକ ଯେଉଁମାନେ ପ୍ରତିଦିନ ଚୁଇଂଗମ୍ ଚୋବାନ୍ତି ସେମାନେ ମଧ୍ୟ ଏହାକୁ ଖାଇବା ପାଇଁ ସଠିକ୍ ଉପାୟ ବିଷୟରେ ଜାଣି ନାହାଁନ୍ତି ଏବଂ ସେମାନେ ଜାଣିଶୁଣି ଅନେକ ସମସ୍ୟାକୁ ନିଜେ ନିମନ୍ତ୍ରଣ କରୁଛନ୍ତି । ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ପାନ, ସିଗାରେଟ ଭଳି ଖରାପ ଅଭ୍ୟାସଠାରୁ ଦୂରେଇ ରହିବା ପାଇଁ ଚୁଇଂଗମ୍ ଚୋବାଇଥାଆନ୍ତି । ପାଟି ସଫା ରଖିବାକୁ ଏହା ଭଲ ବିକଳ୍ପ ବୋଲି କିଛି ଲୋକ ଭାବିଥାଆନ୍ତି । ଦାନ୍ତରେ ଲାଗି ରହିଥିବା କିଛି ଜିନିଷକୁ ଏହା ସାହାଯ୍ୟରେ ବାହାର କରି ଦେଇଥାଆନ୍ତି । କିନ୍ତୁ ଏହାର ଅତ୍ୟଧିକ ସେବନ ଜବା ରୋଗ ସୃଷ୍ଟି କରିପାରେ। ସାଧାରଣତଃ ଆମେ ଚୁଇଂଗମ୍ ଏବଂ ବବଲ୍‌ଗମ୍‌କୁ ସମାନ ବୋଲି ଭାବିଥାଉ। ହେଲେ ଏହା ମଧ୍ୟରେ ପାର୍ଥକ୍ୟ ରହିଛି । ଆଜି ଆମେ ଆପଣଙ୍କୁ ଏହା ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ଜଣାଇବୁ । ସାଇନ୍ସ ଡାଇରେକ୍ଟଙ୍କ ରିପୋର୍ଟ ଅନୁଯାୟୀ ଚୁଇଂଗମ୍ ପାଟି ସଫା କରିବା ଏବଂ ନିଶ୍ୱାସକୁ ସତେଜ କରିବା ପାଇଁ ବ୍ୟବହାର କରାଯାଏ । କିନ୍ତୁ ବବଲ୍‌ଗମ୍‌କୁ ଚୋବାଇ ଫୋଟକା ବାହାର କରାଯାଇଥାଏ । ଚୁଇଂଗମ୍‌ରେ ଏକ ଗମ୍ ବେସ୍ ଥାଏ । ଯେଉଁଥିରେ ମିଠା ସହିତ ଏସିଡ୍ ମଧ୍ୟ ଥାଏ । କିନ୍ତୁ ଚୁଇଂଗମ୍ ଅପେକ୍ଷା ବବୁଲ ଗମରେ ଅଧିକ ଗମ୍ ବେସ୍ ଥାଏ । ଚୁଇଂଗମ୍‌ର ସ୍ବାଦ ସ୍ପେୟାରମିଣ୍ଟ ବା ପିପରମେଣ୍ଟ ଭଳି ଲାଗୁଥିବାବେଳେ ବବୁଲଗମରେ ସ୍ୱାଦ ଷ୍ଟ୍ରବେରୀ, ବ୍ଲୁବେରୀ କିମ୍ବା ଅଙ୍ଗୁର ଭଳି ହୋଇଥାଏ ।

## ଜାମୁକୋଳି

### ପାଚନ କ୍ରିୟାକୁ ମଜଭୁତ କରେ

ପ୍ରତ୍ୟେକ ଫଳରେ କିଛି ନା କିଛି ଔଷଧୀୟ ଗୁଣ ରହିଛି । ବର୍ତ୍ତମାନ ସମୟରେ ପିଜା, ବର୍ଗର ଏବଂ ଜଙ୍କ୍ ଫୁଡ୍ ଭଳି ଖାଦ୍ୟକୁ ସମସ୍ତେ ଖାଇବାକୁ ଖୁବ୍ ପସନ୍ଦ କରୁଛନ୍ତି । କିନ୍ତୁ ଦେହକୁ ହିତକାରୀ ଫଳ ଖାଇବାକୁ ଅଣଦେଖା କରୁଛନ୍ତି । ସେହିପରି ଜାମୁକୋଳି ଏଭଳି ଏକ ଫଳ । ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ବିଶେଷ କରି ଏହି ଫଳ ଖରାଦିନ ପାଇଁ ଖୁବ୍ ଗୁଣକାରୀ ବୋଲି ସାବ୍ୟସ୍ତ ହୋଇଛି ।

ଏହା ଆଖିକୁ ଯେତିକି ସୁନ୍ଦର ଦିଶିଥାଏ ସ୍ବାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭକାରୀ ହୋଇଥାଏ । ଆୟୁର୍ବେଦରେ ଏହାକୁ ଔଷଧ ଭାବେ ବିବେଚନା କରାଯାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଫସଫରସ୍, କ୍ୟାଲସିୟମରେ ଭରପୂର। ଏଥିରେ ଶରୀର ପାଇଁ ଆବଶ୍ୟକ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଛି । ଯାହା ଅନେକ ସମସ୍ୟାକୁ ରୋକିବାରେ ସାହାଯ୍ୟ କରିଥାଏ । ତେବେ ଆସନ୍ତୁ ଏହାକୁ ଖରାଦିନେ ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ ସେ ସମ୍ପର୍କରେ ଜାଣିବା ।

**ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖେ :** ଡାଇବେଟିସ୍ ରୋଗୀଙ୍କ ପାଇଁ ଜାମୁକୋଳି ବରଦାନ ସଦୃଶ ହୋଇଥାଏ। ଏଥିରେ ଜାମ୍ବୋଲାଇନ୍ ନାମକ ଏକ ତତ୍ତ୍ୱ ଥାଏ । ଯାହା ଷ୍ଟାର୍ଚକୁ ସୁଗାରରେ ପରିଣତ କରିବାକୁ ରୋକିଥାଏ। କେବଳ ଫଳ ନୁହେଁ ବରଂ ଏହାର ମଞ୍ଜିର ପାଉଡର ମଧ୍ୟ ସୁଗାର ଲେଭଲକୁ ନିୟନ୍ତ୍ରଣରେ ରଖିଥାଏ ।

**ପେଟ ସମସ୍ୟାରୁ ମୁକ୍ତି ଦିଏ :** ଖରାଦିନେ ସାଧାରଣତଃ ପାଚନ ପ୍ରକ୍ରିୟା କମ୍ ହୋଇଥାଏ । ଫଳରେ ଗ୍ୟାସ୍, ବଦହଜମୀ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦିଏ । ଜାମୁକୋଳିରେ ଫାଇବର ଏବଂ କପର ଥିବାରୁ ଏହା ପାଚନ କ୍ରିୟାକୁ ମଜବୁତ କରେ । ଡାଇରିଆ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ ।

**ନ୍ୟାଚୁରାଲ ଗ୍ଲୋ ଆଣେ :** ଜାମୁକୋଳିରେ ପ୍ରଚୁର ପରିମାଣର ଭିଟାମିନ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥାଏ । ଯାହା ଖରା ଗରମରୁ ସୂର୍ଯ୍ୟର କ୍ଷତିକାରକ ରଶ୍ମିରୁ ରକ୍ଷା କରି ନ୍ୟାଚୁରାଲ ଗ୍ଲୋ ଦେଇଥାଏ । ଏଥିସହ ଏହା ଖାଇବା ଦ୍ୱାରା ରକ୍ତକୁ ସଫା ରଖେ । ତେଣୁ ବ୍ରଣ, ଦାଗ ଦୂର କରି ମୁହଁରେ ନ୍ୟାଚୁରାଲ ଗ୍ଲୋ ଆଣିବାରେ ସାହାଯ୍ୟ କରେ ।

**ହାର୍ଟ ପାଇଁ ଲାଭକାରୀ :** ଏଥିରେ ପୋଟାସିୟମ୍ ଭରପୂର ଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ । ନିୟମିତ ଏହାକୁ ଖାଇବା ଦ୍ବାରା ଧମନୀକୁ ସୁସ୍ଥ ରଖିବା ସହିତ ହାର୍ଟ ଷ୍ଟ୍ରୋକର ଆଶଙ୍କାକୁ କମ୍ କରିଥାଏ ।

**ଇମ୍ୟୁନିଟି ଏବଂ ହିମୋଗ୍ଲୋବିନ୍ ବୃଦ୍ଧି କରେ :** ଗରମ ଯୋଗୁଁ ଆମେ ଶୀଘ୍ର ଦୁର୍ବଳତାର ଶିକାର ହୋଇଥାଏ। ତେଣୁ ଇମ୍ୟୁନିଟି ପାୱାରକୁ ବଢାଇବା ପାଇଁ ଜାମୁକୋଳି ଖୁବ୍ ଭଲ ବିକଳ୍ପ । ଏଥିରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରେ । ଯାହା ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ। ଏହା ସହିତ, ଏହାର ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ।





## ୨୪ ଘଣ୍ଟାରେ ଦୁଇଥର ରଙ୍ଗ ବଦଳାନ୍ତି ଏହି ଶିବଲିଙ୍ଗ, ଜାଣନ୍ତୁ ବିଶେଷ ରହସ୍ୟ

ସାରା ଦୁନିଆରେ ଭଗବାନ ଶିବଙ୍କର ଅନେକ ମନ୍ଦିର ଅଛି । ସମସ୍ତ ସ୍ଥାନର ଭିନ୍ନ ଭିନ୍ନ ରହସ୍ୟ ରହିଛି । ଭଗବାନ ମୂର୍ତ୍ତି ବଦଳରେ ଶିବଲିଙ୍ଗଙ୍କୁ ପୂଜା କରାଯାଏ । ଆମେ ଆଜି ଆପଣଙ୍କୁ ଏଭଳି ଏକ ଶିବଲିଙ୍ଗଙ୍କ ବିଷୟରେ କହିବାକୁ ଯାଉଛୁ ଯାହା ଖୁବ୍ ରହସ୍ୟମୟ । ଯେଉଁ ସ୍ଥାନରେ ଶିବଲିଙ୍ଗ ଦିନକୁ ଦୁଇ ଥର ରଙ୍ଗ ପରିବର୍ତ୍ତନ କରିଥାଆନ୍ତି । ଯାହାର ରହସ୍ୟ ବିଷୟରେ ଆଜି ପର୍ଯ୍ୟନ୍ତ ମଧ୍ୟ ବୈଜ୍ଞାନିକମାନେ ଜାଣିପାରିନାହାଁନ୍ତି।

ଏହି ଶିବଲିଙ୍ଗ ଅଚଳେଶ୍ୱର ମନ୍ଦିରରେ ପୂଜା ପାଉଛନ୍ତି । ଯେଉଁ ମନ୍ଦିର ରାଜସ୍ଥାନ ଧୌଳପୁର ଜିଲ୍ଲାରେ ଅବସ୍ଥିତ । ପ୍ରତି ୨୪ ଘଣ୍ଟାକୁ ଦୁଇ ଥର ଶିବଲିଙ୍ଗ ତାଙ୍କର ରଙ୍ଗ ପରିବର୍ତ୍ତନ କରିଥାଆନ୍ତି । କିଛି ଅନୁସନ୍ଧାନକାରୀ ବିଶ୍ବାସ କରନ୍ତି ଯେ, ସୂର୍ଯ୍ୟ କରିଣ ଲିଙ୍ଗ ଉପରେ ପଡିବା ଯୋଗୁଁ ଏପରି ହୋଇଥାଏ। ଏହି ଆକର୍ଷଣୀୟ ଦୃଶ୍ୟ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ମନ୍ଦିରରେ ଦେଖିବାକୁ ମିଳିଥାଏ । ବିଶ୍ବାସ୍ ଅନୁଯାୟୀ, ଏହି ମନ୍ଦିରରେ ଭକ୍ତମାନଙ୍କର ସମସ୍ତ ଇଚ୍ଛା ପୂରଣ ହୋଇଥାଏ । କୁହାଯାଏ ଯେ, କୈଣସି ଭକ୍ତ ଏଠାକୁ ଆସି ଖାଲି ହାତରେ ଫେରି ଯାଆନ୍ତି ନାହିଁ । ଦୂର ଦୂରାନ୍ତରୁ ଭକ୍ତମାନେ ସେମାନଙ୍କର ଇଚ୍ଛା ପୂରଣ କରିବା ପାଇଁ ମହାକାଳଙ୍କୁ ଦର୍ଶନ କରିବାକୁ ଏଠାକୁ ଆସିଥାଆନ୍ତି । ଜଳହରିର ମଧ୍ୟ ବିଶେଷ ରହସ୍ୟ ରହିଛି । ଯଦି ଖରାଦିନେ ବର୍ଷା ନହୁଏ ତେବେ ଜଳହରିରେ ପାଣି ପୂର୍ଣ୍ଣ କରିବା ଦ୍ବାରା ଶୀଘ୍ର ବର୍ଷା ହୋଇଥାଏ ।

ଏହା ସହିତ ଏଠାରେ ଥିବା ପର୍ବତ ଭଗବାନ ଶିବଙ୍କ ବୃଦ୍ଧାଙ୍ଗୁଠି ଦ୍ୱାରା ସ୍ଥିର ରହିଛି ବୋଲି କୁହାଯାଏ । ଯେଉଁଦିନ ଭଗବାନ ଶିବଙ୍କ ବୃଦ୍ଧାଙ୍ଗୁଠି ଅଦୃଶ୍ୟ ହୋଇଯିବ, ସେହି ଦିନ ପର୍ବତଟି ମଧ୍ୟ ଧ୍ୱଂସ ପାଇଯିବ ବୋଲି ଧାର୍ମିକ ବିଶ୍ବାସ ରହିଛି । ସେହି ବୃଦ୍ଧାଙ୍ଗୁଠି ତଳେ ଏକ ପୁଷ୍କରିଣୀ ପ୍ରବାହିତ ହେଉଛି । ଯେଉଁଥିରେ ଯେତେ ପାଣି ଧାଳିଲେ ସୁଦ୍ଧା ତାହା କେବେ ପୂର୍ଣ୍ଣ ହୋଇନଥାଏ । ଏଥିରେ ଅର୍ପଣ କରାଯାଇଥିବା ଜଳ କେଉଁଠାରେ ଅଛି ତାହା ଆଜି ମଧ୍ୟ ଏକ ରହସ୍ୟ ହୋଇ ରହିଛି ।

## କିପରି କଟିବ ଆଜିର ଦିନ

୨୪ ମେ ୨୦୨୬

**ମେଷ:** ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ:** ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଭଲ ରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ:** ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇପାରିବେ। ବହୁଦିନରୁ ଖୋଜୁଥିବା ଜିନିଷ ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ସମୟ ବିତିବ।

**କର୍କଟ:** ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ମହିଳାମାନେ କର୍ମତତ୍ପର ହେବେ ଓ ଯତ୍ନବାନ ହେବେ।

**ସିଂହ:** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଦିନଟି ଭଲରେ କଟିବ।

**କନ୍ୟା:** ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନରହିଲେ ସମସ୍ୟା ଆସିପାରେ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**ତୁଳା:** ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବିଛା:** ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ:** ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ ଅନ୍ୟ କାହାର କଥା ମିଶିବ ନାହିଁ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ମକର:** ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଘଟଣାକୁ ଗୁରୁତ୍ୱ ଦିଅନ୍ତୁନି।

**କୁମ୍ଭ:** ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନି। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ:** ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

### ୧୯ତମ ଜାତୀୟ ରୋଜଗାର ମେଳା ଅବସରରେ

# ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୩।୫(ନି.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ, ନିଯୁକ୍ତି ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନାଗରିକ ଦେବୋ ଭବଃ (ନାଗରିକ ହିଁ ଭଗବାନ) ମନ୍ତ୍ର ପ୍ରଦାନ କରିଥିଲେ। ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ ନାଗରିକ କଲ୍ୟାଣ (ଜନସାଧାରଣଙ୍କ ସେବା) ରହିବା ଉଚିତ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ।

ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଞ୍ଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ,ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର, ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ, ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ପ୍ରଣବ କୁମାର ବିଶ୍ୱାସ, ଭୁବନେଶ୍ୱରର ଆଞ୍ଚଳିକ ଭବିଷ୍ୟ ନିଧି କମିଶନର -୨ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଣ୍ଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ।

## ଆଇପିଏଲ ପଏଣ୍ଟ : ପରାଜୟ ସତ୍ତ୍ୱେ ଶୀର୍ଷରେ ଆରସିବି

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଶେଷ ପର୍ଯ୍ୟାୟରେ ପହଞ୍ଚିଛି।ଗତ ବର୍ଷର ଚାମ୍ପିଅନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁର(ଆରସିବି),ଗୁଜରାଟ ଟାଇଟନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ବିଜୟ ଯାତ୍ରା ଜାରି ରଖି ପ୍ରତ୍ୟେକ ୧୮ ପଏଣ୍ଟ ଲେଖାଏଁ ହାସଲ ସହିତ ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ଚତୁର୍ଥ ସ୍ଥାନ ପାଇଁ ରାଜସ୍ଥାନ ରୟାଲ୍ସ, କୋଲକାତା ନାଇଟ ରାଇଡର୍ସ ଓ ପଞ୍ଜାବ କିଙ୍ଗସ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟ ଦଳ ଗୁଡିକର ପ୍ଲେଅଫ୍ ପର୍ଯ୍ୟାୟ ଖେଳିବା ଆଶା ପ୍ରାୟତଃ ମଉଳି ଯାଇଛି। ତେବେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆରସିବି ପରାଜିତ ହୋଇ ଥିଲେ ହେଁ ପଏଣ୍ଟ ତାଲିକାର ଶୀର୍ଷରେ ରହିବା ସହିତ ପ୍ଲେଅଫ୍ ପର୍ଯ୍ୟାୟର ପ୍ରଥମ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛି। ସେହିପରି ଗୁଜରାଟ ଟାଇଟନ୍ସ ଦ୍ୱିତୀୟ ଓ ସନରାଇଜର୍ସ ହାଇଦ୍ରାବାଦ ତୃତୀୟ ସ୍ଥାନରେ ରହି ଲିଗ ପର୍ଯ୍ୟାୟ ମୁକାବିଲା ସମାପ୍ତ କରିଛନ୍ତି। ତେବେ ଚତୁର୍ଥ ସ୍ଥାନ ଚୂଡାନ୍ତ ହେବା ପରେ ପ୍ଲେଅଫ୍ ପର୍ଯ୍ୟାୟରେ କିଏ କାହା ସହିତ ଖେଳିବ ତାହା ଜଣା ପଡିବ।

## ଏସିଆନ ଗେମ୍ସ ଟ୍ରାୟାଲସ ପାଇଁ ଭିନେସଙ୍କୁ ଅନୁମତି



ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଭାରତର ମହିଳା ଅଲିମ୍ପିଆନ ଭିନେଶ ଫୋଗତ ମେ ୩୦ ଓ ୩୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସର ସିଲେକ୍ସନ ଟ୍ରାଏଲରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ଅନୁମତି ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ ଉପାଧ୍ୟାୟ ଓ ବିଚାରପତି ତେଜସ କୋରିୟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରି ଫୋଗତଙ୍କୁ ସବୁଜ ସଙ୍କେତ ଦେବା ସହିତ ଭାରତୀୟ କୁସ୍ତି ମହାସଂଘକୁ ଭର୍ତ୍ସନା କରିଛନ୍ତି । ଏହା ସହିତ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲରେ ଅଂଶଗ୍ରହଣ କରିବା ପାଇଁ ଭିନେଶଙ୍କୁ ଅନୁମତି ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଭାରତୀୟ କୁସ୍ତି ମହାସଂଘ ଫୋଗତଙ୍କ ବିରୁଦ୍ଧରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜୁନ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ।

## ଅଚ୍ୟୁତ୍ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, ୨୩।୫ (ନି.ପ୍ର): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୩ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରାଇଓଭା ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓ ମେନେସ୍କୁ ଏବଂ ଅନ୍ୟାନ୍ୟ ବହୁ ଶିକ୍ଷାବିତ୍ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।



ସୂଚନାଯୋଗ୍ୟ, ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ। କ୍ରାଇଓଭା ବିଶ୍ୱବିଦ୍ୟାଳୟର ସିନେଟ୍ ପ୍ରଯୁଜ୍ୟ ଆଇନ ଅଧିନରେ ଏହାର ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲା। ଗତ ମାସରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିନେଟ୍ର ପୂର୍ଣ୍ଣାଙ୍ଗ ବୈଠକରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ସମ୍ମାନପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

## ଚନ୍ଦ୍ରଶେଖରପୁରରେ କ୍ୟାରେଟ୍‌ଲେନ୍‌ର ନବୀକୃତ ଷ୍ଟୋର ଶୁଭାରମ୍ଭ

ଚନ୍ଦ୍ରଶେଖରପୁର,୨୩।୫(ନି.ପ୍ର): ଦେଶର ଅନ୍ୟତମ ଅଗ୍ରଣୀ ଓମ୍ନିଚ୍ୟାନେଲ ଗହଣା ବ୍ରାଣ୍ଡ 'କ୍ୟାରେଟ୍‌ଲେନ୍' ଚନ୍ଦ୍ରଶେଖରପୁରରେ ଏହାର ନବୀକୃତ ଷ୍ଟୋରର ରିଲଞ୍ଚ୍ କରିଛି। ୨୦୦୦ ବର୍ଗ ଫୁଟ୍‌ର ଏ ଷ୍ଟୋର୍ କୋଲ୍ -ବ୍ରେକିଙ୍ଗ୍ ସେରିମନି ପରମ୍ପରା ସହ ଉଦ୍‌ଘାଟିତ ହୋଇଯାଇଛି। ବ୍ରାଣ୍ଡର ବିଶ୍ୱସ୍ତ ଗ୍ରାହକମାନଙ୍କ ଉପସ୍ଥିତିରେ ନୂଆ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଦେଶବ୍ୟାପୀ ଲୋକଙ୍କ ନିକଟରେ ସୁଲଭ ମୂଲ୍ୟରେ ସୁନ୍ଦର ଗହଣାଗୁଡ଼ିକୁ ପହଞ୍ଚାଇବାର ଲକ୍ଷ୍ୟ ନେଇ ସମଗ୍ର ଦେଶରେ ୩୭୫ରୁ ଊର୍ଦ୍ଧ୍ୱ ଷ୍ଟୋର ସହିତ ସେବା ପ୍ରଦାନ କରୁଛି। ଏ ପରିପ୍ରେକ୍ଷୀରେ କ୍ୟାରେଟ୍‌ଲେନ୍‌ର ପରିଚାଳନା ନିର୍ଦ୍ଦେଶକ ସୌମେନ ଭୌମିକ କୁହନ୍ତି, ଅଳଙ୍କାରର ଏକ ବ୍ୟାପକ ପରିସରର ଅନୁଭତି ପ୍ରଦାନ କରିବା ପାଇଁ ଷ୍ଟୋରକୁ ପୁନଃ ଡିଜାଇନ କରାଯାଇଛି।

**ଗ୍ରାହକଙ୍କ ପାଇଁ ରହିଛି ବ୍ୟାପକ ଗହଣା ଡିଜାଇନ୍**




ନବୀକୃତ ଚନ୍ଦ୍ରଶେଖରପୁର ଷ୍ଟୋରରେ ଉଭୟ ହୀରା ଏବଂ ପ୍ଲେନ୍ ସୁନାରେ ପ୍ରସ୍ତୁତ ବଟରଫ୍ଲାଏ, ଅରଣ୍ୟ ଏବଂ ଓମ୍ବରେ ଭଳି କଲେକ୍ସନରେ ବ୍ୟାପକ ରେଞ୍ଜ୍ ସମସାମୟିକ ଏବଂ ବିଭିନ୍ନ ସ୍ୱତନ୍ତ୍ର ଅବସରକୁ ଖାପ ଖାଇବା ଭଳି ଗହଣା ଉପଲବ୍ଧ ଅଛି। ଗ୍ରାହକ ବିଭିନ୍ନ ଲୋକପ୍ରିୟ ବର୍ଗ ଯେପରି ଆଧୁନିକ ମଙ୍ଗଳସୂତ୍ର, ନିତିଦିନ ବ୍ୟବହାର ପାଇଁ ଉଦ୍ଦିଷ୍ଟ କାନଫୁଲ, କକ୍‌ଟେଲ୍ ରିଙ୍ଗ୍, ପିଲାଙ୍କ ଗହଣା ଏବଂ ଉପହାରର ବିସ୍ତୃତ ସମ୍ଭାର ପାଇବେ। ଷ୍ଟୋରରେ ଆହୁରି ମଧ୍ୟ କ୍ୟାରେଟ୍‌ଲେନ୍‌ର କୌତୁକିଆ ଆଇପି ସହଯୋଗିତା ଯେପରି ଫେଣ୍ଡସ, ଡିଜନୀ, ହ୍ୟାରୀ ପୋଟର ଏବଂ ପେପା ପିଗ୍ ଭଳି ସମ୍ଭାର ରହିଛି। ୯୨୫ ରୁପା ଏବଂ ୯ କ୍ୟାରେଟ୍ ସୁନାରେ ଅତି ସୁଲଭ ଫାଇନ୍ ଗହଣା ମାତ୍ର ୫,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ନିକଟରେ ଅକ୍ଷୟତୃତୀୟା ଅବସରରେ କ୍ୟାରେଟ୍‌ଲେନ୍ ଦୁଇଟି ନୂଆ ସମ୍ଭାର ଯଥା 'କାଶିକା' ଏବଂ 'ଲେହେର'ର ଉନ୍ମୋଚନ କରିଛି। ପ୍ରତ୍ୟେକ ବୟସ ବର୍ଗ ଏବଂ ଅବସର ପାଇଁ କ୍ୟାରେଟ୍‌ଲେନ୍ ୮,୦୦,୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ୍ ପ୍ରଦାନ କରୁଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ୟାରେଟଲେଟ୍ ଆଞ୍ଚଳିକ ପରିଚାଳକ ରାହୁଲ ଗୁପ୍ତା ଓ ବ୍ୟବସାୟ ସହଯୋଗୀ ଯୋଗେନ୍ଦ୍ର ହଂସ ଉପସ୍ଥିତ ଥିଲେ।

## ସରକାରୀ ଜାଗା ଜବରଦଖଲ, ଗ୍ରାମବାସୀଙ୍କ ବିରୋଧ



କଣ୍ଟିଲୋ,୨୩।୫ (ନି.ପ୍ର): ଖଣ୍ଡପଡ଼ା ତହସିଲ ଅଧିନସ୍ଥ ବଡବାଣପୁର ପଞ୍ଚାୟତର ଚୈତନ୍ୟପୁର ଗ୍ରାମରେ ଏକ ମୂଲ୍ୟବାନ ସରକାରୀ ଜାଗା ଜବରଦଖଲକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ସୂର୍ଯ୍ୟମଣି ରାଉତ ଗ୍ରାମବାସୀଙ୍କୁ ଭୟଭୀତ କରି ଏକ ୬ ଡିସିମିଲ ସରକାରୀ ଜାଗାକୁ ଅନଧିକାର ଭାବେ ଜବରଦଖଲ କରି ରଖିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ନିମନ୍ତେ ଗ୍ରାମବାସୀ ଲିଖିତ ଭାବେ ଖଣ୍ଡପଡ଼ା ତହସିଲଦାର, କଣ୍ଟିଲୋ ଫାଣ୍ଡି କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ପୁଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସଂପୃକ୍ତ ଜବରଦଖଲକାରୀ ଜଣକ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ ଧମକ ଦେଉଥିବା ଅଭିଯୋଗ ହେଉଛି। ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨ ଦିନ ତଳେ ଜବରଦଖଲକାରୀ ଜଣକ ଗ୍ରାମର ସଭାପତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଶେଷ କରିଦେବା ପାଇଁ ଧମକ ଦେଇଥିବା ନେଇ ଚୈତନ୍ୟପୁର ଗ୍ରାମବାସୀଙ୍କ ପକ୍ଷରୁ ଖଣ୍ଡପଡ଼ା ଥାନାରେ ଗତ ୨୨ ତାରିଖରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ମାତ୍ର ପୁଲିସ ପ୍ରଶାସନ କେବଳ ଗ୍ରାମବାସୀଙ୍କୁ ବୁଝାସୁଝା କରି ଛାଡି ଦେଇଥିବା ବେଳେ ଜବରଦଖଲକାରୀଙ୍କ ବିରୁଦ୍ଧରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ସରକାରୀ ଜାଗାରୁ ସଂପୃକ୍ତ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ଦିଗରେ ଖଣ୍ଡପଡ଼ା ତହସିଲ ଓ ପୁଲିସ ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗ୍ରାମବାସୀ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଉପରୋକ୍ତ ଅଭିଯୋଗ ପ୍ରତି ନୟାଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି।

### ନୟାହାଟରୁ ଶିଖର ଘାଟ ରାସ୍ତା ପାଲଟିଛି ମରଣଯନ୍ତା

## ଅଞ୍ଚଳବାସୀଙ୍କ ପ୍ରତିବାଦ ଓ ଧାରଣା



ଗୋପ, ୨୩।୫ (ନି.ପ୍ର): ନୟାହାଟ, ଧୁମାଳ ଓ ଶିଖର ଘାଟ ରାସ୍ତା ବିପର୍ଯ୍ୟସ୍ତ ହୋଇ ମରଣ ଯନ୍ତା ପାଲଟିଥିବା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହାର ସ୍ଥାୟୀ ପ୍ରତିକାର ଓ ତୁରନ୍ତ ରାସ୍ତା ମରାମତି ଦାବି କରି ଶନିବାର ଅଞ୍ଚଳବାସୀଙ୍କ ପକ୍ଷରୁ ଅସ୍ତରଙ୍ଗ-ନିମାପଡ଼ା ମୁଖ୍ୟ ରାସ୍ତା ଅବରୋଧ କରାଯିବା ସହ ଏକ ବିରାଟ ଗଣଧାରଣା ଦିଆଯାଇଛି। ଯୁବ ନେତା ତଥା ସାମାଜିକ କର୍ମୀ ଅଭିମନ୍ୟୁ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭା ଓ ରାସ୍ତା ରୋକ୍ ଆନ୍ଦୋଳନରେ ଶତାଧିକ ସ୍ଥାନୀୟ ବାସିନ୍ଦା ଏବଂ ପ୍ରତିନିଧି ସାମିଲ ହୋଇଥିଲେଛ ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ନୟାହାଟଠାରୁ ଶିଖର ଘାଟ ପର୍ଯ୍ୟନ୍ତ ଯାଇଥିବା ଏହି ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ପଡ଼ିରହିଛି। ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଯାହା ଦ୍ୱାରା ସାଧାରଣ ଜନତା, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ରୋଗୀମାନେ ଯାତାୟାତ ସମୟରେ ଚରମ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନକୁ ବାରମ୍ବାର ଗୁହାରି କଲା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଶେଷରେ ଲୋକେ ରାଜପଥକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି।

ଏହି ଗଣଧାରଣାରେ ଧୁମାଳ ବିଜେଡି ସଭାପତି ଦିଲ୍ଲୀପ ରାୟ, ମହମ୍ମଦ ସମ୍ସୁଲ୍, ସମିତି ସଭ୍ୟ ପ୍ରତିନିଧି ସହଦେବ ମାଣିକ, ଏବଂ ନାଏବ ସରପଞ୍ଚ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ଉଦାସୀନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ରାୟ, କେଳୁଚରଣ ଖୋଟୋଇ, ବ୍ରହ୍ମାନନ୍ଦ ଦାଶ, ମିଡିଆ ସେଲ ପ୍ରତିନିଧି ଆଶିଷ କୁମାର ଦାସ, ଶେଖ୍ ଶିକୁନ୍, ସନ୍ତୋଷ ବେହେରା, କାହ୍ନୁ ଚରଣ ନାୟକ, ଗଗନ ଭଦ୍ର, ମନୋରଞ୍ଜନ ପାଢୀ ଏବଂ ହରିବୋଲ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

## ବିଆଇଏସ୍ ପକ୍ଷରୁ ଲାଇସେନ୍ସ ହୋଲ୍ଡର, ଏଏଚ୍‌ସି ମିଟ୍

ଭୁବନେଶ୍ୱର,୨୩।୫ (ନି.ପ୍ର): ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ପକ୍ଷରୁ ଏକ ତାରକା ହୋଟେଲରେ ଲାଇସେନ୍ସ ହୋଲ୍ଡର ଏବଂ ଆସାଇଙ୍ଗ ଏବଂ ହଲମାର୍କିଂ ସେଣ୍ଟର (ଏଏଚସି)ଙ୍କ ସଭା ଅନୁଷ୍ଠିତ ହୋଇଛି। ବିଆଇଏସର ଇଷ୍ଟର୍ଣ୍ଣ ରିଜିଅନାଲ ଅଫିସ (କୋଲକାତା)ର ସାଇଣ୍ଟିଷ୍ଟ-ଜି ଏବଂ ଡେପୁଟି ଡାଇରେକ୍ଟର




ଜେନେରାଲ ଡା. ମିନାକ୍ଷୀ ଗଣେଷନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଶିଳ୍ପ ପ୍ରତିନିଧ ଏବଂ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଶାଖା କାର୍ଯ୍ୟାଳୟର ମୁଖ୍ୟ ଏ.କେ ପୁରୋହିତ ଏବଂ ଡା. ମିନାକ୍ଷୀ ଗଣେଶନ ଗୁଣବତ୍ତା, ବିଆଇଏସ୍ ନିୟମାବଳୀ ପାଳନ ସମ୍ପର୍କରେ କହିଥିଲେ। ପ୍ରାୟୋଗିକ ଅଧିବେଶନ ଗୁଡିକ ଇଷ୍ଟର୍ନ ରିଜିଅନାଲ ଲାବୋରେଟେରୀର ସାଇଣ୍ଟିଷ୍ଟ-ଏଫ୍ ଏଫ୍ ଏବଂ ଏବଂ ବରିଷ୍ଠ ନିର୍ଦ୍ଦେଶକ ଶୁଭଦୀପ ବସୁ, ସାଇଣ୍ଟିଷ୍ଟ ଡି ଏବଂ ଯୁଗ୍ମ ନିର୍ଦ୍ଦେଶକ, ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ଆଶିଷ କାନାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟର ଏସ୍ ସି-ଡି ଏବଂ ଯୁଗ୍ମ ନିର୍ଦ୍ଦେଶକ ତିଥି ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। କୁମାରୀ ଶୁଭ୍ରଜା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅସ୍ତରଙ୍ଗ ବ୍ଲକରେ ଚାଲିଛି ଅବାଧ ଚୋରାମଦ କାରବାର

ଅସ୍ତରଙ୍ଗ ,୨୩।୫(ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ବିଭିନ୍ନ ଗ୍ରାମରେ ଚୋରାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି । ମଦ ପାଇଁ ନିଜେ ଯିବାକୁ ପଡୁନି। କେବଳ ଫୋନରେ ମିସ କଲ୍ କରିଦେଲେ ତୁରନ୍ତ ଠିକଣା ଜାଗାରେ ମଦ ପହଁଚି ଯାଉଛି ।ଏହି ପ୍ରକାର ଅବୈଧ ବେପାର ତଦାରଖ କରିବା ଅବକାରୀ ବିଭାଗର ଦାୟିତ୍ୱ । ତେବେ ନିମାପଡ଼ାରେ ଅବକାରୀ ବିଭାଗ କାର୍ଯ୍ୟାଳୟ ଥିବାରୁ ଚୋରା ମଦ ଧରିବା କଷ୍ଟକର ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ପୁଲିସ ଲୋକ ଦେଖାଣିଆ ଚଢ଼ାଉ କରି ମାମଲା ସଂଖ୍ୟା ବୃଦ୍ଧି କରିବାରେ ଲାଗିଛି।

ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତର ଅନେକ ଗ୍ରାମରେ ବର୍ତ୍ତମାନ ପାନୀୟ ଜଳର ସମସ୍ୟା ରହିଛି, ମାତ୍ର ଗାଁ ଠାରୁ ବଜାର ପର୍ଯ୍ୟନ୍ତ ଚୋରା ମଦ ଅତି ସହଜରେ ମିଳି ଯାଉଛି। ଛୋଟ କ୍ୟାବିନ, ବଜାର ଛକ ପାନ ଦୋକାନ ଓ ରାସନ ଦୋକାନରେ ମଧ୍ୟ ମଦ ମିଳୁଥିବା ଅଭିଯୋଗ ହେଉଛି। ଏପରିକି ଛୋଟ ବଡ଼ ହୋଟେଲରେ ମଧ ବେଧଡକରେ ମଦ ବିକ୍ରି ଚାଲିଛି । ସବୁ ଜାଣି ଅଜଣା ସାଜିଛି ଅବକାରୀ ବିଭାଗ ସହ ସ୍ଥାନୀୟ ପୁଲିସ । ଅସ୍ତରଙ୍ଗ ବ୍ଲକରେ ସରକାରୀ ଭାବେ ତାଳଦା ପଞ୍ଚାୟତରେ ଗୋଟିଏ ସରକାରୀ ବିଦେଶୀ ମଦ ଦୋକାନ ଥିବା ବେଳେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ତ୍ରିଭୁଜ ଆକାରରେ ତିନୋଟି ବିଦେଶୀ ମଦ ଦୋକାନ ରହିଛି । ଆଶ୍ଚର୍ଯ୍ୟ ବିଷୟ ପଞ୍ଚାୟତ ପିଛା ୫ ରୁ ୧୦ ଲେଖାଏଁ ହିସାବରେ ବ୍ଲକ ଅଧୀନରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଚୋରା ମଦ ଦୋକାନ ଖୋଲିଛି । ଏହା ଦ୍ୱାରା ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। କିଛି ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ ହେବାରୁ ସେଠାରେ କିଛି ମାତ୍ରାରେ ମଦ ବିକ୍ରି କମିଛି , କିନ୍ତୁ ଏବେ ଫାଷ୍ଟଫୁଡ଼ ଦୋକାନରେ ପେଟି ପେଟି ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ଯେ ଏ ଘଟଣାକୁ ଉଚ୍ଚ ସ୍ତରୀୟ ଅଧିକାରୀ ଗୁରୁତ୍ୱ ଦେଇ ଚୋରା ମଦ ବେପାର ବନ୍ଦ କରିବା ସହ କୋଟିଆଙ୍କ ସହ ଭିତିରି ବୁଝାମଣା ଥିବା ପୋଲିସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ମାହେଶ୍ୱରୀ ସଂଗଠନର ମାନବିକ ପଦକ୍ଷେପ

ବଲାଙ୍ଗିର, ୨୩।୫ (ନି.ପ୍ର): ବଲାଙ୍ଗିର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ଦିନରେ ବଢୁଥିବା ଖରା ଓ ତାତିକୁ ଦୃଷ୍ଟିରେ ରଖି ଏକ ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ସହରର ସଫେଇ କର୍ମଚାରୀମାନଙ୍କୁ ଟୋପି, ଗାମୁଛା, ଗ୍ଲୁକୋଜ ଏବଂ ପାଣି ବୋତଲ ସମ୍ମିଳିତ ସହାୟତା କିଟ୍ ବଣ୍ଟନ କରାଯାଇଥିଲା । ଆସନ୍ତା ଦିନର ତିବ୍ର ଗ୍ରୀଷ୍ମ ପ୍ରବାହରେ ଏହି ସାମଗ୍ରୀ ଗୁଡିକ ସେମାନଙ୍କୁ କିଛି ପରିମାଣରେ ସହାୟତା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସକାଳୁ ମାହେଶ୍ୱରୀର



ସଦସ୍ୟମାନେ ବିଭିନ୍ନ ଦଳ ଗଠନ କରି ସହରର ବିଭିନ୍ନ ସ୍ଥାନକୁ ଯାଇ ଅନେକ ସଫେଇ କର୍ମଚାରୀଙ୍କୁ ଏହି କିଟ୍ ପ୍ରଦାନ କରିଥିଲେ । ଏହି ପଦକ୍ଷେପକୁ ସାଧାରଣ ଲୋକ ଓ ସଫେଇ କର୍ମଚାରୀମାନେ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ, ସଦସ୍ୟ ସୁରଜ କୁମାର ପଟେଲ, ସ୍ପନ୍ଦନ ପ୍ରଧାନ, ରିସଭ କଳତା, ସୁଜିତ ସ୍ୱାଇଁ, ପ୍ରେମଜିତ ସ୍ୱାଇଁ, ବବଲୁ ସେଠ୍, ଅଚ୍ୟୁତ ସ୍ୱାଇଁ, ଶିବା ସାହୁ, ପ୍ରେମସିସ ପାଣ୍ଡିଆ, ରିଙ୍କୁ ବର୍ଗର୍ତ୍ତୀ, ସୁହାସିନି ଖଣ୍ଡୱାଲ, ଶାନ୍ତିଲତା ସାହୁ, ପଦ୍ମାଳୟା ବାରିକ, ଶୁଭଶ୍ରୀ ପଟ୍ଟନାୟକ, ଅର୍ପିତ ପୁରୋହିତ, ଅମନ୍ ଖାନ, ରଞ୍ଜିତ ସାହୁ, ଉତ୍ତମ ମହାନନ୍ଦ, ଶିବାନୀ ନାୟକ, ପ୍ରୀତିଶ ସାହୁ, ରାଧା ମାଧବ ଦାସ, ଶ୍ରୀରାମ ବର୍ଗର୍ତ୍ତୀ, ସୋମେଶ ସ୍ୱରୂପ ମିଶ୍ର, ଆଶୁତୋଷ ବାଗ, ଶିବାନନ୍ଦ ସାହାଣୀ ସହଯୋଗ କରିଥିଲେ । ଏହି ପଦକ୍ଷେପ ରେ ଦମୟନ୍ତୀ ଜ୍ୱେଲର୍ସ ସହଯୋଗ କରିଥିଲେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

କଣ୍ଟିଲୋ,୨୩।୫(ନି.ପ୍ର): ଅସାମାଜିକ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ପୋଲିସ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବାପରେ ପୋଲିସ ବିଭାଗ ସକ୍ରିୟ ହୋଇ ଉଠିଛି। ଏହି କ୍ରମରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ଚୋରି, ରାହାଜାନୀ ଓ ଅସାମାଜିକ କାର୍ଯ୍ୟକୁ ରୋକିବା ପାଇଁ ପ୍ରତିଦିନ ପେଟ୍ରୋଲିଂର ବ୍ୟବସ୍ଥା କରିଛନ୍ତି। ଶନିବାର କଣ୍ଟିଲୋ ପୋଲିସକୁ ଆଉଏକ ସଫଳତା ମିଳିଛି। ମହାନଦୀରୁ ପ୍ରତିଦିନ ବେଆଇନ ଭାବେ ଶହଶହ ସଂଖ୍ୟାରେ ହାଇୱା ଓ ଟ୍ରାକ୍ଟର ଯୋଗେ ଚୋରାରେ ବାଲି ଚାଲାଣ ହେଉଛି। ଯାହାଫଳରେ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ପ୍ରତିବନ୍ଧକ ସାଜିଛି। ଶନିବାର ଭୋର ୫ ଟା ସମୟରେ କଣ୍ଟିଲୋ ସହକାରୀ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପଣ୍ଡା ଓ ଷ୍ଟାଫ୍‌ଙ୍କୁ ସାଙ୍ଗରେ ଧରି ପେଟ୍ରୋଲିଂରେ ଯାଇଥିବା ସମୟରେ ସିଧା ମଣା ମହାନଦୀ ବାଲିଘାଟରୁ ବିନାକାଗଜ ପତ୍ରରେ ବାଲି ବୋଝେଇ କରି ଓଡି ୨୫ଏସ ୫୮୩୨ ନମ୍ବର ଟ୍ରାକ୍ଟର ଯୋଗେ ବାଲି ବୋଝେଇ କରି ଚାଲାଣ ହେଉଥିବା ସମୟରେ ଜବତ କରିଥିବା ଜଣାପଡ଼ିଛି। କଣ୍ଟିଲୋ ଫାଣ୍ଡିକୁ ଜବତ ଗାଡିକୁ ଆଣି ସଂପୃକ୍ତ ଗାଡି ମାଲିକ ସିଧା ମନା ନୂଆସାହି ବାସିନ୍ଦା ସପନି ନାୟକ ୪୫ ବର୍ଷ ପି ନବୀନ ନାୟକଙ୍କ ନାମରେ ଖଣ୍ଡ ପଡ଼ା ଥାନା କେସ ନମ୍ବର ୧୪୩/୨୬ ରେ ମାମଲା ରୁଜୁ କରି ଥିବାର ଜଣାପଡିଛି। ଆଗାମୀ ଦିନରେ ଏଭଳି ପାଟ୍ରୋଲିଂ ଜାରି ରହିଲେ ଚୋରା ବାଲି ଚାଲାଣ ରୋକାଯାଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


**AFFIDAVIT**

By virtue of an affidavit No. 74AA 322399 Dt.21.05.2026 sworn before the Executive Magistrate, Champua, I, Geeta Naik, D/o- Raju Naik, W/o Rakesh Naik, Vill/Po- Karanjia, Ps- Champua, Dist- Keonjhar, Odisha-758044 declare that I have changed the name of my minor son Rohit Naik (Old name) to Samit Naik (New name). Henceforth, he will be konwn as Samit Naik for all purposes.

Geeta Naik
Deponent

**AFFIDAVIT**

By virtue of an affidavit SL.No. 2236 Dt.20.05.2026 sworn before the Executive Magistrate, Anandapur, I, Prahallad Pahi, 41 yrs. S/o- Duryodhan Pahi, Vill- Machhalo (ward no.3), Po- Machhalo, Ps- Ramchandrapur, Dist- Keonjhar, Odisha declare that the actual name of my daughter is Priyanka Priyadarsini Pahi. But in her Aadhar card no. 9029 2646 6806 her name is wrongly mentioned as Nina Priyadarshini Pahi. Hence, this affidavit is required to be produced before the concerned Aadhar authority for correction of my daughter's name as Priyanka Priyadarsini Pahi.

Prahallad Pahi
Deponent

**AFFIDAVIT**

By virtue of an affidavit No. 69, Dt.22.05.2026 sworn before the Executive Magistrate, Rairangpur, I, SHOBHA RANI MONDOL, 53 yrs, W/o- Sunil Mondol, D/o Naren Chandra Mandal, Vill/Po- Tarana, Ps- Tiring, Dist- Mayurbhanj, Odisha declare that I have changed my name from Shobharani Mandal (Old name) to Shobha Rani Mondol (New name). Henceforth, I shall be konwn as Shobha Rani Mondol for all purposes.

Shobha Rani Mondol
Deponent

**AFFIDAVIT**

By virtue of an affidavit No. 78AA 737001, Dt.22.05.2026 sworn before the Notary Public, Rourkela, I, ASIMA SANJAY MINZ, 42yrs, W/o- Sanjay Minz, Vill- Jhirpani, Khariakocha, Po/Ps- Jhirpani, Dist- Sundargarh, Odisha-769042 declare that in my H.S.C. Certificate my name has been mentioned as ASIMA BILECHEN KISPOTTA. and in my marriage certificate my name has been recorded as ASIMA BILCHEN KISPOTTA. Consequent on my marriage with Sanjay Minz, my surname has been changed according to surname of my husband i.e Asima Sanjay Minz. ASIMA SANJAY MINZ, ASIMA BILECHEN KISPOTTA and ASIMA BILCHEN KISPOTTA being one and same person, this affidavit is requred to produced before the concerned Authorities as and when necessary.

Asima Sanjay Minz
Deponent

**NOTICE**

By virtue of an affidavit sworn before the EXECUTIVE MAGISTRATE, BHADRAK on Dated 22TH May 2026, I, Mrs. PRABHATI SUTAR , W/o-LATE RAMAKANTA SUTAR, Address-AT-ARUHAN,Po-SINDOL, P.s-PIRAHAT, BHADRAK-756130, Odisha, I have changed my Son's name from " DEEPAK SUTAR " to " DIPANKAR SUTAR ". Henceforth, He will be known as " DIPANKAR SUTAR " for all purposes.

Prabhati Sutar

**LOST**

Bhagaban Mohanty age 70 declared that on 15th April 2026 while returning to my village from Badamba, my original ROR mouza-Sankhameri, Tahasil-Badamba, Dist-Cuttack bearing khata no-566, plot no-506, Kisam Gharabari, 16 decimal was lost. Even after much searching I couldn't find it .
If any one find it please contact Bhagaban Mohanty
**Mobile no-9337136454**

### ଆଇପିଏସ୍ ସ୍ତରରେ ଅଦଳ ବଦଳ

## ଡିଆଇଜି ହେଲେ ମଡ଼କର ସନ୍ଦିପ୍ ସଂପତ

**ଭୁବନେଶ୍ୱର, ୨୩।୫ (ନି.ପ୍ର):** ଓଡ଼ିଶା ସରକାର ବରିଷ୍ଠ ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ୨୦୧୨ ବ୍ୟାଚ୍‌ର ଆଇପିଏସ୍ ମଡ଼କର ସନ୍ଦିପ୍ ସଂପତଙ୍କୁ ଡିଆଇଜି ସିଆଇଡିସିବି ଭାବେ ଅବସ୍ଥାପିତ କରାଯାଇଛି। ୨୦୧୩ବ୍ୟାଚ୍‌ର ଆଇପିଏସ୍ ପରମାରସ୍ମିତ୍ ପୁରୁଷୋତ୍ତମ ଦାସଙ୍କୁ ନୟାଗଡ଼ ଏସ୍‌ପି, ବିବେକାନନ୍ଦ ଶର୍ମାଙ୍କୁ ସିଆଇଡିସିବି ଏସ୍‌ପି, ସ୍ୱାତି ଏସ୍ କୁମାରଙ୍କୁ ଏସ୍‌ଟିଏଫ୍ ଏସ୍‌ପି, ପ୍ରହଲ୍ଲାଦ ସହାୟମିନାଙ୍କୁ ଗଜପତି ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ନୟାଗଡ଼ ଏସ୍‌ପି ଥିବା ଏସ୍ ସୁଶ୍ରିଙ୍କୁ ଭିଜିଲାନ୍ସ ଏସ୍‌ପି, ସ୍ପେଶାଲ୍ ବ୍ରାଞ୍ଚ ଏସ୍‌ପି ଥିବା ରାଜପ୍ରସାଦଙ୍କୁ ରାୟଗଡ଼ା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଖୋର୍ଦ୍ଧା ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ୍‌ଙ୍କୁ ସ୍ପେଶାଲ୍ ବ୍ରାଞ୍ଚ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ହରିଶା ବିଶିଙ୍କୁ ଗଞ୍ଜାମ ଏସ୍‌ପି, କାଶ୍ୟପପାର୍ଥ ଜଗଦିଶଙ୍କୁ ନବରଙ୍ଗପୁର ଏସ୍‌ପି, କୁଲଦୀପ ମିନାଙ୍କୁ ବୌଦ୍ଧ ଏସ୍‌ପି ଭାବେ ବଦଳି କରାଯାଇଛି। ଶ୍ରୀ ମିନା ରାଜ୍ୟପାଳଙ୍କ ଏଡିସି ଥିଲେ। ଏହା ସହିତ ଅନନ୍ୟା ଅଗ୍ରୱିଲ୍ଙ୍କୁ କନ୍ଧମାଳ ଏସ୍‌ପି, କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ ଏସ୍‌ପି ସିଗ୍‌ନାଲ୍, ରବିନ୍ଦ୍ରନାଥ ସତ୍‌ପଥିଙ୍କୁ ବରଗଡ଼ ଏସ୍‌ପି, ବରଗଡ଼, କୃଷ୍ଣପ୍ରସାଦ ଦାସଙ୍କୁ ଏସ୍‌ଆର୍‌ପି ରାଉରକେଲା ଏସ୍‌ପି ଏବଂ କିଶୋର ଚନ୍ଦ୍ର ମୁଣ୍ଡେଙ୍କୁ ଦେବଗଡ଼ ଏସ୍‌ପି ଭାବେ ବଦଳି କରାଯାଇଛି।

### ତ୍ୱିଷା ଶର୍ମା ମୃତ୍ୟୁ ମାମଲା

## ସମର୍ଥଙ୍କୁ ରିମାଣ୍ଡରେ ନେଲା ଭୋପାଳ ପୋଲିସ

**ନୂଆଦିଲ୍ଲୀ, ୨୩।୫(ଏଜେନ୍ସି):** ଭୋପାଳର ଏକ କୋର୍ଟ ଶନିବାର ଦିନ ମୃତ ମଡେଲ ତଥା ଅଭିନେତ୍ରୀ ତ୍ୱିଷା ଶର୍ମାଙ୍କ ସ୍ୱାମୀ ସମର୍ଥ ସିଂହଙ୍କୁ ୭ ଦିନିଆ ପୋଲିସ ହେପାଜତକୁ ପଠାଇଛନ୍ତି। ଏହାଦ୍ୱାରା ତଦନ୍ତକାରୀ ଦଳ ତ୍ୱିଶାଙ୍କ ମୃତ୍ୟୁର ପରିସ୍ଥିତି, ପ୍ରମାଣ ନଷ୍ଟ କରିବା ଅଭିଯୋଗ ଏବଂ ସେ ଫେରାର ଥିବା ସମୟ ବିଷୟରେ ପଚରାଉଚରା କରିବେ। ଦିଲ୍ଲୀ ଏମ୍‌ସ ଡାକ୍ତରୀ ଟିମ୍ ଦ୍ୱାରା ରବିବାର ପୁଣି ତ୍ୱିଷାଙ୍କ ଶବ ବ୍ୟବଚ୍ଛେଦ କରାଯିବ। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ନିଜଆଡ଼ୁ ଉକ୍ତ ମାମଲାରେ ଶୁଣାଣି ଲାଗି ଗ୍ରହଣ କରିଛନ୍ତି। ସୋମବାର ସିଜେଆଇଙ୍କ ନ୍ୟାୟ ପୀଠରେ ଶୁଣାଣି ହୋଇପାରେ। ମେ ୧୨ରେ ତ୍ୱିଷାଙ୍କ ମୃତଦେହ ଭୋପାଳର କଟରା ହିଲ୍ସ ସ୍ଥିତ ଶାଶୂ ଘରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ସେହିଦିନ ଠାରୁ ସମର୍ଥ ଫେରାର ଥିଲେ। ଶୁକ୍ରବାର ଜବଲପୁର କୋରେ ସେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଭୋପାଳ ପୋଲିସ ଶନିବାର ସମର୍ଥଙ୍କୁ କୋର୍ଟରେ ହାଜର କରିଥିଲା। ଘଟଣାସ୍ଥଳର ଯାଞ୍ଚ, ଇଲେକ୍ଟ୍ରୋନିକ ଓ ଭୌତିକ ପ୍ରମାଣ ଏବଂ ତାଙ୍କର ଗତିବିଧି ବିଷୟରେ ଜାଣିବା ପାଇଁ ପୋଲିସ ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଭୋପାଳ ପୋଲିସ କମିଶନର ସଞ୍ଜୟ କୁମାର ସମର୍ଥ ସିଂହଙ୍କ ରିମାଣ୍ଡକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଫେରାର ଥିବା ସମୟରେ ସମର୍ଥ କେଉଁଠି ରହିଥିଲେ ଏବଂ ତାଙ୍କୁ କିଏ ସାହାଯ୍ୟ କରିଥିଲେ ସେ ସମ୍ପର୍କରେ ତଦନ୍ତ କରାଯିବ। ଏହି ମାମଲାରେ ଜଡ଼ିତ ଥିବା ତ୍ୱିଷାଙ୍କ ଶାଶୂ ତଥା ପୂର୍ବତନ ଜଜ୍ ଗିରୀବାଳା ସିଂହ ଆଗୁଆ ଜାମିନ ପାଇଛନ୍ତି।

## ଟ୍ରମ୍ପଙ୍କ ଝିଅ ଇଭାଙ୍କାଙ୍କୁ ହତ୍ୟା ଉଦ୍ୟମ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା କରିବାର ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ଇରାନର ସେନା – ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଦ୍ୱାରା ପ୍ରଶିକ୍ଷିତ ଜଣେ ଆତଙ୍କବାଦୀ ଇଭାଙ୍କା ଟ୍ରମ୍ପଙ୍କ ଜୀବନ ନେବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲା। ଦ ପୋଷ୍ଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆତଙ୍କବାଦୀ ତାଙ୍କ ପରାମର୍ଶଦାତା ଏବଂ ଇରାନୀ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚାହୁଁଥିଲା, ଯିଏ ଛଅ ବର୍ଷ ପୂର୍ବେ ଏକ ଆମେରିକାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଥିଲେ।

ସୁରକ୍ଷା ଏଜେନ୍ସିଗୁଡ଼ିକ ଇଭାଙ୍କା ଟ୍ରମ୍ପଙ୍କ ହତ୍ୟାର ଷଡ଼ଯନ୍ତ୍ର କରୁଥିବା ଆତଙ୍କବାଦୀକୁ ଗିରଫ କରିଛନ୍ତି। ତାଙ୍କୁ ୩୨ ବର୍ଷୀୟ ମହମ୍ମଦ ବାକିର ସାଦ ଦାଉଦ ଅଲ–ସାଦି ଭାବରେ ଚିହ୍ନଟ କରାଯାଇଛି। ସେ ଜଣେ ଇରାକୀ ନାଗରିକ ବୋଲି ଜଣାପଡ଼ିଛି। ପ୍ରକୃତରେ, ଛଅ ବର୍ଷ ପୂର୍ବେ ବାଗଦାଦରେ, ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ଆମେରିକା ଏକ ବଡ଼ ଅପରେସନ କରିଥିଲା ଯେଉଁଥିରେ ସେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସେମ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଅଲ–ସାଦି ଏହି ଆକ୍ରମଣକୁ ତାଙ୍କ ଗୁରୁଙ୍କ ହତ୍ୟା ଭାବରେ ଦେଖୁଥିଲେ। ସେବେଠାରୁ ଟ୍ରମ୍ପ ପରିବାରକୁ ଧ୍ୱଂସ କରିବାକୁ ଷଡ଼ଯନ୍ତ୍ର କରୁଥିଲେ।

ଅଭିଯୁକ୍ତ ଅଲ–ସାଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବାରକୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ। ବିଶେଷକରି ତାଙ୍କ ଝିଅ ଇଭାଙ୍କା ଟ୍ରମ୍ପ। ତଦନ୍ତ ସମୟରେ, ସୁରକ୍ଷା ବାହିନୀ ଅଲ–ସାଦିଙ୍କ କବଜାରୁ ଇଭାଙ୍କା ଟ୍ରମ୍ପଙ୍କ ଫ୍ଲୋରିଡାରେ ଥିବା ବିଳାସପୂର୍ଣ୍ଣ ଘରର ଏକ ସମ୍ପୂର୍ଣ୍ଣ ବ୍ଲୁପ୍ରିଣ୍ଟ ଉଦ୍ଧାର କରିଥିଲେ। ସେ ବହୁତ ସମୟ ଧରି ତାଙ୍କ ବାସଭବନରେ ଗୁଇନ୍ଦାଗିରି କରୁଥିଲେ। ୱାଶିଂଟନରେ ଇରାକୀ ଦୂତାବାସର ପୂର୍ବତନ ଡେପୁଟି ମିଲିଟାରୀ ଆଟାଚି ଏଣ୍ଟିଫାଦ କନବାର ଏହି ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛନ୍ତି।

# ଆମେରିକା ଆକ୍ରମଣ ଆଶଙ୍କାରେ ଇରାନ ସତର୍କ, ବନ୍ଦ କଲା ଏୟାର୍‌ସ୍ପେସ୍

**ତେହେରାନ, ୨୩।୫ (ଏଜେନ୍ସି):** ଆମେରିକା ଦ୍ୱାରା ପୁଣି ନୂଆକରି ଆକ୍ରମଣ ଆଶଙ୍କାରେ ଇରାନ ତାର ଏୟାରସ୍ପେସ୍‌କୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି। ଏଥିମଧ୍ୟରେ ଦୁଇ ଦେଶଙ୍କ ମଧ୍ୟରେ ଚାଲିଥିବା ଶାନ୍ତି କଥାବାର୍ତ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସିବିଏସ୍ ନ୍ୟୁଜ୍ ଅନୁସାରେ ଇରାନ ଉପରେ ଆମେରିକା ପୁଣି ନୂଆକରି ଏକ ସାମରିକ ଅଭିଯାନର ଯୋଜନା କରୁଛି। ଏଥିରେ ଯଦି ଆଗାମୀ ୨୪ ଘଣ୍ଟା ମଧ୍ୟରେ କୌଣସି କୂଟନୈତିକ ସଫଳତା ହାସଲ ନ ହୁଏ ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ଅପରେସନକୁ ମଞ୍ଜୁରୀ ଦେବାକୁ ନିଷ୍ପତ୍ତି ନେଇ ପାରନ୍ତି।

ତେବେ ନୂଆ କରି ଆମେରିକାର ଆକ୍ରମଣ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇ ନାହିଁ। ପ୍ରଶାସନ ଦ୍ୱାରା ତେହେରାନ ଉପରେ ନୂଆ ଆକ୍ରମଣ ଲାଗି ବିଚାର କରିବା କାରଣରୁ ଆମେରିକୀୟ ସେନା ଓ ଗୁଇନ୍ଦା ଏଜେନ୍ସୀ ଅଧିକାରୀମାନେ ମେମୋରିୟାଲ ଡେ ୱିକେଣ୍ଡ ଛୁଟି ରଦ୍ଦ କରିଥିବା ଜଣାପଡିଛି। ଏହି ଘଟଣାକ୍ରମ ଏପରି ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଶନିବାର ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏଣୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନ୍ୟୁଜର୍ସିରେ ସପ୍ତାହନ୍ତ ବିତାଇବା କାର୍ଯ୍ୟକ୍ରମ ବାତିଲ କରି ୱାସିଂଟନ ଫେରି ଆସିଛନ୍ତି।

ଆମେରିକା ରାଷ୍ଟ୍ରପତି ଶୁକ୍ରବାର କହିଥିଲେ ଯେ ଇରାନ ସହିତ ଜାରି କୁଟନୈତିକ ଉତ୍ତେଜନା କାରଣରୁ ସେ ହୁଏତ ତାଙ୍କ ପୁଅ ଡୋନାଲ୍ଡ ଟ୍ରମ୍ପ ଜୁନିୟରଙ୍କ ବିବାହ ଉତ୍ସବରେ ସାମିଲ ନ ହୋଇ ପାରନ୍ତି। ସରକାର ସମ୍ପର୍କିତ ପରିସ୍ଥିତିର




ଉଦାହରଣ ଦେଇ ଟ୍ରମ୍ପ କହିଛନ୍ତି ଯେ ତାଙ୍କର ୱାସିଂଟନରେ ଉପସ୍ଥିତ ରହିବା ଅଧିକ ଜରୁରି। ଏ ନେଇ ସେ ଟ୍ରୁଥ ସୋସାଲରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ଏଥିରେ ସେ ତାଙ୍କ ପୁଅ ଡନ ଓ ପୁତ୍ର ବଧୂ ବେଟିନାଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ସେମାନଙ୍କ ବିବାହ କାର୍ଯ୍ୟକ୍ରମରେ ହୁଏତ ଅନୁପସ୍ଥିତ ରହିପାରନ୍ତି ବୋଲି ଉଲ୍ଲେଖ କରିଛନ୍ତି।

ସେପଟେ ଗତ ଏପ୍ରିଲରେ ଟ୍ରମ୍ପଙ୍କ ଦ୍ୱାରା ଘୋଷିତ ଯୁଦ୍ଧବିରାମ ଆମେରିକା ଓ ଇରାନ ମଧ୍ୟରେ ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଅନ୍ୟପଟେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ମଧ୍ୟ ଜାରି ରହିଛି। ତେବେ ଏହି କଥାବାର୍ତ୍ତାରେ ସବୁଠୁ ବଡ଼ ବାଧା ପାଲଟିଛି ଇରାନ ଦ୍ୱାରା ସମ୍ବର୍ଦ୍ଧିତ ୟୁରେନିୟମ। ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଇରାନ ପରମାଣୁ ଅସ୍ତ୍ର ଦୂରର କଥା ସମ୍ବର୍ଦ୍ଧିତ ୟୁରେନିୟମ ମଧ୍ୟ ନିଜ ପାଖରେ ରଖୁ ବୋଲି ଆମେରିକା ଚାହୁଁନାହିଁ। ତେବେ ଇରାନ ପ୍ରଶାସନ ନିଜ ସମ୍ବର୍ଦ୍ଧିତ ୟୁରେନିୟମକୁ କୌଣସି ମୂଲ୍ୟରେ ମଧ୍ୟ ବିଦେଶୀ ଶକ୍ତିଙ୍କ ହାତକୁ ଟେକିଦେବାକୁ ଚାହୁଁ ନାହିଁ।

## ଭାରତ ପାଇଁ ଗୌରବ ଆଣିଲେ ମେଜର ଅଭିଳାଷା: ଜାତିସଂଘ କରିବ ପୁରସ୍କୃତ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ଲେବାନନରେ ମିଳିତ ଜାତିସଂଘ ଶାନ୍ତିରକ୍ଷା ମିଶନରେ କାର୍ଯ୍ୟ କରୁଥିବା ଭାରତୀୟ ଶାନ୍ତିରକ୍ଷୀ ମେଜର ଅଭିଳାଷା ବାରାକଙ୍କୁ ୨୦୨୫ ମସିହାର ଜାତିସଂଘ ଲିଙ୍ଗ ପ୍ରବକ୍ତା ପୁରସ୍କାର(ୟୁଏନ୍ ଜେଣ୍ଡର ଆଡଭୋକେଟ୍ ଅଫ୍ ଦି ଇୟର ଆୱାର୍ଡ– ୨୦୨୫) ପାଇଁ ମନୋନୀତ କରାଯାଇଛି। ଲେବାନନରେ ତାଙ୍କର ନିୟୋଜିତ ସମୟରେ ମହିଳା ଏବଂ ଝିଅମାନଙ୍କ ପ୍ରତି ତାଙ୍କର ଯୋଗାଯୋଗ ପ୍ରସାର ପ୍ରୟାସ ପାଇଁ ଅଭିଳାଷାଙ୍କୁ ୨୦୨୫ ମସିହାର ଜାତିସଂଘ ସାମରିକ ଲିଙ୍ଗ ପ୍ରବକ୍ତା ପୁରସ୍କାର ପ୍ରଦାନ କରାଯିବ।



ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଜାତିସଂଘରେ ଭାରତର ସ୍ଥାୟୀ ମିଶନ କହିଛି, ଗର୍ବର ସହିତ ଘୋଷଣା କରାଯାଉଛି ଯେ, ମେଜର ଅଭିଳାଷା ବାରାକଙ୍କୁ ୨୦୨୫ମସିହାର ଜାତିସଂଘର ସାମରିକ ଲିଙ୍ଗ ଅଧିବକ୍ତା ପୁରସ୍କାର ପ୍ରଦାନ କରାଯିବ। ମହିଳା ଏବଂ କିଶୋରୀ ଝିଅମାନଙ୍କ ସହ ତାଙ୍କର ଯୋଗାଯୋଗ, ସାମୁଦାୟିକ କାର୍ଯ୍ୟକଳାପ ଏବଂ ଶାନ୍ତିରକ୍ଷୀମାନଙ୍କ ପାଇଁ ଲିଙ୍ଗ ସମ୍ବେଦନଶୀଳତା ତାଲିମ ପାଇଁ ତାଙ୍କୁ ସମ୍ମାନିତ କରାଯାଉଛି।

ଅଭିଳାଷା ଲେବାନନରେ ମିଳିତ ଜାତିସଂଘର ମଧ୍ୟବର୍ତ୍ତୀକାଳୀନ ବାହିନୀର ଭାରତୀୟ ବାଟାଲିୟନରେ ମହିଳା ଏନଗେଜମେଣ୍ଟ ଟିମ୍ (ଏଫ୍‌ଇଟି)ର କମାଣ୍ଡର ଭାବରେ କାର୍ଯ୍ୟ କରୁଛନ୍ତି। ମେଜର ଅଭିଳାଷା ବାରାକ ମଧ୍ୟ ଭାରତୀୟ ସେନାର ପ୍ରଥମ ମହିଳା ଯୁଦ୍ଧ ହେଲିକପ୍ଟର ପାଇଲଟ। ତାଙ୍କୁ ମେ ୨୯ ତାରିଖରେ ଜାତିସଂଘ ମୁଖ୍ୟାଳୟରେ ସମ୍ମାନିତ କରାଯିବ।

ସୂଚନାଯୋଗ୍ୟ, ଅଭିଳାଷା ବାରାକ ହରିୟାଣାର ଜଣେ ଭାରତୀୟ ସେନା ଅଧିକାରୀ। ସେ ୨୦୧୬ ମସିହାରେ ଦିଲ୍ଲୀ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ତାଙ୍କର ସ୍ନାତକ ସମାପ୍ତ କରିଥିଲେ। ୨୦୧୭ ମସିହାରେ ସେ ଚେନ୍ନାଇର ଅଫିସର୍ସ ଟ୍ରେନିଂ ଏକାଡେମୀରୁ ତାଙ୍କର ତାଲିମ ନେଇଥିଲେ। ସେ ୨୦୨୨ ମସିହାରେ ଭାରତୀୟ ସେନାରେ ପ୍ରଥମ ମହିଳା ଯୁଦ୍ଧ ବିମାନଚାଳକ ହୋଇଥିଲେ।

## ଭବ୍ୟ ଯୋଜନାରେ ହେବ ଶହେ ଶିଳ୍ପ ପାର୍କ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ଭାରତ ଔଦ୍ୟୋଗିକ ବିକାଶ ଯୋଜନା (ଭବ୍ୟ) ସ୍କିମ ଅଧୀନରେ ଦେଶରେ ଶହେ ଅତ୍ୟାଧୁନିକ ଶିଳ୍ପ ପାର୍କ ସ୍ଥାପନ ହେବ। ଏଥିପାଇଁ ଉଦ୍ଦିଷ୍ଟ ମାର୍ଗଦର୍ଶିକାକୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ଉନ୍ମୋଚନ କରିଛନ୍ତି। ଏହି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ୩୩,୬୬୦ କୋଟି ଟଙ୍କା ବ୍ୟୟ ଯୋଜନା ରହିଛି। ପ୍ରଥମ ଦୁଇ ମାସରେ ରାଜ୍ୟଗୁଡ଼ିକଠାରୁ ଏହି ଯୋଜନାରେ ୨୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଆବେଦନ ଆମନ୍ତ୍ରଣ କରାଯିବ। ଏହା ପରେ ଆଉ ଦୁଇ ମାସ ମଧ୍ୟରେ ୩୦ ଶିଳ୍ପ ପାର୍କ ପାଇଁ ଆବେଦନ ଗ୍ରହଣ କରାଯିବ। ଅର୍ଥାତ୍ ୪ ମାସ ମଧ୍ୟରେ ୫୦ଟି ଶିଳ୍ପ ପାର୍କ ସ୍ଥାପନ ପାଇଁ ଆବେଦନ ଗ୍ରହଣ କରାଯିବ। ଅବଶିଷ୍ଟ ୫୦ ଶିଳ୍ପ ପାର୍କକୁ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ କରାଯିବ। କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରୁ ଆବେଦନ ଆହ୍ୱାନ କରିବେ।



ମାର୍ଚ୍ଚ ୧୮ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଦେଶରେ ଆସନ୍ତା ୬ ବର୍ଷ ଅର୍ଥାତ୍ ୨୦୨୬–୨୭ରୁ ୨୦୩୧–୩୨ ମଧ୍ୟରେ ୧୦୦ଟି ପ୍ଲଗ୍ ଆଣ୍ଡ ପ୍ଲେ ଶିଳ୍ପ ପାର୍କ (ଶିଳ୍ପ ପ୍ରତିଷ୍ଠାନର ବ୍ୟବହାର ପାଇଁ ଉପଲବ୍ଧ ସମସ୍ତ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଉପଲବ୍ଧ ଥିବା) ସ୍ଥାପନକୁ ମଞ୍ଜୁରି ଦିଆଯାଇଥିଲା। ରାଜ୍ୟ ଏବଂ ଘରୋଇ କ୍ଷେତ୍ରର ସହଯୋଗରେ ଏହି ସ୍କିମକୁ କାର୍ଯ୍ୟକାରୀ କରାଯିବ।

ଭବ୍ୟ ସ୍କିମରେ ଶିଳ୍ପ ପାର୍କଗୁଡ଼ିକ ୧୦୦ରୁ ୧୦୦୦ ଏକର ପରିମିତ ସ୍ଥାନରେ ନିର୍ମାଣ ହେବ। ଭିତ୍ତିଭୂମି ସ୍ଥାପନ ବାବଦରେ ଏକର ପିଛା ୧ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ପାହାଡ଼ିଆ ରାଜ୍ୟଗୁଡ଼ିକ ପାଇଁ ସର୍ବନିମ୍ନ ୨୫ ଏକରରେ ଶିଳ୍ପ ପାର୍କ ସ୍ଥାପନକୁ ମଞ୍ଜୁରି ଦିଆଯିବ।

'ଚାଲେଞ୍ଜ ମେଥଡ' ଜରିଆରେ ଶିଳ୍ପ ପାର୍କ ନିର୍ମାଣ ପାଇଁ ଅନୁମତି ଦିଆଯିବ। ଅର୍ଥାତ୍ ଯେଉଁ ରାଜ୍ୟ ଅଧିକ ଭଲ ଭିତ୍ତିଭୂମି ଏବଂ ନିବେଶ ଅନୁକୂଳ ସୁବିଧା ଯୋଗାଇ ଦେବ ସେହି ରାଜ୍ୟକୁ ଅଧିକ ନିବେଶ ଆକର୍ଷିତ ହେବା ସମ୍ଭାବନା ରହିଛି। ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ହରିୟାଣା ଏହି ପାର୍କ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିସାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହି ଯୋଜନାରେ ଅଂଶଗ୍ରହଣ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି। ପ୍ରସ୍ତାବ ଦାଖଲ ସମୟରେ ରାଜ୍ୟଗୁଡ଼ିକ ଘରୋଇ କ୍ଷେତ୍ର ସହିତ ସହଭାଗିତା ସ୍ଥାପନ କରିବା ଅନୁମତି ରହିଛି। ୩ ବର୍ଷ ମଧ୍ୟରେ ୫୦ଟି ଶିଳ୍ପ ପାର୍କ କାର୍ଯ୍ୟକ୍ଷମ ହେବା ନେଇ ଆଶା ସରକାର ରଖିଛନ୍ତି।

କେନ୍ଦ୍ରମନ୍ତ୍ରୀ ଗୋୟଲ ସୂଚନା ଦେଇଛନ୍ତି ଯେ ଗତ ପ୍ରାୟ ୨ ମାସ ପୂର୍ବେ କ୍ୟାବିନେଟ୍ ଏହି ଯୋଜନାକୁ ମଞ୍ଜୁରି ଦେଇଥିଲା। କେନ୍ଦ୍ର ସରକାର ଆଶା ରଖିଛନ୍ତି ଯେ ଏହି ଯୋଜନା ଦେଶରେ ଶିଳ୍ପ ବିକାଶକୁ ଆଗକୁ ନେବାରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ବିଶ୍ୱଶ୍ରେଣୀର ଶିଳ୍ପ ପାର୍କ ସ୍ଥାପନ ହେଲେ ଦେଶରେ ଉତ୍ପାଦନକୁ ବଳ ମିଳିବ। ଏଥିସହିତ ନିଯୁକ୍ତି ସୁଯୋଗ ମଧ୍ୟ ବ୍ୟାପକ ହେବ।

## କେମିକାଲ ଲିକ୍: ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ

**ଆମେରିକା, ୨୩।୫ (ଏଜେନ୍ସି):** ଆମେରିକାର ସାଉଥ କାଲିଫର୍ନିଆରେ ଏକ ବିପଜ୍ଜନକ କେମିକାଲ ଜିନିଷ ଲିକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ସେଥିପାଇଁ ଶୁକ୍ରବାର ପ୍ରାୟ ୪୦ ହଜାର ଲୋକଙ୍କୁ ସେହି ସ୍ଥାନୀୟ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି ।



ରିପୋର୍ଟ ଅନୁଯାୟୀ, ପ୍ଲାଷ୍ଟିକ୍ ତିଆରିରେ ବ୍ୟବହୃତ ଏକ ବିପଜ୍ଜନକ କେମିକାଲ ପଦାର୍ଥ ଲିକ୍ ହେଉଛି। ଅଧିକାରୀମାନେ କହିଛନ୍ତି ଯେ, କେମିକାଲ ଲିକ୍ ହେବା ଯୋଗୁଁ ଏହା ବିସ୍ଫୋରଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏବେ କେମିକାଲ ଟାଙ୍କି ଲିକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରହିଛି ।

ଏହାରି ମଧ୍ୟରେ ଗୁରୁବାର ଦିନ ଗାର୍ଡେନ୍ ଗ୍ରୋଭ୍ ସହରର ଏକ ଏରୋସ୍ପେସ୍ ପ୍ଲାଷ୍ଟିକ୍ କାରଖାନାରେ ୨୨,୭୦୦ ରୁ ୨୬,୫୦୦ ଲିଟର ମିଥାଇଲ୍ ମେଥାକ୍ରିଲେଟ୍ ଭର୍ତ୍ତି ଏକ ଷ୍ଟୋରେଜ୍ ଟ୍ୟାଙ୍କ ବହୁତ ଗରମ ହୋଇଗଲା ଏବଂ ଏହାର ବାଷ୍ପ ବ୍ୟାପିବାକୁ ଲାଗିଲା ବୋଲି ଅରେଞ୍ଜ କାଉଣ୍ଟି ଅଗ୍ନିଶମ ବିଭାଗ କହିଛି । କର୍ତ୍ତୃପକ୍ଷ ଗାର୍ଡେନ୍ ଗ୍ରୋଭ୍ର ବାସିନ୍ଦାଙ୍କୁ ସହର ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗାର୍ଡେନ୍ ଗ୍ରୋଭ୍ ଅଗ୍ନିଶମ ମୁଖ୍ୟ କ୍ରେଗ୍ କୋଭେ ଶୁକ୍ରବାର ଦିନ କହିଛନ୍ତି ଯେ ଟ୍ୟାଙ୍କଟି ଫାଟିପାରେ । ଯାହା ଫଳରେ ଏହି କେମିକାଲ ପଡ଼ିବା ଦ୍ୱାରା ବିସ୍ଫୋରଣ ହୋଇପାରେ। କୋଭେ କହିଛନ୍ତି, ଏହି ବିସ୍ଫୋରଣକୁ ରୋକିବାକୁ ପ୍ରୟାସ କରାଯାଉଛି ।

ଅନ୍ୟପଟେ ଶୁକ୍ରବାର ଦିନ କେମିକାଲ ଲିକ୍ ହେବା ଫଳରେ ପାଞ୍ଚଟି ଅନ୍ୟ ଅରେଞ୍ଜ କାଉଣ୍ଟି ସହରର ଅନ୍ୟ ୫ ସହର ସାଇପ୍ରେସ୍, ଷ୍ଟାଣ୍ଟନ୍, ଆନାହେମ୍, ବୁଏନା ପାର୍କ ଏବଂ ୱେଷ୍ଟମିନିଷ୍ଟରର କିଛି ବାସିନ୍ଦାଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ ଜାରି କରାଯାଇଥିଲା । ଅଧିକାରୀମାନେ ରାତାରାତି ଟ୍ୟାଙ୍କରୁ ଲିକ୍ ବନ୍ଦ କରିବାରେ ଅସମର୍ଥ ହେବା ପରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା । ଏହି ଘଟଣା ଏରୋସ୍ପେସ୍‌ରେ ଘଟିଥିଲା । ଯାହା ବାଣିଜ୍ୟିକ ଏବଂ ସାମରିକ ବିମାନର ଅଂଶ ତିଆରି କରେ । କେମିକାଲ ଲିକ୍ ରୋକିବା ପାଇଁ ଘଟଣାସ୍ଥଳରେ ଏବେ ବି ପ୍ରୟାସ ଜାରି ରହିଛି।

## ଜଳୁଛି ତେଲଙ୍ଗାନା, ଅଂଶୁଘାତରେ ୧୬ ମୃତ

**ହାଇଦ୍ରାବାଦ୍, ୨୩।୫ (ଏଜେନ୍ସି):** ତେଲେଙ୍ଗାନାରେ ଗ୍ରୀଷ୍ମ ଲହରି ଏବେ ବିକରାଳ ରୂପ ଧାରଣ କରିଛି। ବିଭିନ୍ନ ସ୍ଥାନରେ ଅଂଶୁଘାତ ଯୋଗୁ ୧୬ ଜଣଙ୍କ ମୃତ୍ୟୁ ହେଲାଣି। ରାଜ୍ୟ ରାଜସ୍ୱ ମନ୍ତ୍ରୀ ପି.ଶ୍ରୀନିବାସ ରେଡ୍ଡୀ ଶନିବାର ଏହି ସୂଚନା ଦେଇଛନ୍ତି। ସରକାର ଅଂଶୁଘାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଚଳିତବର୍ଷ ତେଲେଙ୍ଗାନାରେ ଭୀଷଣ ଗରମ ପଡିଛି। ଫଳରେ ସାରା ରାଜ୍ୟରେ ଗ୍ରୀଷ୍ମ ଲହର ଜାରିଥିବାବେଳେ ରାଜ୍ୟର ଅଲଗା ଅଲଗା ୭ ଜିଲ୍ଲାରେ ଅଂଶୁଘାତ ମୃତ୍ୟୁ ରେକର୍ଡ ହୋଇଥିବା ରାଜସ୍ୱମନ୍ତ୍ରୀ କହିଛନ୍ତି।

ଏ ନେଇ ରାଜସ୍ୱମନ୍ତ୍ରୀ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏହି ବୈଠକରେ ହିଟୱେଭ ଯୋଗୁ ଉପୁଜିଥିବା ପରିସ୍ଥିତି ନେଇ ଆଲୋଚନା ହୋଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କଲେକ୍ଟରଙ୍କ ରିପୋର୍ଟ ଅନୁସାରେ ଜୟଶଙ୍କର ଭୂପାଲପଲ୍ଲୀ ଜିଲ୍ଲାରେ ସର୍ବାଧିକ ୪ଟି ଅଂଶୁଘାତ ମୃତ୍ୟୁ ହୋଇଛି। ଏହା ପଛକୁ ୱାରଙ୍ଗଲ ଅର୍ବାନ, କରୀମ ନଗର ଓ ନିଜାମାବାଦରେ ୩ ଜଣ ଲେଖାଏ ଲୋକ ପ୍ରାଣ ହରାଇଛନ୍ତି।

ସେହିପରି ଜୋଗୁଲମ୍ବା ଗଡ଼ୱାଲ, ରଙ୍ଗାରେଡ୍ଡୀ ଓ ସୂର୍ଯ୍ୟାପେଟରେ ଜଣେ ଲେଖାଏଁ ଲୋକଙ୍କ ଅଂଶୁଘାତ ମୃତ୍ୟୁ ହୋଇଛି। ଅଂଶୁଘାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରଙ୍କୁ ସହାୟତା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ପ୍ରତି ମୃତକଙ୍କ ପରିବାର ଲୋକଙ୍କ ନିମନ୍ତେ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ। ଏହି ସୂଚନା ସରକାରଙ୍କ ଦ୍ୱାରା ଜାରି ଅଧିକାରୀକ ବିଜ୍ଞପ୍ତିରେ ମଧ୍ୟ ସୂଚିତ କରାଯାଇଛି।

ତେଲେଙ୍ଗାନାରେ ଏବେ ତାପମାତ୍ରା ଲଗାତାର ବଢିବାରେ ଲାଗିଛି। ଅନେକ ଅଞ୍ଚଳରେ ଗ୍ରୀଷ୍ମ ଲହର ଚାଲିଛି। ତେବେ ପାଣିପାଗ ବିଭାଗ ପୂର୍ବରୁ ଲୋକଙ୍କୁ ଏଥି ପାଇଁ ସତର୍କ କରିଥିଲେ। ଗରମ ଦିପହରେ ବାହାରକୁ ନ ବାହାରିବା, ଖରାରୁ ବର୍ତ୍ତିବା ଓ ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦେଇଥିଲେ। ଅସହ୍ୟ ଗରମ ଲୋକଙ୍କୁ ଏବେ ସମସ୍ୟାରେ ପକାଇଛି। ବିଶେଷ କରି ବୟସ୍କ, ପିଲା ଓ ଅସୁସ୍ଥ ଲୋକଙ୍କୁ ଅଧିକ ସାବଧାନତା ଅବଲମ୍ବନ କରିବାକୁ କୁହାଯାଉଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନିହାତି କାମ ନଥିଲେ ଘରୁ ପଦାକୁ ବାହାରିବାକୁ ବାରଣ କରାଯାଇଛି।

# ଯୁବପିଢ଼ିଙ୍କ ଡିଜିଟାଲ ଆନ୍ଦୋଳନକୁ ସୋନମ ୱାଙ୍ଗଚୁକଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ପ୍ରତିଷ୍ଠିତ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗଚୁକ ଶନିବାର ଦେଶର ଯୁବପିଢ଼ିଙ୍କ ଦ୍ୱାରା ଚାଲିଥିବା ଅନଲାଇନ୍ 'କକ୍ରୋଚ୍'ଆନ୍ଦୋଳନ ପ୍ରତି ନିଜର ସମର୍ଥନ ଜଣାଇଛନ୍ତି। ଇଣ୍ଟରନେଟରେ ଚର୍ଚ୍ଚାରେ ଥିବା ଏହି କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଅଭିଯାନକୁ ସେ ପ୍ରଶଂସା କରିବା ସହ ନିଜକୁ ଏହି ଆନ୍ଦୋଳନର ଜଣେ ସମ୍ମାନଜନକ କକ୍ରୋଚ୍ ବୋଲି ଆଖ୍ୟା ଦେଇଛନ୍ତି। ଏହାସହ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ଯୁବପିଢ଼ିଙ୍କ ଡିଜିଟାଲ୍ ଅଭିବ୍ୟକ୍ତିକୁ ଦବାଇବା ପରିବର୍ତ୍ତେ ସେମାନଙ୍କର ସମସ୍ୟା ଓ ଚିନ୍ତାକୁ ବୁଝିବାକୁ ଚେଷ୍ଟା କରାଯାଉ।




ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ୱାଙ୍ଗଚୁକ ଏକ ସାକ୍ଷାତକାରରେ କହିଛନ୍ତି, ଅନେକ ମହଲରୁ ମୋତେ ଏହି ବିଷୟରେ କହିବାକୁ ଏବଂ ଏହାର ସଦସ୍ୟ ହେବାକୁ ଅନୁରୋଧ କରାଯାଇଛି। କିନ୍ତୁ ମୁଁ ଭାବୁଛି ଏହାର ମୁଖ୍ୟ ସଦସ୍ୟ ହେବା ପାଇଁ ମୋର ଯୋଗ୍ୟତା ନାହିଁକାରଣ ମୁଁ ବେକାର ନୁହେଁ କି କାମଚୋର (ଅଳସୁଆ) ନୁହେଁ। ତେଣୁ ଦୁଃଖର ସହ ମୁଁ ଏହାର ନିୟମିତ ସଦସ୍ୟ ହୋଇପାରିବି ନାହିଁ, କିନ୍ତୁ ନିଶ୍ଚିତ ଭାବେ ମୁଁ ନିଜକୁ ଏହି ଆନ୍ଦୋଳନର ଜଣେ 'ସମ୍ମାନଜନକ କକ୍ରୋଚ୍' ବୋଲି ମାନୁଛି ।

ଗତ କିଛି ଦିନ ହେବ ସୋସିଆଲ ମିଡିଆରେ ଏହି ଅଭିଯାନ ଖୁବ୍ ଜୋର ଧରିଛି। ଏଥିରେ ଯୁବପିଢ଼ିମାନେ ବେକାରୀ, ପରୀକ୍ଷା ପେପର ଲିକ୍ ଏବଂ ପ୍ରଶାସନିକ ସ୍ୱଚ୍ଛତା ଭଳି ଗମ୍ଭୀର ସମସ୍ୟାଗୁଡ଼ିକୁ ବ୍ୟଙ୍ଗ ଏବଂ ମିମ୍ସ ମାଧ୍ୟମରେ ଉପସ୍ଥାପନ କରୁଛନ୍ତି। କକ୍ରୋଚ୍ ପ୍ରତିକୂଳ ପରିସ୍ଥିତିରେ ତିଷ୍ଠି ରହିବାର ଏକ ପ୍ରତୀକ ଭାବେ ବ୍ୟବହାର କରାଯାଉଛି। ଏହି ଆନ୍ଦୋଳନର ପ୍ରତିଷ୍ଠାତା ଅଭିଯୋଗ କରିଛନ୍ତି ଯେ, ସେମାନଙ୍କର ଡିଜିଟାଲ୍ ସ୍ୱରକୁ ଦବାଇବା ପାଇଁ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ସସପେଣ୍ଡ (ବନ୍ଦ) କରାଯାଉଛି ଏବଂ ହ୍ୟାକ୍ କରିବାକୁ ଚେଷ୍ଟା କରାଯାଉଛି।

ସୋନମ ୱାଙ୍ଗଚୁକ କହିଛନ୍ତି ଯେ, ସରକାର ଏହି ଅଭିଯାନକୁ ଏକ ବିପଦ ଭାବେ ନଦେଖି ଗଣତାନ୍ତ୍ରିକ ପ୍ରତିକ୍ରିୟା ଭାବେ ଗ୍ରହଣ କରିବା ଉଚିତ୍। ସେ ସମ୍ବାଦପତ୍ରର କାର୍ଟୁନ୍ ସହ ଏହାର ତୁଳନା କରି କହିଛନ୍ତି ଯେ, ଯେପରି ପ୍ରଧାନମନ୍ତ୍ରୀ କିମ୍ବା ଗୃହମନ୍ତ୍ରୀଙ୍କ କାର୍ଟୁନ୍ ପାଇଁ କାର୍ଟୁନିଷ୍ଟଙ୍କୁ ଦଣ୍ଡ ଦିଆଯାଏ ନାହିଁ, ସେହିପରି ଏହି ଡିଜିଟାଲ୍ ବ୍ୟଙ୍ଗକୁ ସହାନୁଭୂତିର ସହ ଦେଖିବା ଦରକାର। ୱାଙ୍ଗଚୁକ ଚେତାବନୀ ଦେଇଛନ୍ତି ଯେ, ଅନଲାଇନ୍ ମାଧ୍ୟମରେ ନିଜର ଅସନ୍ତୋଷ ପ୍ରକାଶ କରୁଥିବା ଯୁବପିଢ଼ିଙ୍କ ଆକାଉଣ୍ଟ ବନ୍ଦ କଲେ ସେମାନଙ୍କ ମଧ୍ୟରେ କ୍ରୋଧ ଆହୁରି ବଢ଼ିବ ଏବଂ ଏହା ଉଗ୍ର ରୂପ ନେଇପାରେ। ତେଣୁ ସେ ଯୁବପିଢ଼ିଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ସ୍ୱର ଉତ୍ତୋଳନ କରିବାକୁ ଏବଂ ସେମାନଙ୍କୁ କୋଣଠେସା ନକରିବାକୁ ସରକାରଙ୍କୁ ଅପିଲ୍ କରିଛନ୍ତି।

# ପାକିସ୍ତାନରେ ଗଠନ ହେଲା କକ୍ରୋଚ ପାର୍ଟି

**ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** ଭାରତରୁ ପାକିସ୍ତାନକୁ ଉଡ଼ିଲା କକ୍ରୋଚ। ଏବେ ପାକିସ୍ତାନରେ ଗଠନ ହେଲା କକ୍ରୋଚ ପାର୍ଟି। ଭାରତରେ ଏହି ଟ୍ରେଣ୍ଡ ଏବେ ପାକିସ୍ତାନକୁ ଡେଇଁଛି। ପାକିସ୍ତାନରେ ଦୁଇଟି କକ୍ରୋଚ ପାର୍ଟି– କକ୍ରୋଚ ଆୱାମୀ ପାର୍ଟି (ସିଏପି) ଏବଂ କକ୍ରୋଚ ଆୱାମୀ ଲିଗ (ସିଏଏଲ୍)ର ଗଠନ ହୋଇଛି।




ପ୍ରକୃତରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ମନ୍ତବ୍ୟ ପରେ ଏହି ଟ୍ରେଣ୍ଡ ଆରମ୍ଭ ହୋଇଛି। ସୂର୍ଯ୍ୟକାନ୍ତ ବିଭିନ୍ନ ଆନ୍ଦୋଳନରେ ସାମିଲ ହେଉଥିବା ଯୁବବର୍ଗଙ୍କୁ କକ୍ରୋଚ ଏବଂ ପରଜୀବୀ ବୋଲି କହିଥିଲେ। ଏହାକୁ ନେଇ ବିବାଦ ତେଜିବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ତାଙ୍କର ମନ୍ତବ୍ୟ ସବୁ ବେକାର ଯୁବବର୍ଗଙ୍କ ପାଇଁ ନଥିଲା। ବିଚାରପତିଙ୍କ ଏଭଳି ମନ୍ତବ୍ୟକୁ ସୋସିଆଲ୍ ମିଡିଆରେ ପ୍ରବଳ ବିରୋଧ କରାଯାଇଥିଲା।

ଏହାପରେ ଆମ ଆଦ୍‌ମୀ ପାର୍ଟିର ଜଣେ ପୂର୍ବତନ ସୋସିଆଲ୍ ମିଡିଆ କର୍ମୀ ଅଭିଜିତ ଦୀପକେ ମେ ୬ ତାରିଖରେ ସୋସିଆଲ୍ ମିଡିଆରେ କକରୋଚ ଜନତା ପାର୍ଟି ଗଠନ କରିଥିଲେ। ଚାହୁଁ ଚାହୁଁ ଏହି ଆକାଉଣ୍ଟକୁ ଏତେ ସପୋର୍ଟ ମିଳିଥିଲା ଯେ ଏହାର ଇନଷ୍ଟା ଆକାଉଣ୍ଟ ମାତ୍ର ୪ ଦିନରେ ୧୫ ମିଲିଅନ ଅତିକ୍ରମ କରିଥିଲା। ଯାହା ବିଜେପିର ଇନଷ୍ଟା ଆକାଉଣ୍ଟସର ଫଲୋଆର୍ସକୁ ଟପିଯାଇଥିଲା। ପରେ ଏହି ଆକାଉଣ୍ଟକୁ ଭାରତରେ ବନ୍ଦ କରିଦିଆଯାଇଥିଲା। କିନ୍ତୁ ଅଭିଜିତ ଆଉ ଏକ ଆକାଉଣ୍ଟ ଖୋଲି ପୁଣି ଲୋକଙ୍କୁ ଫଲୋ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଆକାଉଣ୍ଟକୁ ବି ଲୋକେ ପାଗଳ ପରି ଫଲୋ କରିଥିଲେ।

ଆଉ ଏବେ ଏହି କକ୍ରୋଚ ପାର୍ଟିର ଟ୍ରେଣ୍ଡ ପାକିସ୍ତାନରେ ଦେଖା ଦେଇଛି। ଭାରତରେ ଏହାର ସଫଳତା ଦେଖି ପାକିସ୍ତାନରେ ମଧ୍ୟ ଅନଲାଇନ କକ୍ରୋଚ ପାର୍ଟି ଗଠନ କରାଯାଇଛି। ପାକିସ୍ତାନର କକରୋଚ ଆୱାମୀ ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟର ବାୟୋରେ ଲେଖାଯାଇଛି ''ହଁ କପି ହେଇଛି, କିନ୍ତୁ ସେଥିରେ କ'ଣ ଅଛି, ଲକ୍ଷ୍ୟ କିନ୍ତୁ ସମାନ।'' ଏହି ଆକାଉଣ୍ଟଟି ସବୁଜ ଏବଂ ଧଳା ବ୍ରାଣ୍ଡିଂ ବ୍ୟବହାର କରିବା ସହ ପାକିସ୍ତାନରେ ପ୍ରତ୍ୟେକ ଜେନ–ଜିର ପ୍ରକୃତ ସ୍ୱର ହେବାର ଲକ୍ଷ୍ୟ ରଖିଛି। ଏହା ନିଜକୁ ପ୍ରତିଷ୍ଠିତ ରାଜନୈତିକ ଦଳଗୁଡ଼ିକର ବିକଳ୍ପ ଭାବରେ ସ୍ଥାପିତ କରିବାକୁ ଚାହୁଁଛି।

ସୋସିଆଲ୍ ମିଡିଆରେ ଏକ୍ସରେ ଏକାଧିକ ଆକାଉଣ୍ଟ କ୍ରିଏଟ ହୋଇଛି। ସେଥିରେ ଗୋଟିଏ ପେଜ୍‌ରେ ଲେଖାଯାଇଛି ''ଜିନ୍ହେ ସିଷ୍ଟମରେ କକରୋଚ ସମଝା, ହମ ଉନ୍ହି ଆୱାମ କୀ ଆୱାଜ ହେଁ।'' ସେହିଭଳି ଅନ୍ୟ ଏକ ପେଜ୍ କକ୍ରୋଚ ଆୱାମୀ ଲିଗରେ ସ୍ଲୋଗାନ ରହିଛି. ହର ହାଲାତ ମେଁ ଜିନ୍ଦା ହେ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida